READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବର୍ଷ-୨ ସଂଖ୍ୟା-୦୪ ୦୫ ଫେବୃଆରୀ - ୧୧ ଫେବୃଆରୀ, ୨୦୧୮ ଭୁବନେଶ୍ୱର ● Monday Weekly ● VOL-2 ISSUE-04 05th FEBRUARY. - 11th FEBRUARY, 2018 BHUBANESWAR ₹ 5/- (8 Pages)



ସମ୍ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ଶତାବ୍ଦୀର ବିରଳ ମହାଜାଗତିକ ଦୃଶ୍ୟ

### ମାହାଙ୍ଗା ମିଶ୍ରଣ ପର୍ବରେ ନବୀନଙ୍କ ଉପରେ ବର୍ଷିଲେ ଧର୍ମେନ୍ଦ୍ର

## ‘କୁନ୍ଦୁଲି ପୀଡିତାଙ୍କ ଆତ୍ମହତ୍ୟା ପାଇଁ ରାଜ୍ୟ ସରକାର ଦାୟୀ’

**ଭୁବନେଶ୍ୱର :** ବହୁ ଚର୍ଚ୍ଚିତ କୁନ୍ଦୁଲି ଗଣଦୁଷ୍କର୍ମ ଓ ପୀଡ଼ିତା ସସ୍ମିତାଙ୍କ ଆତ୍ମହତ୍ୟା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏଥିପାଇଁ ଦାୟୀ କରିବା ସହିତ କୁନ୍ଦୁଲି ପୀଡିତାଙ୍କ ଆତ୍ମହତ୍ୟା ପାଇଁ ରାଜ୍ୟ ସରକାର ଦାୟୀ ବୋଲି କହିଛନ୍ତି। କଟକ ଜିଲ୍ଲାର ମାହାଙ୍ଗା ଠାରେ ଆୟୋଜିତ ମିଶ୍ରଣ



ପର୍ବରେ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀ ପ୍ରଧାନ କହିଥିଲେ ଯେ, ଅଞ୍ଜନା ମିଶ୍ରଙ୍କ ଘଟଣା ଘଟିଲା ବେଳେ ତତ୍କାଳୀନ ସରକାର ଯେଉଁ ଅହଙ୍କାରରେ ଥିଲେ ବର୍ତ୍ତମାନର କ୍ଷମତାରେ ଥିବା ଲୋକମାନେ ମଧ୍ୟ ସମାନ ଅହଙ୍କାର ଦେଖାଉଛନ୍ତି। ଓଡ଼ିଶାର ମା’ ଭଉଣୀଙ୍କ ଇଜ୍ଜତର ଲଢ଼େଇ ପାଇଁ ଏବେ ଓଡ଼ିଶାବାସୀ ପ୍ରସ୍ତୁତ ଅଛନ୍ତି ବୋଲି କହିଥିଲେ ➤ ପୃ-୬

## ‘ଉତ୍କର୍ଷ କଳା ପାଇଁ ବିଶ୍ୱରେ ଓଡ଼ିଶାର ପରିଚୟ ରହିଛି’

**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱର ସହର ହେଉଛି ଇତିହାସ, ଐତିହ୍ୟ ଓ ଆଧୁନିକତାର ସମ୍ମିଶ୍ରଣ। ସପ୍ତଦଶ ଶତାବ୍ଦୀର କଳିଙ୍ଗ ସ୍ଥାପତ୍ୟ ସାରା ବିଶ୍ୱକୁ ଆକର୍ଷିତ କରିବା ସହିତ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ପୁରୀ ଓ କୋଣାର୍କ ସୂର୍ଯ୍ୟ ମନ୍ଦିରର ଉତ୍କର୍ଷ କଳାକୃତି ଓଡ଼ିଆ ସଂସ୍କୃତିର ପରିଚୟ ବହନ କରୁଛି। ୟୁନେସ୍କୋର ଐତିହ୍ୟ ନଗରୀ ତାଲିକାରେ ରାଜ୍ୟର ଆହୁରି ଅନେକ ଐତିହ୍ୟ ସ୍ଥଳୀର ନାମ ପଞ୍ଜିକୃତ ହେବା ଆବଶ୍ୟକ ବୋଲି କହିଛନ୍ତି



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପଞ୍ଚମ ଆନ୍ତର୍ଜାତିକ ଐତିହ୍ୟ ନଗରୀ ସମାରୋହକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ରାଜ୍ୟର ସମସ୍ତ ଐତିହ୍ୟ ସ୍ଥଳୀଗୁଡ଼ିକର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ପ୍ରତିଶ୍ରୁତିବଦ୍ଧ। ସ୍ମାର୍ଟ ସିଟି ଭୁବନେଶ୍ୱରର ସମସ୍ତ ପ୍ରକଳ୍ପରେ ରାଜଧାନୀର ଐତିହ୍ୟ ସ୍ଥାନ ପାଇବ। ଆଧୁନିକତାରେ ଯେପରି ପୁରାତନ ଐତିହ୍ୟ ଅକ୍ଷୁଣ୍ଣ ରହିବ ସେଥିପାଇଁ ➤ ପୃ-୬

## ୧୧ ଷ୍ଟେସନର ହେବ ଆଧୁନିକୀକରଣ

**ଭୁବନେଶ୍ୱର :** ଭୁବନେଶ୍ୱର ଷ୍ଟେସନ ବ୍ୟତୀତ ଅନ୍ୟ କୌଣସି ଷ୍ଟେସନ୍‌ର ଆଧୁନିକୀକରଣ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବ ନାହିଁ। ସ୍ମାର୍ଟ ସିଟି ପ୍ରକଳ୍ପରେ ଭୁବନେଶ୍ୱର ଷ୍ଟେସନ ପାଇଁ ରାଜ୍ୟ ସରକାର ୬୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ମାତ୍ର ରାଜ୍ୟର ଅନ୍ୟ କୌଣସି ଷ୍ଟେସନ୍‌ର ଆଧୁନିକୀକରଣ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରସ୍ତାବ ଦିଆଯାଇନାହିଁ। ଡେଙ୍କେପୁରୀ, ଭଦ୍ରକ, ବ୍ରହ୍ମପୁର, କଟକ, ଯାଜପୁର- କେନ୍ଦୁଝର ରୋଡ୍, ଖୋର୍ଦ୍ଧା ରୋଡ୍, ରାୟଗଡ଼ା, ସମ୍ବଲପୁର, ବାଲେଶ୍ୱର, ➤ ପୃ-୬

## ଆଗକୁ ଅସମ୍ଭାଳ ତାତି

**ଭୁବନେଶ୍ୱର :** ରାଜ୍ୟରେ ଗତ ସପ୍ତାହ ତୁଳନାରେ ଏବେ ଆଉ ଶୀତ ଋତୁର କୋହଲା ପବନ ନାହିଁ। ପ୍ରବାହିତ ହେଉଥିବା ଉତ୍ତରା ପବନ କ୍ରମଶଃ ଏଠାରୁ ବିଦାୟ ନେବାକୁ ବସିଲାଣି। ଉତ୍ତର ଭାରତର ରାଜ୍ୟଗୁଡ଼ିକରେ ପ୍ରବାହିତ ହେଉଥିବା ଥଣ୍ଡା ପବନର ବେଗ ଧୀରେଧୀରେ ହ୍ରାସ ପାଉଥିବା ଜଣାପଡିଛି। ଫଳରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଦିନବେଳା ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ଛୁଇଁବାକୁ ବସିଲାଣି। କିନ୍ତୁ ରାତି ସମୟରେ କାଁ ଭାଁ କିଛି ଜାଗାରେ ଉତ୍ତରା ପବନ ପ୍ରବାହିତ ହେଉଥିବାରୁ ଅଳ୍ପ ଶୀତ ଅନୁଭୂତ ହେଉଛି। ଯାହା ଜଣାପଡୁଛି ଦିନବେଳା ତାପମାତ୍ରା ଧିରେଧିରେ ବୃଦ୍ଧି ପାଇ ଫେବୃଆରୀ ଦ୍ୱିତୀୟ ସପ୍ତାହରୁ କେତେକ ସ୍ଥାନରେ ପାରଦ ୪୦ ଡିଗ୍ରୀ ଛୁଇଁବାର ଆଶଙ୍କା ରହିଛି। ସେହିଭଳି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସାଧାରଣତଃ ଫେବୃଆରୀ ➤ ପୃ-୬

## ଏମ୍‌ଏସ୍‌ପିକୁ ନେଇ ତେଜିଲା ରାଜନୀତି



**ଭୁବନେଶ୍ୱର :** ଚଳିତ ଆର୍ଥିକ ବର୍ଷର କେନ୍ଦ୍ର ବଜେଟ୍‌ରେ ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣକୁ ଏମ୍‌ଏସ୍‌ପି ଆକାରରେ ଦିଆଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଘୋଷଣା ପରେ ଏହାକୁ ନେଇ ଓଡ଼ିଶାରେ ରାଜନୀତି ସରଗରମ। କେନ୍ଦ୍ର ସରକାରଙ୍କ ଏହି ଘୋଷଣାକୁ ନେଇ ବିଜେଡି ଓ କଂଗ୍ରେସ ସନ୍ଦେହ ବ୍ୟକ୍ତ କରିଥିବାବେଳେ ବିଜେପି ଏହାକୁ ସନ୍ଦେହୀ ଲୋକଙ୍କ ସବୁ କଥାରେ ସନ୍ଦେହର ଅଭ୍ୟାସ କହି ପ୍ରସଙ୍ଗକୁ ଏଡ଼ାଇ ଯାଇଛି। ବଜେଟ୍‌ରେ ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ ଅର୍ଥକୁ ଏମ୍‌ଏସ୍‌ପି ଆକାରରେ ଆସନ୍ତା ଖରିଫ ବର୍ଷରୁ ଦିଆଯିବ ବୋଲି ଘୋଷଣା କରିଛନ୍ତି ଶ୍ରୀ ଜେଟଲୀ। ତେବେ ଆଜି ପର୍ଯ୍ୟନ୍ତ ଚୁପ୍ ବସିଥିବା କେନ୍ଦ୍ରର ବିଜେପି ସରକାର କାହିଁକି ଏବେ ଏଭଳି ଘୋଷଣା କଲେ ବୋଲି ପ୍ରଶ୍ନ କରିଛି ବିଜେଡି। ବିଜେଡି ମୁଖପାତ୍ର ପ୍ରତାପ କେଶରୀ ଦେବ କହିଛନ୍ତି ଯେ, ଧାନର ଉତ୍ପାଦନ ମୂଲ୍ୟ ଦେଢ଼ଗୁଣ ପାଇଁ ବିଜେଡି ଦୀର୍ଘଦିନ ହେବ ଦାବି କରି ଆସୁଛି। କେନ୍ଦ୍ର ସରକାର ବିଳମ୍ବରେ ଏହି ଘୋଷଣା କରିଛନ୍ତି। ବିଜେଡି ସରକାର ୪ବର୍ଷ ହେଲା ଚିଠି ଲେଖୁଥିଲେ ବି ସେମାନେ ମନା କରୁଥିଲେ। ଏଥର କିନ୍ତୁ ବଜେଟ୍‌ରେ ଆଣିଛନ୍ତି। ➤ ପୃ-୬

# ସ୍ୱାଧୀନତା ସଂଗ୍ରାମୀ ଭକ୍ତଚରଣ



ଆବିର୍ଭାବ : ୧୫.୦୭.୧୯୧୮ ତିରୋଧାନ : ୩୧.୦୧.୨୦୧୮

ଏରସମା ଓ କୁଜଙ୍ଗ ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ **ଭକ୍ତଚରଣ ଦାଶ**ଙ୍କର ଗତ ୩୧ ତାରିଖରେ ତାଙ୍କ ପଲ୍ଲୀକଣ୍ଠା ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ଶହେ ବର୍ଷ ପାର ହୋଇଥିଲା। ଯୁବକ ଅବସ୍ଥାରେ ସେ ଏହି ଅଞ୍ଚଳର ପୂର୍ବତନ ଉପବାଚସ୍ପତି ସ୍ୱର୍ଗୀୟ ନାରାୟଣ ବୀରବର ସାମନ୍ତ, ପୂର୍ବତନ ବିଧାୟକ ସ୍ୱର୍ଗୀୟ ଗୌରୀଶ୍ୟାମ ନାୟକ, ସ୍ୱର୍ଗୀୟା ରତ୍ନମାଳୀ ଜେମା, ଜଗତ୍‌ସିଂହପୁରର ପୂର୍ବତନ ବିଧାୟକ ସ୍ୱର୍ଗୀୟ କସ୍ତୁରୀ ମଲିକ, ଲୋକସଭାର ପୂର୍ବତନ ଉପବାଚସ୍ପତି ସ୍ୱର୍ଗୀୟ ରବି ରାୟ ଇତ୍ୟାଦିଙ୍କ ସହିତ ମିଶି ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

୧୯୪୨ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ଭାରତ ଛାଡ ଆନ୍ଦୋଳନରେ ଯୋଗଦେଇ ଏରସମା ଥାନା ପୋଡିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାଲିକୁଦା ଥାନାର ଚମ୍ପାହାଟକୁ ଜବାହରଲାଲ ନେହେରୁ ଆସିଥିଲା ବେଳେ ସେ ସେଠାରେ ଗାନ୍ଧିଜୀଙ୍କ ଡାକରାରେ ହରିଜନଙ୍କ ସହିତ ଏକାଠି ମିଶି ପଂକ୍ତି ଭୋଜନରେ ଯୋଗଦେଇ ସେତେବେଳର ବ୍ରାହ୍ମଣ ସମାଜର କ୍ରୁର ଦୃଷ୍ଟିରେ ପଡିଥିଲେ। ଏଥିପାଇଁ ତାଙ୍କୁ ସାମାଜିକ ସ୍ତରରେ ଅଶେଷ ଯନ୍ତ୍ରଣା ଭୋଗ କରିବାକୁ ପଡିଥିଲା। ମୃତ୍ୟୁ ସମୟରେ ତାଙ୍କର ତିନିପୁତ୍ର, ଦୁଇ କନ୍ୟା ଓ ନାତି ନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଭକ୍ତଚରଣଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

**ଆର୍ତ୍ତତ୍ରାଣ ଦାଶ**
*କୃଷି ବିଜ୍ଞାନୀ, ଓୟୁଏଟି*
**ପଲ୍ଲୀକଣ୍ଠା, ଏରସମା, ଜଗତସିଂହପୁର**

### ଔପଦା ବ୍ଲକରେ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥା ଫେଲ୍ !

## ମଧ୍ୟାହ୍ନ ଭୋଜନରେ ମୁଢ଼ି ଓ ତେନ୍ତୁଳି ଖଟା

**ବାଲେଶ୍ୱର, (ବିରଞ୍ଚି କୁମାର ପ୍ରଧାନ) :** ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ୍‌ର ନରସିଂହପୁର ପଞ୍ଚାୟତ, ରାଜନଗର ଗ୍ରାମରେ ଥିବା ମଧ୍ୟ-ଇଂରାଜୀ ବିଦ୍ୟାଳୟ ପାଇଁ ମଧ୍ୟାହ୍ନ ଭୋଜନ ଯୋଜନା ବିପର୍ଯ୍ୟସ୍ତ ହୋଇପଡିଛି। ୧୯୯୩ ମସିହାରେ ନିର୍ମିତ ଉକ୍ତ ବିଦ୍ୟାଳୟରେ ୬ଷ୍ଠ ଏବଂ ସପ୍ତମ ଶ୍ରେଣୀରେ ମୋଟ ୪୧ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ବିଶେଷକରି ଏଠାରେ ହରିଜନ ଓ ଆଦିବାସୀ ପିଲା ପାଠ ପଢୁଥିବାବେଳେ ଶିକ୍ଷାଦାନ ପାଇଁ ଏହି ବିଦ୍ୟାଳୟରେ ମାତ୍ର ୨ଜଣ ଶିକ୍ଷକ ଅଛନ୍ତି। ପ୍ରଧାନଶିକ୍ଷକ ଓ ସହ ପ୍ରଧାନଶିକ୍ଷକ ଅଛନ୍ତି। ୨୦୦୬ ଓ ୨୦୦୭ ମସିହାରେ ସରକାରଙ୍କ ଦ୍ୱାରା



ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅନୁଦାନ ମିଳିନାହିଁ। ମଧ୍ୟାହ୍ନଭୋଜନ ବେଳେ ପାଖରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଅଣ୍ଡା ତରକାରୀ ସହ ଭାତ ଦିଆଯାଉଥିବା ବେଳେ ଉକ୍ତ ଏମ୍‌ଇ ସ୍କୁଲରେ ପିଲାଙ୍କୁ ମୁଢ଼ି ଆଉ ତେନ୍ତୁଳି ଖଟା ମଧ୍ୟାହ୍ନ ➤ ପୃ-୬




**ପୃଷ୍ଠା - ଦୁଇ**
ତାଲିବାନ୍ ସହ ଆଲୋଚନାକୁ ଟ୍ରମ୍ପଙ୍କ ନା’
ବିଶ୍ୱରେ ଦ୍ୱିତୀୟ ଶସ୍ତା ଦେଶ ଭାରତ

**ପୃଷ୍ଠା - ତିନି**
ଚେତିଲେ ସରକାର, ଧାଇଁବେ ଅଫିସର
ମେଡିକାଲ ପାଇଁ ରାସ୍ତାରୋକ୍

**ପୃଷ୍ଠା - ଚାରି**
କାର୍ଯ୍ୟକାରିତା ଗୁରୁତ୍ୱପୂର୍ଣ୍ଣ
ଆସିଆନ୍‌ର ଆଶା

**ପୃଷ୍ଠା - ପାଞ୍ଚ**
ଅମୁହାଁ ଦେଉଳ ଭାରତବର୍ଷ
କଥାଦେଲି ମଥା ଛୁଇଁ

**ପୃଷ୍ଠା - ଛଅ**
ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ଉପରେ ଆକ୍ରମଣ
କାଇପଦରରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବାକୁ ଦାବି

**ପୃଷ୍ଠା - ସାତ**
ଶ୍ରୀଦତ୍ତା-କ୍ଷଣକେ ଦୂର କରନ୍ତି ମାନସିକ ବ୍ୟାଧି
ସମୃଦ୍ଧ କଳା ଓ ସଂସ୍କୃତିର ଭୂମି ହେଉଛି ଓଡ଼ିଶା : ରାଜ୍ୟପାଳ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ତାଲିବାନ୍ ସହ ଆଲୋଚନାକୁ ଟ୍ରମ୍ପ୍‌ଙ୍କ ନା'



**ୱାଶିଂଟନ୍ :** ଆଫଗାନିସ୍ତାନରେ ତାଲିବାନ୍‌ର ବାରମ୍ବାର ହମ୍‌ଲା ପରିପ୍ରେକ୍ଷୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏହି ଆତଙ୍କୀ ସଂଗଠନ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ତାଲିବାନ୍ ସହ କୌଣସି ପ୍ରକାର ଆଲୋଚନା କରାଯିବ ନାହିଁ, ବରଂ ସେମାନଙ୍କୁ ଶେଷ କରିଦିଆଯିବ ବୋଲି ଟ୍ରମ୍ପ୍ ରୋକ୍‌ଠୋକ୍ କହିବା ଭାରତ ପାଇଁ ଏକ ଖୁସିର ବିଷୟ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ନିକଟରେ କାବୁଲ୍‌ରେ ଏକାଧିକ ବିସ୍ଫୋରଣରେ ୧୩୦ରୁ ଅଧିକ ପ୍ରାଣ ହରାଇଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଜାତିସଂଘ ସୁରକ୍ଷା ପରିଷଦର ରାଷ୍ଟ୍ରଦୂତମାନଙ୍କ ଏକ ପ୍ରତିନିଧି ଦଳକୁ ଭେଟିବା ବେଳେ ଟ୍ରମ୍ପ୍ କହିଛନ୍ତି, ଆମେ ତାଲିବାନ୍ ସହ ଆଲୋଚନା କରିବାକୁ ଚାହୁଁନାହୁଁ। ଆଗରୁ ଏଥିପାଇଁ ହୁଏତ ସମୟ ଥିଲା। କିନ୍ତୁ ସେ ସମୟ ଗଡ଼ିଗଲାଣି। ଗତ ୪ ଦିନ ମଧ୍ୟରେ କାବୁଲ୍‌ରେ ୨ଟି ବଡ଼ ଧରଣର ଆତ୍ମଘାତୀ ହମ୍‌ଲା ହୋଇଛି। ବିସ୍ଫୋରକ ବୋଝେଇ ଆମ୍ବୁଲାନ୍ସ ଜନଗହଳିପୂର୍ଣ୍ଣ ପରିବହନ ଅଞ୍ଚଳରେ ବିସ୍ଫୋରଣ କରିବାରୁ ଶତାଧିକ ଲୋକ ପ୍ରାଣ ହରାଇଥିଲେ। ଜାତିସଂଘ ସୁରକ୍ଷା ପରିଷଦର ରାଷ୍ଟ୍ରଦୂତମାନଙ୍କ ପାଇଁ ଆୟୋଜିତ ମଧ୍ୟାହ୍ନ ଭୋଜିରେ ଯୋଗଦେବା ଅବସରରେ ଟ୍ରମ୍ପ୍ କହିଥିଲେ, ସେମାନେ ଆଖିବୁଜା ଲୋକଙ୍କୁ ମାରୁଛନ୍ତି। ଛୋଟ ଛୋଟ ପିଲା ଯେଉଁଠାରେ ଅଛନ୍ତି, ସେଠାରେ ଆଖିବୁଜା ବୋମା ମାଡ଼ କରାଯାଉଛି। ଆଫଗାନିସ୍ତାନର ଚାରିଆଡ଼େ ଏଭଳି ପରିସ୍ଥିତି ଦେଖିବାକୁ ମିଳୁଛି। ଅନ୍ୟମାନେ ଯାହା କିଛି କରିବାକୁ ସକ୍ଷମ ହେଉନାହାନ୍ତି, ଆମେ ତାହା କରିବୁ ଏବଂ ସେମାନଙ୍କୁ ଶେଷ କରିଦେବୁ। ଜାତିସଂଘ ସୁରକ୍ଷା ପରିଷଦର ରାଷ୍ଟ୍ରଦୂତମାନଙ୍କ ସହ ଆଲୋଚନା ବେଳେ ଟ୍ରମ୍ପ୍ ଉତ୍ତରକୋରିଆକୁ ଅଣୁଅସ୍ତ୍ର ମୁକ୍ତ କରିବା, ଇରାନର ବିଶୃଙ୍ଖଳିତ କାର୍ଯ୍ୟକୁ ବାଧାଦେବା ଏବଂ ସିରିଆରେ ଚାଲିଥିବା ଯୁଦ୍ଧର ଅବସାନ ଘଟାଇବା ପ୍ରସଙ୍ଗ ଉଠାଇଥିଲେ। ଇତିମଧ୍ୟରେ ପେଣ୍ଟାଗନ୍ ଏବଂ ଜାତିସଂଘରେ ଥିବା ଆମେରିକାର ବରିଷ୍ଠ କୂଟନୀତିଜ୍ଞ ଆଫଗାନିସ୍ତାନରେ ତାଲିବାନଙ୍କ ହମ୍‌ଲା ନେଇ ଘୋର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ନିକି ହାଲେ କହିଛନ୍ତି, ଆମେରିକା ଖୋଲାଖୋଲି ବାହାରିବା ପରେ ତାଲିବାନ୍‌ଙ୍କ ଉତ୍ପାତ କମୁଛି। ଆମେ ଏ ଦିଗରେ ଆଲୋଚନା ପାଇଁ ଅଗ୍ରସର ହେଉନାହୁଁ। ଗତ ଅଗଷ୍ଟ ମାସରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଥିବା ଦକ୍ଷିଣ ଏସିଆ ନୀତି ଏବେ କାର୍ଯ୍ୟକାରୀ ହେଉଛି ବୋଲି ସେ କହିଛନ୍ତି। ପେଣ୍ଟାଗନ୍ ପକ୍ଷରୁ ମଧ୍ୟ ଅନୁରୂପ ମତ ପ୍ରକାଶ ପାଇଛି। ପେଣ୍ଟାଗନ୍‌ର ମୁଖପାତ୍ର କର୍ଣ୍ଣେଲ୍ ରବ୍ ମ୍ୟାନିଙ୍ଗ୍ କହିଛନ୍ତି, ଆମେ ତାଲିବାନ୍ ସହ ଆଲୋଚନା କରିବା ପ୍ରଶ୍ନ ଉଠୁନାହିଁ। ସେମାନେ ଅତି ମାରାତ୍ମକ। ଗତ ସପ୍ତାହରେ ଘଟିଥିବା ବିସ୍ଫୋରଣ ତା'ର ପ୍ରମାଣ। ନିରୀହ ଲୋକଙ୍କୁ ଅବିଚାରିତ ଭାବେ ହତ୍ୟା କରିବା ଆଦୌ ସ୍ପୃହଣୀୟ ନୁହେଁ। ଉଲ୍ଲେଖଯୋଗ୍ୟ ଯେ, ଆଫଗାନ ତାଲିବାନ ଓ ହକାନୀ ନେଟ୍‌ୱର୍କ ବିରୋଧରେ ପାକିସ୍ତାନ ବିହିତ ପଦକ୍ଷେପ ନ ନେବାରୁ ଆମେରିକା ଇସ୍‌ଲାମାବାଦକୁ ସୁରକ୍ଷା ସହାୟତା ବାବଦ ୨୦୦ କୋଟି ଡଲାର ବନ୍ଦ କରିଦେଇଛି।

## ବିଚାରପତିଙ୍କ ବେତନ ବଢ଼ିଲା

**ନୂଆଦିଲ୍ଲୀ :** ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟର ବିଚାରପତିମାନଙ୍କ ବେତନ ବୃଦ୍ଧି ପାଇଁ କେନ୍ଦ୍ର ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏହା ଫଳରେ ଭାରତର ପ୍ରଧାନ ବିଚାରପତିଙ୍କ ମାସିକ ବେତନ ୧ ଲକ୍ଷରୁ ୨ ଲକ୍ଷ ୮୦ ହଜାରକୁ ବୃଦ୍ଧି ପାଇଛି। ସେହିପରି ସୁପ୍ରିମ୍‌କୋର୍ଟର ବିଚାରପତି ଓ ହାଇକୋର୍ଟର ମୁଖ୍ୟ ବିଚାରପତିମାନେ ଏଣିକି ମାସିକ ୨ ଲକ୍ଷ ୫୦ ହଜାର ଟଙ୍କା ପାଇବେ। ପୂର୍ବରୁ ସେମାନେ ୯୦ ହଜାର ଟଙ୍କା ପାଉଥିଲେ। ହାଇକୋର୍ଟର ବିଚାରପତି ମାନେ ମାସିକ ୮୦ ହଜାର ଟଙ୍କା ପାଉଥିଲା ବେଳେ ଏଣିକି ୨ ଲକ୍ଷ ୨୫ ହଜାର ଟଙ୍କା ପାଇବେ। ବେତନ ବୃଦ୍ଧି ସମ୍ପର୍କିତ ବିଲ୍ ସଂସଦରେ ପାସ୍ ହେବା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହାକୁ ମଞ୍ଜୁରି ପ୍ରଦାନ କରିଛନ୍ତି। ଆଇନ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ସର୍ବଭାରତୀୟ ସେବା ଅଧିକାରୀମାନଙ୍କ ପାଇଁ ଲାଗୁ ହୋଇଥିବା ୭ମ ବେତନ କମିଶନ ସୁପାରିସ୍ ଆଧାରରେ ବିଚାରପତିମାନଙ୍କ ବେତନ ବୃଦ୍ଧି କରାଯାଇଛି। ଏହା ପିଛିଲା ଭାବେ ୨୦୧୬ ଜାନୁଆରୀ ପହିଲାରୁ ଲାଗୁ ହେବ। ହାଇକୋର୍ଟ ଓ ସୁପ୍ରିମକୋର୍ଟ ବିଚାରପତି (ବେତନ ଓ ଚାକିରି ସର୍ତ୍ତାବଳୀ) ସଂଶୋଧନ ଆଇନ, ୨୦୧୮ ଅନୁଯାୟୀ ଘରଭଡ଼ା ଭତ୍ତା ମଧ୍ୟ ସଂଶୋଧିତ ହାରରେ ପ୍ରଦାନ କରାଯିବ। ଏହି ଭତ୍ତା ୨୦୧୭ ସେପ୍ଟେମ୍ବର ୨୨ରୁ ଲାଗୁ ହେବ। ୨୦୧୬ରେ ଭାରତର ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ୍ ଟିଏସ୍ ଠାକୁର୍ ସୁପ୍ରିମକୋର୍ଟ ଓ ହାଇକୋର୍ଟର ବିଚାରପତିଙ୍କ ବେତନ ବୃଦ୍ଧି ପାଇଁ ସରକାରଙ୍କୁ ଲିଖିତ ଭାବେ ଜଣାଇଥିଲେ। ସୁପ୍ରିମ୍‌କୋର୍ଟରେ ୩୧ ଜଣ ବିଚାରପତି ରହିବା କଥା। କିନ୍ତୁ ଏବେ ୨୫ ଜଣ ବିଚାରପତି ଅଛନ୍ତି। ଦେଶର ୨୪ଟି ହାଇକୋର୍ଟରେ ଏବେ ୬୮୨ ଜଣ ବିଚାରପତି କାର୍ଯ୍ୟ କରୁଛନ୍ତି। କିନ୍ତୁ ୧୦୭୯ ଜଣ ବିଚାରପତି ରହିବା କଥା। ଏହି ବେତନ ବୃଦ୍ଧି ଦ୍ୱାରା କେବଳ କାର୍ଯ୍ୟରତ ବିଚାରପତିମାନେ ଉପକୃତ ହେବେ ନାହିଁ, ୨୫୦୦ ଅବସରପ୍ରାପ୍ତ ବିଚାରପତିମାନେ ମଧ୍ୟ ଏହାଦ୍ୱାରା ଉପକୃତ ହୋଇପାରିବେ।

## 'ଆମେରିକା ପାଇଁ ବଡ଼ ବିପଦ ଚୀନ୍'

**ୱାଶିଂଟନ୍ :** ଚୀନ୍ ପାଶ୍ଚାତ୍ୟ ଅଞ୍ଚଳରେ ତା'ର ଦବ୍‌ଦବା ଜାରି କରିବାକୁ ଚାହୁଁଥିବାରୁ ଏଥିରେ ଆମେରିକାର ଗୋଇନ୍ଦା ସଂସ୍ଥା ସିଆଇଏ ଉଦ୍‌ବେଗ ପ୍ରକାଶ କରିଛି। ସିଆଇଏର ନିର୍ଦ୍ଦେଶକ ମାଇକ୍ ପମ୍ପେ ବିବିସିକୁ କହିଛନ୍ତି, ରୁଷିଆ ତୁଳନାରେ ଚୀନ୍ ଆମେରିକା ପାଇଁ ଏବେ ବଡ଼ ବିପଦ ଭାବେ ଉଭା ହୋଇଛି। ଆଗରୁ ରୁଷିଆ ଯେଭଳି କରୁଥିଲା, ତାହା ଅପେକ୍ଷା ଚୀନ୍ ଆହୁରି ଆଗକୁ ଯାଇପାରେ ବୋଲି ଆଶଙ୍କା କରାଯାଉଛି। ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନ ବେଳେ ରୁଷିଆ ହସ୍ତକ୍ଷେପ କରିଥିଲା। ୨୦୧୮ ମଧ୍ୟବର୍ତ୍ତୀ ନିର୍ବାଚନକୁ ରୁଷିଆ ଟାର୍ଗେଟ୍ କରିବାର ସମ୍ଭାବନା ରହିଛି। କିନ୍ତୁ ଆମେରିକା ରୁଷିଆକୁ ପ୍ରତିହତ କରି ଅବାଧ ଓ ନିରପେକ୍ଷ ନିର୍ବାଚନ କରିବ ବୋଲି ଆଶା କରାଯାଉଛି। ଚୀନ୍ ସମ୍ପର୍କରେ ସିଆଇଏ ନିର୍ଦ୍ଦେଶକ ପମ୍ପେ ଆହୁରି କହିଲେ, ବେଜିଂ ପାରମ୍ପରିକ ଗୁପ୍ତଚର ବୃତ୍ତି ଅବଲମ୍ବନ କରି ଆମେରିକୀୟ କମ୍ପାନୀଗୁଡ଼ିକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଚଳିତ ବର୍ଷ ପ୍ରାରମ୍ଭରେ ସିଆଇଏର ପୂର୍ବତନ ଅଧିକାରୀ ଜେରୀ ଚୁନ୍ ସିଙ୍ଗ୍ ଲି କେତେକ ପଞ୍ଜୀକୃତ ସୂଚନା ହାସଲ କରି ଗିରଫ ହୋଇଥିଲେ। ତାଙ୍କୁ ଗିରଫ କରାଯାଇ ଚୀନ୍‌ର ଗୁପ୍ତଚର କାର୍ଯ୍ୟକୁ ପ୍ରତିହତ କରାଯାଇ ପାରିଛି ବୋଲି ପମ୍ପେ କହିଛନ୍ତି।

## ଅର୍ଥନୈତିକ ସର୍ଭେ ରିପୋର୍ଟ : ୬.୭୫% ଅଭିବୃଦ୍ଧି ଆଶା

**ନୂଆଦିଲ୍ଲୀ :** ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସଂସଦରେ ଅର୍ଥନୀତିକ ସର୍ଭେ ରିପୋର୍ଟ ୨୦୧୭-୧୮ ଉପସ୍ଥାପନ କରିଛନ୍ତି। ୨୦୧୭-୧୮ ଅର୍ଥନୀତିକ ଅଭିବୃଦ୍ଧି ହାର ୬.୭୫% ରହିବ ଓ ତାହା ୨୦୧୮-୧୯ ଆର୍ଥିକ ବର୍ଷରେ ୭ରୁ ୭.୫ %କୁ ବୃଦ୍ଧି ପାଇ ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଦେଶ ହେବ ବୋଲି ଏହି ସର୍ଭେରେ ଆକଳନ କରାଯାଇଛି। ପୂର୍ବରୁ ଆକଳନ କରାଯାଇଥିଲା ଯେ ୨୦୧୭-୧୮ ଅର୍ଥନୀତିକ ଅଭିବୃଦ୍ଧି ହାର ୬.୫% ରହିବ। ବସ୍ତୁ ଓ ସେବା କର ବା ଜିଏସ୍‌ଟି ପ୍ରଚଳନ, ବ୍ୟାଙ୍କ୍‌ରପ୍‌ସୀ କୋଡ୍ ପ୍ରଚଳନ ଓ ବ୍ୟାଙ୍କ୍ ରିକ୍ୟାପିଟାଲାଇଜେସନ୍ ପ୍ୟାକେଜ୍, ବିଦେଶୀ ପ୍ରତ୍ୟକ୍ଷ ନିବେଶ ବା ଏଫ୍‌ଡିଆଇ ନିୟମ କୋହଳ କରାଯିବା, ବିଶ୍ୱରେ ବଜାର ମାନ୍ଦାବସ୍ଥା ଆଂଶିକ ଦୂର ହେବାରୁ ରପ୍ତାନି ବଢ଼ିବା ଆଦି କାରଣରୁ ଅଭିବୃଦ୍ଧି ହାର ଊର୍ଦ୍ଧ୍ୱମୁଖୀ ରହିବ। ଗତ ନଭେମ୍ବର ସୁଦ୍ଧା ବିତ୍ତୀୟ ନିଅଣ୍ଟ ଟାର୍ଗେଟ୍‌ଠାରୁ ୧୨% ଅଧିକ ରହିଥିଲା ଯାହା ଆର୍ଥିକ ବର୍ଷ ଶେଷ ସୁଦ୍ଧା କମି ସ୍ୱାଭାବିକ ସ୍ଥିତିକୁ ଆସିଯିବ। ୨୦୧୭-୧୮ ଆର୍ଥିକ ବର୍ଷର ପ୍ରଥମ ୮ମାସ ଟିକସ ସଂଗ୍ରହ ସନ୍ତୋଷଜନକ ଥିବା ବେଳେ ଅଣ-ଟିକସ ରାଜସ୍ୱ କମିଥିଲା। କିନ୍ତୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାରରେ ସଫଳତା ମିଳିବାରୁ ରାଜସ୍ୱ ହ୍ରାସ ଜନିତ ଚାପ ଯଥେଷ୍ଟ କମିଛି। ଜିଏସ୍‌ଟି ପ୍ରଚଳନ ପରଠାରୁ ପରୋକ୍ଷ ଟିକସଦାତାଙ୍କ ସଂଖ୍ୟା ୫୦% ବଢ଼ିଛି। ୨୦୧୬ ନଭେମ୍ବର ପରଠାରୁ ୧୮ଲକ୍ଷ ନୂଆ ଆୟକରଦାତା ରିଟର୍ଣ୍ଣ ଫାଇଲ୍ କରିଛନ୍ତି। ସର୍ଭେରେ କରାଯାଇଥିବା ଅନ୍ୟ ଆକଳନଗୁଡ଼ିକ ହେଲା: ୨୦୧୭- ୧୮ରେ କୃଷି, ଶିଳ୍ପ ଓ ସେବା କ୍ଷେତ୍ରରେ ଅଭିବୃଦ୍ଧି ହାର ଯଥାକ୍ରମେ ୨.୧%, ୪.୪% ଓ ୮.୩% ରହିବ। ୨୦୧୭-୧୮ରେ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଖାଉଟି ମୂଲ୍ୟସୂଚୀ ଆଧାରିତ ମୁଦ୍ରାସ୍ଫୀତି ହାର ୩.୩% ରହିଛି ଯାହା ଗତ ୬ବର୍ଷରେ ସର୍ବନିମ୍ନ। କୃଷି, ଶିକ୍ଷା, ଦକ୍ଷତା ବିକାଶ, କର୍ମ ସଂସ୍ଥାନ ସୃଷ୍ଟି ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ସରକାରଙ୍କର ୨୦୧୯ ପଲିସି ଏଜେଣ୍ଡାରେ ପ୍ରାଥମିକତା ପାଇବ। ୨୦୧୮-୧୯ ଆର୍ଥିକ ବର୍ଷରେ ଘରୋଇ ସଞ୍ଚୟ ଓ ନିବେଶ ବୃଦ୍ଧି ସମ୍ଭବ କରାଇବା, ସୁନାକୁ ଆର୍ଥିକ ସଞ୍ଚୟରେ ପରିଣତ କରାଯିବା ପାଇଁ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରାଥମିକତା ଦିଆଯିବ। ଭିତ୍ତିଭୂମି ନିର୍ମାଣ ପାଇଁ ୨୦୪୦ ସୁଦ୍ଧା ୪.୫ ଲକ୍ଷ କୋଟି ଡଲାର୍ ଦରକାର ହେବ। ସର୍ଭେରୁ ଆଭାସ ମିଳୁଛି, ସରକାର ବିତ୍ତୀୟ ଶୃଙ୍ଖଳାକୁ ଅର୍ଥାତ୍ ବିତ୍ତୀୟ ନିଅଣ୍ଟର ଟାର୍ଗେଟ୍‌କୁ ଭୁଲି ଅଧିକ ଖର୍ଚ୍ଚ କରିପାରନ୍ତି।

## ବହିଷ୍କୃତ ହେବେ ଆହ୍ଲାବାଦ ହାଇକୋର୍ଟର ବିଚାରପତି !

**ନୂଆଦିଲ୍ଲୀ :** ମେଡିକାଲ କଲେଜରେ ନାମ ଲେଖା ଦୁର୍ନୀତି ନେଇ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଏସ୍‌ଏନ୍ ଶୁକ୍ଲାଙ୍କ ଠାରୁ ସମସ୍ତ ବିଚାର କ୍ଷମତା କାଢ଼ିନେବା ପାଇଁ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଦୀପକ ମିଶ୍ର ଆହ୍ଲାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ଡିବି ଭୋସ୍‌ଲେଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ସେ ଜଷ୍ଟିସ୍ ଶୁକ୍ଲାଙ୍କୁ ବହିଷ୍କାର ପାଇଁ ପଦକ୍ଷେପ ନେବାକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରିଛନ୍ତି। ୩ ଜଣ ବରିଷ୍ଠ ବିଚାରପତିଙ୍କୁ ନେଇ ଗଠିତ ଇନ୍‌ହାଉସ୍ କମିଟି ଘରୋଇ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ଅନୁମତି ସମ୍ପର୍କରେ ଜଷ୍ଟିସ୍ ଶୁକ୍ଲାଙ୍କ ବିରୋଧରେ କରିଥିବା ସୁପାରିଶ ଓ ନ୍ୟାୟିକ ପ୍ରକ୍ରିୟାର ଧାରା ୭(୧) ଆଧାରରେ ଜଷ୍ଟିସ୍ ମିଶ୍ର ପ୍ରଥମେ ଜଷ୍ଟିସ୍ ଶୁକ୍ଲାଙ୍କୁ ଇସ୍ତଫା କିମ୍ବା ସ୍ୱେଚ୍ଛାକୃତ ଅବସର ନେବା ପାଇଁ ପରାମର୍ଶ ଦେଇଥିଲେ। ମାତ୍ର ଜଷ୍ଟିସ୍ ଶୁକ୍ଲା ଏହି ଦୁଇଟି ପ୍ରସ୍ତାବକୁ ଗ୍ରହଣ ନ କରିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଧାନ ବିଚାରପତି ଜଷ୍ଟିସ୍ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତିଙ୍କ ଏହି ନିର୍ଦ୍ଦେଶ ଫଳରେ ଜଷ୍ଟିସ୍ ଶୁକ୍ଲାଙ୍କ ବହିଷ୍କାର ଏବଂ ତାଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିବା ନେଇ ପଥ ପରିଷ୍କାର ହୋଇଛି। ସୂଚନାଯୋଗ୍ୟ ଯେ, ଜଷ୍ଟିସ୍ ଶୁକ୍ଲା ଆହ୍ଲାବାଦ ହାଇକୋର୍ଟର ଏକ ଖଣ୍ଡପୀଠର ମୁଖ୍ୟ ଥିଲା ବେଳେ ଗତବର୍ଷ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଘରୋଇ ମେଡିକାଲ କଲେଜରେ ନାମଲେଖା ଉପରେ ଯେଉଁ ରୋକ୍ ଲଗାଇଥିଲେ, ତାକୁ ବିରୋଧକରି ୨୦୧୭-୧୮ ଶିକ୍ଷାବର୍ଷ ପାଇଁ ନାମ ଲେଖାଇବାକୁ ଘରୋଇ ମେଡିକାଲ କଲେଜଗୁଡ଼ିକୁ ଅନୁମତି ଦେଇଥିଲେ। ଏ ନେଇ ଜଷ୍ଟିସ୍ ଶୁକ୍ଲାଙ୍କ ବିରୋଧରେ ଉତ୍ତରପ୍ରଦେଶର ଆଡ୍‌ଭୋକେଟ୍ ଜେନେରାଲ୍ ଅଭିଯୋଗ କରିଥିଲେ। ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଇନ୍ଦିରା ବାନାର୍ଜୀ, ସିକ୍କିମ୍ ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍‌କେ ଅଗ୍ନିହୋତ୍ରି ଓ ମଧ୍ୟପ୍ରଦେଶ ହାଇକୋର୍ଟର ବିଚାରପତି ପିକେ ଜୟଶ୍ୱାଲଙ୍କୁ ନେଇ ଗଠିତ ଜୁଡିସିଆଲ୍ ଇନ୍‌ହାଉସ୍ କମିଟିର ତଦନ୍ତ ରିପୋର୍ଟରେ ଜଷ୍ଟିସ୍ ଶୁକ୍ଲାଙ୍କ ବିରୋଧରେ ପ୍ରତିକୂଳ ମନ୍ତବ୍ୟ ଦିଆଯାଇଥିଲା। କମିଟି ଏ ନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ୍ କରିଛି।

### ଉ. କୋରିଆର ଆଣବିକ କାର୍ଯ୍ୟକ୍ରମ ପ୍ରସଙ୍ଗ

## ଚୀନ୍‌ର ସହଯୋଗ ଲୋଡ଼ିଲା ଜାପାନ

**ବେଜିଂ :** ଜାପାନର ବୈଦେଶିକ ବ୍ୟାପାର ବିଭାଗ ମନ୍ତ୍ରୀ ଟାରୋ କାନୋ ଏଠାରେ ଚୀନର ବୈଦେଶିକ ବିଭାଗ ମନ୍ତ୍ରୀ ୱାଙ୍ଗ୍ ୟି'ଙ୍କୁ ଭେଟି ଉତ୍ତର କୋରିଆର ଅଣୁ ଅସ୍ତ୍ର ଓ କ୍ଷେପଣାସ୍ତ୍ର ପରୀକ୍ଷା ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଆଣବିକ କାର୍ଯ୍ୟକ୍ରମ ବନ୍ଦ ରଖିବା ପାଇଁ ଉତ୍ତର କୋରିଆ ଉପରେ ଚାପ ସୃଷ୍ଟି କରିବାରେ ଚୀନର ସହଯୋଗ ଲୋଡ଼ିଛନ୍ତି। ପୂର୍ବ ଚୀନ ସାଗରରେ ଥିବା ଏକ ଦ୍ୱୀପ ଉପରେ ଅଧିକାରକୁ ନେଇ ଦୀର୍ଘ ବର୍ଷ ଧରି ଜାପାନ ସହ ଚୀନର ବିବାଦ ରହିଛି। ଜାପାନ୍ ସେହି ଦ୍ୱୀପକୁ ସେନ୍‌କାକୁ ଦ୍ୱୀପ କହୁଥିବା ବେଳେ ଚୀନ ତାହାକୁ ଦିସୟୁ ଦ୍ୱୀପ ବୋଲି କହୁଛି। ୨୦୧୨ରେ ଜାପାନ ସେନ୍‌କାକୁ ଦ୍ୱୀପ ସମେତ ଅନ୍ୟ କ୍ଷୁଦ୍ର କ୍ଷୁଦ୍ର କେତେକ ଦ୍ୱୀପର ଜାତୀୟକରଣ ପାଇଁ ନିଷ୍ପତ୍ତି ନେବାରୁ ଚୀନ ତାହାର ତୀବ୍ର ବିରୋଧ କରୁଛି ଓ ଜାପାନକୁ ଶତ୍ରୁଭାବାପନ୍ନ ରାଷ୍ଟ୍ର ବୋଲି କହୁଛି। ୨୦୧୨ ପରଠାରୁ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଅଧିକ ତିକ୍ତ ହୋଇଛି। ଚୀନର ତଟରକ୍ଷୀ ବାହିନୀର ଜାହାଜଗୁଡ଼ିକ ଅନେକ ସମୟରେ ବିବାଦୀୟ ଅଞ୍ଚଳ କୁହାଯାଉଥିବା ସେନ୍‌କାକୁ ଦ୍ୱୀପ ପାଖକୁ ଯାଉଛନ୍ତି। ଦ୍ୱୀପଟି ଏବେ ଜାପାନର ନିୟନ୍ତ୍ରଣରେ ଥିବାରୁ ଚୀନର ଜାହାଜ ସେହି ଅଞ୍ଚଳକୁ ଗଲେ ଜାପାନ ତାହାର ପ୍ରତିବାଦ କରୁଛି। ଚୀନ କିଛି ଦିନ ତଳେ ସେନ୍‌କାକୁ ଦ୍ୱୀପ ନିକଟକୁ ପ୍ରଥମ ଥର ପାଇଁ ଏକ ଆଣବିକ ଶକ୍ତି ଚାଳିତ ବୁଡ଼ାଜାହାଜ ପଠାଇଥିଲା ବୋଲି ଜାପାନ ଅଭିଯୋଗ କରିଛି। ଚୀନ ଓ ଜାପାନ ହେଉଛନ୍ତି ଏସିଆର ଦୁଇ ବୃହତ୍ତମ ଅର୍ଥନୀତି। ଏଯାଏ ଚୀନର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଓ ଜାପାନର ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ପରସ୍ପରକୁ ଭେଟି ନଥିବା ସତ୍ତ୍ୱେ କୁହାଯାଉଛି ଯେ ଉଭୟ ଦେଶ ପୂର୍ବ ତିକ୍ତତାକୁ ଭୁଲି ଏବେ ସମ୍ପର୍କର ନୂଆ ଅଧ୍ୟାୟ ରଚନା କରିବାକୁ ଆଗ୍ରହୀ ହୋଇଛନ୍ତି। କେବଳ ଦ୍ୱିପାକ୍ଷିକ ସମ୍ପର୍କ ନୁହେଁ, ବିଭିନ୍ନ ଅନ୍ତର୍ଜାତୀୟ ପ୍ରସଙ୍ଗରେ ମଧ୍ୟ ଉଭୟ ଚୀନ ଓ ଜାପାନ ସହମତ ହୋଇ ମିଳିତ ପଦକ୍ଷେପ ନେବା ପାଇଁ ସମୟ ଆସିଛି ବୋଲି ଜାପାନର ବୈଦେଶିକ ମନ୍ତ୍ରୀ ଟାରୋ କାନୋ କହିଛନ୍ତି। ବର୍ତ୍ତମାନ ଅନ୍ତର୍ଜାତୀୟ ସମୁଦାୟ ପାଇଁ ଉତ୍ତର କୋରିଆର ଅଣୁ ଅସ୍ତ୍ର ପ୍ରୟୋଗ ଧମକ ସବୁଠାରୁ ବଡ଼ ସମସ୍ୟା ସୃଷ୍ଟି କରିଛି ବୋଲି ସେ ତାଙ୍କ ଚୀନ ପ୍ରତିପକ୍ଷଙ୍କୁ କହିଛନ୍ତି। ଚୀନ ଓ ଜାପାନ ମଧ୍ୟରେ ସ୍ୱାକ୍ଷରିତ ବନ୍ଧୁତା ରାଜିନାମାକୁ ଚଳିତ ବର୍ଷ ୪୦ବର୍ଷ ପୂରଣ ହୋଇଛି। ଉତ୍ତର କୋରିଆର ଆଣବିକ କାର୍ଯ୍ୟକ୍ରମକୁ ରୋକିବା ନିମନ୍ତେ ଦକ୍ଷିଣ କୋରିଆ ଓ ଚୀନ ସହ ହାତ ମିଳାଇ ଜାପାନ ତ୍ରିପାକ୍ଷିକ ବୈଠକର ଆୟୋଜନ କରିବାକୁ ଉଦ୍ୟମ କରୁଛି।

### ଗୋବ୍ୟାଙ୍କିଙ୍ଗ୍‌ରେଟ୍‌ସ ସର୍ବେକ୍ଷଣ

# ବିଶ୍ୱରେ ଦ୍ୱିତୀୟ ଶସ୍ତା ଦେଶ ଭାରତ

**ନୂଆଦିଲ୍ଲୀ :** ଚଳିବା ଏବଂ ଅବସର ଜୀବନ ବିତାଇବା ପାଇଁ ବିଶ୍ୱରେ ଭାରତ ହେଉଛି ଦ୍ୱିତୀୟ ସବୁଠାରୁ ଶସ୍ତା ଦେଶ। ପ୍ରଥମ ଅର୍ଥାତ୍ ସବୁଠାରୁ କମ୍ ଖର୍ଚ୍ଚରେ ଚଳି ହେଉଥିବା ଦେଶ ହେଉଛି ଦକ୍ଷିଣ ଆଫ୍ରିକା। ଗୋବ୍ୟାଙ୍କିଙ୍ଗରେଟ୍‌ସ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣରୁ ଏହା ଜଣାପଡ଼ିଛି। ଅନ୍‌ଲାଇନ୍ ପ୍ରାଇସିଂ ଡାଟାବେସ୍ ନୁମ୍ବିଓ ଏହି ସର୍ବେକ୍ଷଣ ପାଇଁ ୪ଟି ମୁଖ୍ୟ ଆଫୋର୍ଡେବିଲିଟି ମାଟ୍ରିକ୍ସ ବା ମାନକ ଦେଇଥିଲା। ସେହି ମାନକ ୪ଟି ହେଲା, ସ୍ଥାନୀୟ କ୍ରୟ ଶକ୍ତି ସୂଚୀ, ଘର ଭଡ଼ା ଖର୍ଚ୍ଚ ସୂଚୀ, ଗ୍ରୋସେରୀ ଦର ସୂଚୀ ଓ ଖାଉଟି ମୂଲ୍ୟ ସୂଚୀ। ଏହି ସୂଚୀଗୁଡ଼ିକୁ ବିଚାରକୁ ନେଇ ବିଶ୍ୱର ୧୧୨ଟି ଦେଶରେ କେଉଁ ୫୦ଟି ଦେଶ ରହିଛି ଯେଉଁଠାରେ ସବୁଠାରୁ କମ୍ ଖର୍ଚ୍ଚରେ ଜଣେ ଚଳିପାରିବେ ତାହାର ତାଲିକା ପ୍ରସ୍ତୁତ କରାଯାଇଥିଲା। ସେହି ତାଲିକାରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ଖାଉଟି ସାମଗ୍ରୀ ଓ ଗ୍ରୋସରୀ ଦର କମ୍ ଅପେକ୍ଷାକୃତ ରହିଥିବାରୁ କୋଲକାତାରେ ଜଣେ ବ୍ୟକ୍ତି ମାସକୁ ୨୮୫ ଡଲାର(୧ଡଲାର=୬୪ଟଙ୍କା) ଖର୍ଚ୍ଚ କରି ଚଳିପାରୁଛନ୍ତି ବୋଲି ଏହି ସର୍ବେକ୍ଷଣ ରିପୋର୍ଟରେ ଲେଖାଅଛି। ଭାରତରେ ଘର ଭଡ଼ା ୯୫.୨%, ଗ୍ରୋସରୀ ଦର ୭୪.୪% ଓ ସ୍ଥାନୀୟ ସାମଗ୍ରୀ ଓ ସେବା ୭୪.୯% ଶସ୍ତା ରହିଥିବା ବେଳେ ସ୍ଥାନୀୟ କ୍ରୟଶକ୍ତି ୨୦.୯% କମ୍ ରହିଛି। ଏହି ତାଲିକାରେ ପାକିସ୍ତାନ ୧୪, ନେପାଳ ୨୮ ଓ ବାଂଲାଦେଶ ୪୦ ସ୍ଥାନରେ ରହିଛନ୍ତି। ଅର୍ଥାତ୍ ପାକିସ୍ତାନ, ନେପାଳ ଓ ବାଂଲାଦେଶରେ ଜଣେ ଯେତିକି ଅର୍ଥରେ ଯେମିତି ଚଳୁଛନ୍ତି, ଭାରତରେ ସେମିତି ଚଳିବା ପାଇଁ ତା'ଠାରୁ କମ୍ ଖର୍ଚ୍ଚ ଦରକାର ହେଉଛି। ସ୍ଥାନୀୟ କ୍ରୟଶକ୍ତି ସୂଚୀ



ହେଉଛି, ଏକ ନିର୍ଦ୍ଦିଷ୍ଟ ପରିମାଣର ଆୟରେ ଜଣେ ନ୍ୟୁୟର୍କରେ ଯେତିକି ସାମଗ୍ରୀ କିଣୁଛନ୍ତି, ସେତିକି ଆୟରେ ସ୍ଥାନୀୟ(ଧରନ୍ତୁ କୋଲକାତା) ବଜାରରୁ ତାହାର କେତେ ପ୍ରତିଶତ କମ୍ ବା ବେଶୀ ସାମଗ୍ରୀ ମିଳିପାରୁଛି। ଭାରତର ସ୍ଥାନୀୟ କ୍ରୟଶକ୍ତି ୨୦.୯% କମ୍ ରହିଛି ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ପରିମାଣର ଆୟରେ ଜଣେ ନ୍ୟୁୟର୍କରେ ଯେତିକି ସାମଗ୍ରୀ କିଣୁଛନ୍ତି, ସେତିକି ଆୟରେ କୋଲକାତା ବଜାରରୁ ତାହାର ୨୦.୯% କମ୍ ସାମଗ୍ରୀ ମିଳିପାରୁଛି। ଅନୁରୂପ ଭାବେ ଗ୍ରୋସରୀ ଓ ଘରଭଡ଼ା ସୂଚୀ ନ୍ୟୁୟର୍କରେ ଗ୍ରେସରୀ ଦର ଓ ଘର ଭଡ଼ା ସହ ତୁଳନା କରାଯିବା ପଦ୍ଧତି ଏହି ସର୍ବେକ୍ଷଣରେ ଗ୍ରହଣ କରାଯାଇଛି। ଜଣକୁ ନ୍ୟୁୟର୍କରେ ଯେତିକି ଘର ଭଡ଼ା ଦେବାକୁ ପଡ଼େ ଭାରତରେ ତାହାଠାରୁ ୯୫.୨% କମ୍‌ରେ ଘର ଭଡ଼ା ମିଳେ। ଗ୍ରେସରୀ ପାଇଁ ଜଣକୁ ନ୍ୟୁୟର୍କରେ ଆୟର ଯେଉଁ ଭାଗ ଖର୍ଚ୍ଚ କରିବାକୁ ପଡ଼େ ଭାରତରେ ତାହାଠାରୁ ୭୪.୪% କମ୍‌ରେ ସେତିକି ଗ୍ରେସରୀ ମିଳେ। ସର୍ବେକ୍ଷଣ ଅନୁଯାୟୀ ଚଳିବାକୁ ସର୍ବାଧିକ ଖର୍ଚ୍ଚ କରିବାକୁ ଦେଶ ହେଲା ବର୍ମୁଡ଼ା(ତାଲିକାରେ ଶେଷ ସ୍ଥାନ ୧୧୨)। ତା' ପଛକୁ ପଛ ଅଛନ୍ତି, ବାହାମାସ୍, ହଂକଂ, ସୁଇଜରଲ୍ୟାଣ୍ଡ ଓ ଘାନା।

## କେମିତି କଟିବ ଏ ସପ୍ତାହ

**ମେଷ** – ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି। ତେଣୁ ଜଗିରଖି ଚଳିବାକୁ ହେବ।

**ବୃଷ** – ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବାର ଜଣାପଡେ।

**ମିଥୁନ** – ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଅଶାନ୍ତି ଦେଖାଦେବ। ତେଣୁ ଜଗିରଖି ଚଳିବାକୁ ହେବ।

**କର୍କଟ** – ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

**ସିଂହ** – ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।

**କନ୍ୟା** – ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

**ତୁଳା** – ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ।

**ବିଛା** – ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ସପ୍ତାହଟି ଭଲରେ କଟିବା ସହିତ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବ।

**ଧନୁ** – ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

**ମକର** – ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

**କୁମ୍ଭ** – ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଗ ରହିଛି। ଦୂରଯାତ୍ରା ଗମନ କରିପାରନ୍ତି।

**ମୀନ** – ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ୧୫ରୁ ଖରିଫ୍ ଚାଷୀ ପଞ୍ଜୀକରଣ ବନ୍ଦ

**ଭୁବନେଶ୍ୱର :** ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ରାଜ୍ୟ ସରକାର ଆସନ୍ତା ଫେବୃଆରୀ ୧୫ ତାରିଖରୁ ବନ୍ଦ କରିବେ। ସାଢ଼େ ୬ମାସରୁ ଅଧିକ ସମୟ ଧରି ଚାଷୀଙ୍କୁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯାଇଥିବାରୁ ଏହାକୁ ବନ୍ଦ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି ବୋଲି ସମସ୍ତ ଜିଲ୍ଲାପାଳଙ୍କୁ ରାଜ୍ୟ ସରକାର ସୂଚନା ଦେଇଛନ୍ତି। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯୁଗ୍ମ ସଚିବ ବିଜୟ କୁମାର ପୃଷ୍ଟି ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି କହିଛନ୍ତି ଯେ, ଧାନ ବିକ୍ରି ନିମନ୍ତେ ଗତକାଲି ସୁଦ୍ଧା ୧୧ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରି ସାରିଛନ୍ତି। ରାଜ୍ୟରେ ରବି ଋତୁ ପାଇଁ ଧାନ ସଂଗ୍ରହ ପ୍ରକ୍ରିୟା ମେ'ରୁ ଜୁନ୍ ମାସ ପର୍ଯ୍ୟନ୍ତ ଚାଲିବ। ତେଣୁ ଅନ୍‌ଲାଇନ୍ ମଡ୍ୟୁଲ୍‌କୁ ରବି ଧାନ ଚାଷୀଙ୍କ ପାଇଁ ସକ୍ଷମ କରିବା ନିମନ୍ତେ ଆବଶ୍ୟକ ବୈଷୟିକ କାର୍ଯ୍ୟ କରାଯିବ। ସେଥିପାଇଁ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ନିମନ୍ତେ ଚାଷୀ ପଞ୍ଜୀକରଣକୁ ୧୫ ତାରିଖରୁ ବନ୍ଦ କରାଯିବ। ଯେଉଁ ଚାଷୀ ଏବେ ବି ପଞ୍ଜୀକରଣ ଅପେକ୍ଷାରେ ରହିଛନ୍ତି ସେମାନଙ୍କୁ ନିଜର ବଳକା ଧାନ ବିକ୍ରି ନିମନ୍ତେ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତିରେ ତୁରନ୍ତ ପଞ୍ଜୀକରଣ କରାଇବା ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ ରାଜ୍ୟରେ ଖରିଫ୍ ପାଇଁ ଧାର୍ଯ୍ୟ ୪୪ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ତୁଳନାରେ ଏବେ ସୁଦ୍ଧା ୫୦ରୁ ୬୦ ପ୍ରତିଶତ ଧାନ ସଂଗ୍ରହ ହୋଇଛି।

## ସାତ ରାଜ୍ୟର କଳାକାରଙ୍କୁ ସମ୍ମାନିତ କଲେ ରାଜ୍ୟପାଳ

**ଭୁବନେଶ୍ୱର :** ଆଦିବାସୀ ନୃତ୍ୟ ମହୋତ୍ସବରେ ଯୋଗ ଦେଇଥିବା ୭ଟି ରାଜ୍ୟର କଳାକାର ରାଜଭବନରେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରାଜ୍ୟପାଳ ଡ. ଏସ୍‌ସି ଜମିର ଓ ରାଜ୍ୟର ପ୍ରଥମ ମହିଳା ଆଲେମ୍‌ଲା ଜମିର ଉପସ୍ଥିତ ରହି କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ଆନ୍ଧ୍ରପ୍ରଦେଶର କୋୟା ଜନଜାତିଙ୍କ କୋମୁ କୋୟା ନୃତ୍ୟ, ଝାଡ଼ଖଣ୍ଡର ଓରାଓଁ ଜନଜାତିଙ୍କ କରମ ଥାପଡ଼ି ନୃତ୍ୟ, ସିକିମ୍‌ର ଭୂଟିଆ ଜନଜାତିଙ୍କ ତାସି ତାସି ନୃତ୍ୟ, ଗୁଜରାଟର ରାଥୱା ଜନଜାତିଙ୍କ ରଥୱାନି ଘେର ନୃତ୍ୟ, ମହାରାଷ୍ଟ୍ରର ମରାଦେଓ କୋଲି ଜନଜାତିଙ୍କ ଲେଜିମ ନୃତ୍ୟ, ଛତିଶଗଡ଼ର ମୁରିଆ ଜନଜାତିଙ୍କ ମାନ୍ଦାରି ନୃତ୍ୟ ଓ ହିମାଚଳ ପ୍ରଦେଶର ବୋଧ ଜନଜାତିଙ୍କ ସ୍ୱିତି ଲୋକନୃତ୍ୟ ପରିବେଷିତ ହୋଇଥିଲା। ରାଜ୍ୟପାଳ ଜନଜାତିଙ୍କ ନୃତ୍ୟ ପରମ୍ପରାର ଭୂୟସୀ ପ୍ରଶଂସା କରିଥିଲେ। ସେ କହିଲେ, ବିବିଧତା ହିଁ ଭାରତୀୟତାର ଶକ୍ତି ଓ ସୌନ୍ଦର୍ଯ୍ୟ। ଭାରତ ଏକ ଉଦ୍ୟାନ ସଦୃଶ, ଯେଉଁଠାରେ ବିଭିନ୍ନ ରଙ୍ଗର ଫୁଲ ସାମଗ୍ରିକ ସୌନ୍ଦର୍ଯ୍ୟକୁ ପରିବର୍ଦ୍ଧିତ କରିଛନ୍ତି। ଭାରତୀୟ ଜନଜାତିଙ୍କ ସଂସ୍କୃତି ଓ ଲୋକ ପରମ୍ପରା ଭାରତର ଅମୂଲ୍ୟ ସମ୍ପଦ ବୋଲି ଡ. ଜମିର୍ କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ସିଜେ ବେଣୁଗୋପାଳ, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଅତିରିକ୍ତ ସଚିବ ସୁକାନ୍ତ କୁମାର ପ୍ରଧାନ, ଅତିରିକ୍ତ ସଚିବ ଚିତ୍ତରଞ୍ଜନ ମହାନ୍ତି, ଲେଖା ନିୟନ୍ତ୍ରିକ ସୌମ୍ୟନାରାୟଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ

# ଚେତିଲେ ସରକାର, ଧାଇଁବେ ଅଫିସର

**ଭୁବନେଶ୍ୱର :** କୋରାପୁଟ ଜିଲ୍ଲାର ସୀମାବର୍ତ୍ତୀ କୋଟିଆ ଗ୍ରାମପଞ୍ଚାୟତରେ ଆନ୍ଧ୍ର ପ୍ରଦେଶ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ପରେ ରାଜ୍ୟ ସରକାରଙ୍କ ଚେତା ପଶିଛି। ଏଣିକି କୋଟିଆ ଅଞ୍ଚଳକୁ ଓଡ଼ିଶା ସରକାରଙ୍କ ଅଫିସର୍‌ମାନେ ନିୟମିତ ଯାଇ କ୍ଷେତ୍ର ପରିଦର୍ଶନ କରିବେ। ଏହା ସହିତ ସେଠାକାର ଅଧିବାସୀମାନଙ୍କୁ ପ୍ରଲୋଭନ ଦେଖାଇ ଆନ୍ଧ୍ରପ୍ରଦେଶ ସରକାର ପ୍ରଭାବିତ କରିଥିବା ଅଭିଯୋଗର ଆଇନଗତ ଦିଗ ତର୍ଜମା କରାଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ। କୋଟିଆ ପ୍ରସଙ୍ଗରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହି ସୂଚନା ଦେଇଛନ୍ତି। ଆଜି ସଚିବାଳୟରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ କୋଟିଆ ଗ୍ରାମପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ହୋଇଥିଲା। ବୈଠକରେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ, ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସମେତ ବିଭିନ୍ନ ବିଭାଗର ସଚିବ, ଦକ୍ଷିଣାଞ୍ଚଳ ଆରଡ଼ିସି ଓ କୋରାପୁଟ ଜିଲ୍ଲାପାଳ ଉପସ୍ଥିତ ରହି କୋଟିଆ ଗ୍ରାମପଞ୍ଚାୟତରେ ଓଡ଼ିଶା ସରକାରଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ଉନ୍ନୟନ ଓ କଲ୍ୟାଣମୂଳକ ଯୋଜନାର ତଥ୍ୟ ଉପସ୍ଥାପିତ କରିଥିଲେ। ସମୀକ୍ଷା ବେଳେ ଜଣାପଡ଼ିଛି ଯେ ପଞ୍ଚାୟତର ମୋଟ ୨୮ଟି ଗାଁକୁ ଯୋଗାଯୋଗ ପାଇଁ ରାସ୍ତା ନିର୍ମାଣ କରାଯାଇଛି। କୋଟିଆ ପଞ୍ଚାୟତ ମୁଖ୍ୟାଳୟକୁ ଜାତୀୟ ରାଜପଥ-୨୬ ସହ ସଂଯୋଗ ରାସ୍ତା ମଧ୍ୟ ନିର୍ମାଣ ହୋଇଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୮୯.୨୨ କୋଟି ଟଙ୍କା ମଞ୍ଜୁର କରାଯାଇ ଏକ ରାସ୍ତା ନିର୍ମାଣ ନିମନ୍ତେ ଟେଣ୍ଡର୍ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଏହି ଗ୍ରାମପଞ୍ଚାୟତରେ ପକ୍କା ରାସ୍ତା ନଥିବା ଅଞ୍ଚଳକୁ ତୁରନ୍ତ ରାସ୍ତା ନିର୍ମାଣ ନିମନ୍ତେ ଶ୍ରୀ ମହାନ୍ତି ନିର୍ଦ୍ଦେଶ ଦେଇଥିଲେ। କୋଟିଆରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୨ଟି ସ୍ୱାସ୍ଥ୍ୟ ସବ୍‌ସେଣ୍ଟର୍ ଖୋଲାଯାଇଛି। ଏହି ଅଞ୍ଚଳରେ ପ୍ରାଥମିକ ସ୍କୁଲ, ହାଇସ୍କୁଲ ସମେତ ଆବାସିକ ଆଶ୍ରମ ସ୍କୁଲ ଖୋଲାଯାଇ ପ୍ରାୟ ୧୫୦୦ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସୁବିଧା ଯୋଗାଇ ଦିଆଯାଉଛି। ସମସ୍ତ ୨୧ଟି ଗାଁରେ ନଳକୂପ ଓ ପାଇପ୍ ଯୋଗେ ପାନୀୟ ଜଳ ସୁବିଧା ଉପଲବ୍ଧ କରାଯାଇଛି। ୧୦ଟି ଅଙ୍ଗନୱାଡ଼ି କେନ୍ଦ୍ର ଓ ୩ଟି ମିନି ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟ ଖୋଲାଯାଇଛି। ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା ଓ ରାଜୀବ ଗାନ୍ଧି ଗ୍ରାମୀଣ ଯୋଜନାରେ ସମସ୍ତ ଗାଁକୁ ବିଦ୍ୟୁତ ସଂଯୋଗ କରାଯାଇଛି। ପ୍ରାଣୀ ସମ୍ପଦ ନିରୀକ୍ଷକ କାର୍ଯ୍ୟାଳୟ, ଆର୍‌ଆଇ ଅଫିସ୍ ଓ ବଙ୍ଗଳା ଥିବାବେଳେ ଖୁବ୍‌ଶୀଘ୍ର ଥାନାର କୋଠା ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। କୋଟିଆକୁ ଯାତାୟତ ନିମନ୍ତେ ବସ୍‌ସେବା ଯୋଗାଇ ଦିଆଯାଇଛି। ତେବେ ଆବଶ୍ୟକତା ଅନୁସାରେ ଅଧିକ ବସ୍‌ସେବା ବୃଦ୍ଧି ସହ ବିଭିନ୍ନ ସରକାରୀ ସେବାର ସୁଫଳ ଲୋକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚୁଛି ନା ନାହିଁ ତାହା ତଦାରଖ ପାଇଁ ନିୟମିତ ଏହି ଅଞ୍ଚଳକୁ ସରକାରୀ ଅଫିସର୍‌ମାନଙ୍କୁ ଗସ୍ତ କରିବାକୁ ମନ୍ତ୍ରୀ ଶ୍ରୀ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି। ଏବେ ଏମ୍‌ଜିମନରେଗାରେ ୧୮୨ଟି ପ୍ରକଳ୍ପ କାର୍ଯ୍ୟ ଚାଲିଥିବାବେଳେ ୧୦୪୭ଜଣଙ୍କୁ ଜବକାର୍ଡ ଦିଆଯାଇଛି। ୨୦୧୨-୧୩ରୁ ଏପର୍ଯ୍ୟନ୍ତ ମୋଟ ୧୧୬୯ଟି ଇନ୍ଦିରା ଆବାସ ଓ ବିଜୁ ପକ୍କାଘର ଯୋଜନାରେ ଗୃହ ଆବଣ୍ଟନ ହୋଇଛି। କୋଟିଆ ପଞ୍ଚାୟତରେ ନିର୍ବାଚନ ପ୍ରକ୍ରିୟା ମଧ୍ୟ ହେଉଛି। ତେବେ ଏସବୁ ସତ୍ତ୍ୱେ କେଉଁ କାରଣ ପାଇଁ ସ୍ଥାନୀୟ ଅଧିବାସୀଙ୍କୁ ଆନ୍ଧ୍ର ସରକାର ପ୍ରଲୋଭିତ କରିବାରେ ସକ୍ଷମ ହେଉଛନ୍ତି ତଥା ଏନେଇ ଜିଲ୍ଲାପାଳ ଓ ଆରଡ଼ିସି ଦେଇଥିବା ତଦନ୍ତ ରିପୋର୍ଟକୁ ସରକାର ଏବେ ତର୍ଜମା କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମହାନ୍ତି କହିଛନ୍ତି।

## ଭର୍ତ୍ତୃହରି ୨୦୧୭ର ଶ୍ରେଷ୍ଠ ସାଂସଦ

**ଭୁବନେଶ୍ୱର :** ବିଜେଡିର ବରିଷ୍ଠ ଲୋକସଭା ସଦସ୍ୟ ଭର୍ତ୍ତୃହରି ମହତାବ ୨୦୧୭ ପାଇଁ ଶ୍ରେଷ୍ଠ ସାଂସଦ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଭାରତୀୟ ପାର୍ଲାମେଣ୍ଟାରୀ ଗ୍ରୁପ୍ (ଆଇପିଜି) ପକ୍ଷରୁ ଏହା ଘୋଷଣା କରାଯାଇଛି। ଆଇପିଜି ପକ୍ଷରୁ ୨୦୧୩ରୁ ୨୦୧୭ ପର୍ଯ୍ୟନ୍ତ ଗତ ୫ ବର୍ଷର ପୁରସ୍କାର ଘୋଷଣା ହୋଇଛି। ବିଜେପିର ନଜ୍‌ମା ହେପାତୁଲ୍ଲା-୨୦୧୩ ବର୍ଷ ପାଇଁ, ବିଜେପି ସାଂସଦ ହୁକୁମ୍‌ଦେବ ନାରାୟଣ ଯାଦବ-୨୦୧୪, ରାଜ୍ୟସଭାରେ କଂଗ୍ରେସ ଦଳର ନେତା ଗୁଲାମନବୀ ଆଜାଦ୍ - ୨୦୧୫ ଏବଂ ତୃଣମୂଳ କଂଗ୍ରେସ ସାଂସଦ ଦୀନେଶ ତ୍ରିବେଦୀ ୨୦୧୬ ପାଇଁ ଶ୍ରେଷ୍ଠ ସାଂସଦ ପୁରସ୍କାର ପାଇବେ। ଲୋକସଭା ବାଚସ୍ପତି ସୁମିତ୍ରା ମହାଜନଙ୍କ ନେତୃତ୍ୱରେ ଗଠିତ ପୁରସ୍କାର କମିଟି ଏମାନଙ୍କୁ ମନୋନୀତ କରିଛି। ଏହି କମିଟିରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ, ବିଜେପିର ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀ, ରାଜ୍ୟସଭାର ଉପାଧ୍ୟକ୍ଷ ପିଜେ କୁରିଏନ୍, କଂଗ୍ରେସ ନେତା କରନ୍ ସିଂହ ପ୍ରମୁଖ ସଦସ୍ୟ ଅଛନ୍ତି। ସାଂସଦଙ୍କ ଅଭିଜ୍ଞତା, ଦକ୍ଷତା, ବିତର୍କ କୌଶଳ ଏବଂ ବିଭିନ୍ନ ପ୍ରସଙ୍ଗରେ ଜ୍ଞାନକୁ ବିଚାରକୁ ନିଆଯାଇ ଏହି ପୁରସ୍କାର ଦିଆଯାଇଥାଏ। ଭର୍ତ୍ତୃହରିଙ୍କୁ ଏହି ସମ୍ମାନ ମିଳିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସ୍ୱଚ୍ଛ ଭାରତର ମିଶନର ବିଏମ୍‌ସିକୁ ତାଗିଦ୍

**ଭୁବନେଶ୍ୱର :** ଅମୃତ ମିଶନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ ବିଏମ୍‌ସି ପଛୁଆ ରହିଛି। ଫଳରେ ସ୍ୱଚ୍ଛ ଭାରତ ରାଜ୍ୟ ଶାଖା ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ବିଏମ୍‌ସିକୁ ତାଗିଦ୍ କରି ଚିଠି ଲେଖିଛନ୍ତି। ଘରକୁ ଘର ବୁଲି ଆବର୍ଜନା ସଂଗ୍ରହର ସର୍ଭେ ରିପୋର୍ଟ ପାଇଁ ସ୍ୱଚ୍ଛ ଭାରତ ମିଶନ୍ ରାଜ୍ୟ ଶାଖା ବାରମ୍ବାର ନିର୍ଦ୍ଦେଶ ଦେବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ରିପୋର୍ଟ ହସ୍ତଗତ ହୋଇନାହିଁ। ୨୦୧୬ ମସିହାରୁ ଏଥିପାଇଁ ବିଏମ୍‌ସିକୁ ବାରମ୍ବାର ଚିଠି ଲେଖାଯାଇଥିଲେ ମଧ୍ୟ ରିପୋର୍ଟ ନ ମିଳିବାରୁ ସ୍ୱଚ୍ଛ ଭାରତ ମିଶନ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜଧାନୀର ୱାର୍ଡଗୁଡ଼ିକରେ କେତେ ସଂଖ୍ୟାରେ 'ଆଇଏଚ୍‌ଏଚ୍‌ଏଲ୍' ଅନ୍ତର୍ଗତ ବ୍ୟକ୍ତିଗତ ଶୌଚାଳୟ, କମ୍ୟୁନିଟି ଟଏଲେଟ୍ ଓ ପବ୍ଲିକ୍ ଟଏଲେଟ୍ ରହିଛି, ସେ ସମ୍ପର୍କିତ ରିପୋର୍ଟ ମଧ୍ୟ ଦାଖଲ ହୋଇନାହିଁ। ଅନଲାଇନ୍‌ରେ ସମସ୍ତ କମ୍ୟୁନିଟି ଟଏଲେଟ୍, ହାଇବ୍ରିଡ୍ ଟଏଲେଟ୍ ଓ ପବ୍ଲିକ୍ ଟଏଲେଟ୍ ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି। ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସ ସୁଦ୍ଧା ରାଜଧାନୀର ସମସ୍ତ ୱାର୍ଡକୁ ଖୋଲା ମଳତ୍ୟାଗମୁକ୍ତ ଅଞ୍ଚଳ ଘୋଷଣା କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ବେଳେ ବିଏମ୍‌ସି ଏହି ଲକ୍ଷ୍ୟ ମଧ୍ୟ ବିଫଳ ହୋଇଛି। ରାଜଧାନୀର ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ କେନ୍ଦ୍ରସ୍ଥଳଗୁଡ଼ିକରେ ଦିନକୁ ଦୁଇ ଥର ସଫେଇ ସହିତ ରାତ୍ରିକାଳୀନ ସଫେଇ ପାଇଁ ମଧ୍ୟ ସ୍ୱଚ୍ଛ ଭାରତ ମିଶନ୍ ରାଜ୍ୟ ଶାଖା ବିଏମସିକୁ ନିର୍ଦ୍ଦେଶ ଦେଇଛନ୍ତି। ଡମ୍ପିୟାର୍ଡ ପାଇଁ ତୁରନ୍ତ ନୂତନ ସ୍ଥାନ ଚିହ୍ନଟ କରିବା ସହିତ କଠିନ ବର୍ଜ୍ୟ ପରିଚାଳନାରେ ଯେପରି ଶତ ପ୍ରତିଶତ ସଫଳତା ମିଳିବ ସେ ନେଇ ମଧ୍ୟ ନିର୍ଦ୍ଦେଶ ଜାରି ହୋଇଛି। ଆବର୍ଜନାରୁ ଶକ୍ତି ନିର୍ଗତ ପାଇଁ ପ୍ଲାଣ୍ଟ୍ ସ୍ଥାପନ ପାଇଁ ସ୍ୱଚ୍ଛ ଭାରତ ମିଶନ-୨୦୧୬ରେ ନିୟମ ରହିଥିଲା ବେଳେ ବିଏମ୍‌ସି ଏ ଦିଗରେ ମଧ୍ୟ ବିଫଳ ହୋଇଛି। ପୁନଃ ପ୍ରକ୍ରିୟାକରଣ ଅଯୋଗ୍ୟ ବର୍ଜ୍ୟରୁ ଶକ୍ତି ନିର୍ଗତ ପାଇଁ ପ୍ଲାଣ୍ଟ୍ ସ୍ଥାପନ ବିଏମ୍‌ସି ବହୁ ପଛରେ ରହିଛି। ଅମୃତ ମିଶନ ଯୋଜନାର କାର୍ଯ୍ୟକାରିତା ଉପରେ ସ୍ୱଚ୍ଛ ସର୍ବେକ୍ଷଣର ୪୦ ପ୍ରତିଶତ ମାର୍କ ନିର୍ଭର କରୁଥିଲା ବେଳେ ବିଏମ୍‌ସିର ଅପାରଗତା ପାଇଁ ଏହି କ୍ଷେତ୍ରରେ ମାନ୍ୟତା ହ୍ରାସ ପାଇବ ବୋଲି ଆଶଙ୍କା କରାଯାଉଛି।

### ପୌର ନିର୍ବାଚନ ପାଇଁ ପ୍ରସ୍ତୁତି

# ଏପ୍ରିଲ ୩୦ ସୁଦ୍ଧା ୱାର୍ଡ ପୁନର୍ଗଠନ ଓ ସିଟ୍ ସଂରକ୍ଷଣ ପ୍ରକ୍ରିୟା ସରିବ

**ଭୁବନେଶ୍ୱର :** ରାଜ୍ୟରେ ପୌର ନିର୍ବାଚନ ପ୍ରକ୍ରିୟା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏପ୍ରିଲ ୩୦ତାରିଖ ସୁଦ୍ଧା ୯୦ଟି ପୌରାଞ୍ଚଳରେ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣର ଚୂଡ଼ାନ୍ତ ବିଜ୍ଞପ୍ତି ଜାରି କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପୌର ପ୍ରଶାସକ ସଂଗ୍ରାମଜିତ୍ ନାୟକ ଆଜି ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ଆବଶ୍ୟକ ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଶ୍ରୀ ନାୟକ କହିଛନ୍ତି ଯେ ୬୫ଟି ପୌରାଞ୍ଚଳର ଅବଧି ସେପ୍ଟେମ୍ବର ୩୦ତାରିଖ ସୁଦ୍ଧା ଶେଷ ହେଉଥିବାବେଳେ ୨୦ଟି ପୌରାଞ୍ଚଳର ଡିସେମ୍ବର ୪ତାରିଖ, ଫୁଲବାଣୀ ମ୍ୟୁନିସ୍‌ପାଲିଟି ଓ ଜି.ଉଦୟଗିରି ଏନ୍‌ଏସିର ଡିସେମ୍ବର ୯ତାରିଖ, ବାରିପଦା ମ୍ୟୁନିସ୍‌ପାଲିଟିର ୨୦୧୯ ଫେବୃୟାରୀ ୧୩ତାରିଖ, ବଲାଙ୍ଗିର ଓ ଟିଟିଲାଗଡ଼ ମ୍ୟୁନିସପାଲଟିର କାର୍ଯ୍ୟକାଳ ୨୦୧୯ ଜୁଲାଇ ୧୧ତାରିଖରେ ଶେଷ ହେଉଛି। ଓଡ଼ିଶା ମ୍ୟୁନିସପାଲଟି ଆକ୍ଟ-୧୯୫୦ର ଧାରା ୧୨ ଏବଂ ଓଡ଼ିଶା ମ୍ୟୁନିସପାଲ ରୁଲ୍‌ସ୍-୧୯୯୪ ଆଧାରରେ ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ କାର୍ଯ୍ୟ ଚଳିତବର୍ଷ ଏପ୍ରିଲ ୨୦ତାରିଖ ସୁଦ୍ଧା ନିଶ୍ଚିତ ଭାବେ ଶେଷ କରିବାକୁ ରାଜ୍ୟ ନିର୍ବାଚନ କମିଶନ ଚାହିଁଛନ୍ତି। ଏହି ସବୁ କାର୍ଯ୍ୟ ସମ୍ପନ୍ନ ହେବାପରେ ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ପ୍ରକ୍ରିୟା ଆରମ୍ଭ କରିବେ। ତେଣୁ ନିର୍ବାଚନ କମିଶନଙ୍କ ପରାମର୍ଶକୁ ଦୃଷ୍ଟିରେ ରଖି ସମସ୍ତ ଜିଲ୍ଲାରେ ଫେବୃୟାରୀ ୧୫ତାରିଖ ସୁଦ୍ଧା ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ନିମନ୍ତେ ଚିଠା ବିଜ୍ଞପ୍ତି ନିମନ୍ତେ ପୌର ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି। ଫେବୃୟାରୀ ୨୪ତାରିଖ ସୁଦ୍ଧା ଜିଲ୍ଲାପାଳ ଏହା ଉପରେ ସମସ୍ତ ଆପତ୍ତି ଓ ପରାମର୍ଶ ଗ୍ରହଣ କରିବେ। ମାର୍ଚ୍ଚ ୮ତାରିଖ ସୁଦ୍ଧା ୱାର୍ଡ ପୁନର୍ଗଠନ ଓ ଆସନ ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ ପାଇବ। ଜିଲ୍ଲାପାଳଙ୍କ ଏହି ବିଜ୍ଞପ୍ତି ଉପରେ ସାଧାରଣ ଲୋକମାନେ ମାର୍ଚ୍ଚ ୯ରୁ ୨୩ତାରିଖ ପର୍ଯ୍ୟନ୍ତ ନଗର ଉନ୍ନୟନ ବିଭାଗରେ ଅଭିଯୋଗ ଅବା ଆପତ୍ତି କରିପାରିବେ। ଏସବୁ ଅଭିଯୋଗର ଶୁଣାଣି ଓ ଚୂଡ଼ାନ୍ତ ନିଷ୍ପତ୍ତି ପ୍ରକ୍ରିୟାକୁ ମାର୍ଚ୍ଚ ୨୬ରୁ ଏପ୍ରିଲ ୨୫ତାରିଖ ମଧ୍ୟରେ ଶେଷ କରାଯିବ। ଆପିଲେଟ୍ ଅଥରିଟି(ନଗର ଉନ୍ନୟନ ବିଭାଗ)ର ନିଷ୍ପତ୍ତିକୁ ଏପ୍ରିଲ ୨୮ତାରିଖ ସୁଦ୍ଧା ଜିଲ୍ଲାପାଳମାନଙ୍କୁ ଅବଗତ କରାଯିବ। ଏପ୍ରିଲ ୩୦ତାରିଖରେ ଜିଲ୍ଲାପାଳମାନେ ଆସନ ସଂରକ୍ଷଣ ଓ ୱାର୍ଡ ପୁନର୍ଗଠନର ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରିବେ।

### ମହଙ୍ଗା ପଡିଲା ଜାଲ୍ ଜାତିଗତ ପ୍ରମାଣପତ୍ର

# ବିଧାୟକ ପଦ ହରାଇଲେ ଯୋଗେଶ

**କଟକ :** ଅନୁସୂଚିତ ଜନଜାତିଙ୍କ ନିମନ୍ତେ ଉଦ୍ଦିଷ୍ଟ ସୁନ୍ଦରଗଡ଼ ସଂରକ୍ଷିତ ବିଧାନସଭା ଆସନରୁ ବିଜୟୀ ହୋଇଥିବା କଂଗ୍ରେସ ବିଧାୟକ ଯୋଗେଶ ସିଂଙ୍କ ସଭ୍ୟପଦକୁ ହାଇକୋର୍ଟ ଅସିଦ୍ଧ ଘୋଷଣା କରିଛନ୍ତି । ସୁନ୍ଦରଗଡ଼ ବିଧାନସଭା ଆସନ ପାଇଁ ନିର୍ବାଚନ ଲଢ଼ି ପରାଜିତ ହୋଇଥିବା ବିଜେପି ପ୍ରାର୍ଥୀ ସହଦେବ ଖାଖା ଓ ସେହି ନିର୍ବାଚନ ମଣ୍ଡଳୀର ଅଜୟ ପଟେଲ ନାମକ ଜଣେ ଭୋଟରଙ୍କ ପକ୍ଷରୁ ରୁଜୁ ୨ଟି ପୃଥକ୍ ମାମଲାର ଏକତ୍ର ଶୁଣାଣି ପରେ ହାଇକୋର୍ଟ ଯୋଗେଶଙ୍କ ସଦସ୍ୟ ପଦକୁ ରଦ୍ଦ କରିବା ସହିତ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିଜୟ କୁମାର ନାୟକ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହି ରାୟ ପ୍ରକାଶ ପାଇବା ପରେ ଶ୍ରୀ ସିଂଙ୍କ ଓକିଲ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ଜାତିଗତ ପ୍ରସଙ୍ଗରେ କୋର୍ଟ କୌଣସି ରାୟ ଦେଇ ନାହାନ୍ତି। ଯୋଗେଶଙ୍କ ନିର୍ବାଚନୀ ସତ୍ୟପାଠରେ ପତ୍ନୀଙ୍କ ସଂପର୍କରେ କେତେକ ତଥ୍ୟ ପ୍ରଦାନ ନକରିଥିବାରୁ ଏଭଳି ରାୟ ଆସିଛି। ଯାହାକୁ ଉପର କୋର୍ଟରେ ଚ୍ୟାଲେଞ୍ଜ କରିବାର ସୁଯୋଗ ମଧ୍ୟ ରହିଛି। ଆବେଦନକାରୀ ସହଦେବ ଖାଖାଙ୍କ ପକ୍ଷରୁ ହାଇକୋର୍ଟରେ ଏହି ମାମଲାକୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ପରିଚାଳନା କରୁଥିବାବେଳେ ଅଜୟ ପଟେଲଙ୍କ ତରଫରୁ ଆଇନଜୀବୀ ଦୟାନନ୍ଦ ମହାପାତ୍ର, ରାମଚନ୍ଦ୍ର ଷଡ଼ଙ୍ଗୀ ପରିଚାଳନା କରୁଥିଲେ। ଗତ ୨୦୧୪ରେ ସୁନ୍ଦରଗଡ଼ର ଏହି ସଂରକ୍ଷିତ ବିଧାନସଭା ଆସନ ନିମନ୍ତେ ଅନୁଷ୍ଠିତ ନିର୍ବାଚନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ଏହି ଆସନଟି ଅନୁସୂଚିତ ଜନଜାତିଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିବାବେଳେ ଯୋଗେଶ ସିଂହ ଉକ୍ତ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ନିର୍ବାଚିତ ହୋଇଥିଲେ । ଶ୍ରୀ ସିଂ ଭୂୟାଁ ଖଣ୍ଡାୟତ ବର୍ଗର ହୋଇଥିବା ବେଳେ ନିଜକୁ ଭୂୟାଁ ସମ୍ପ୍ରଦାୟର ଅନୁସୂଚିତ ଜନଜାତିର ସଦସ୍ୟ ବୋଲି ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ଅଭିଯୋଗ ହୋଇଥିଲା। ଏଥିସହ ସେ ନିଜର ସମ୍ପତ୍ତି ସମ୍ପର୍କରେ ମଧ୍ୟ ମିଥ୍ୟା ସତ୍ୟପାଠ ଦାଖଲ କରିଥିଲେ ବୋଲି ଅଭିଯୋଗ କରି ପରାଜିତ ପ୍ରାର୍ଥୀ ଶ୍ରୀ ଖାଖା ଓ ଶ୍ରୀ ପଟେଲ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ । ରୁଜୁ ମାମଲାରେ ଉଭୟ ଆବେଦନକାରୀ ଶ୍ରୀ ସିଂହଙ୍କ ସଦସ୍ୟ ପଦକୁ ରଦ୍ଦ କରିବା ସହ ଉକ୍ତ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ଆବେଦନ କରିଥିଲେ । ଏହି ନିର୍ବାଚନୀ ମାମଲାରେ ତାଙ୍କ ଜାତିଗତ ପ୍ରମାଣପତ୍ରକୁ ନେଇ ଦ୍ୱନ୍ଦ୍ୱ ଉଠିଥିବାରୁ ଏ ସମ୍ପର୍କରେ ସୁନ୍ଦରଗଡ଼ ସିଡିଏମ୍‌ଓ, ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ, ଆହ୍ଲାବାଦ୍ ବ୍ୟାଙ୍କ ଓ ସର୍ଗିପଲ୍ଲି ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ସାକ୍ଷ୍ୟ ପ୍ରଦାନ ପାଇଁ ଡକାଯାଉ ବୋଲି ବିଧାୟକ କରିଥିବା ୪ଟି ଆବେଦନକୁ ମଧ୍ୟ ହାଇକୋର୍ଟ ଖାରଜ କରିଥିଲେ। ତେବେ ହାଇକୋର୍ଟ ନିର୍ବାଚନରେ ଦ୍ୱିତୀୟ ସର୍ବାଧିକ ଭୋଟ୍ ପାଇଥିବା ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯାଉ ବୋଲି ଆବେଦନକାରୀଙ୍କ ଯୁକ୍ତିକୁ କୋର୍ଟ ଖାରଜ କରିଦେଇଛନ୍ତି।

## ବନ୍ଦର ସମ୍ପ୍ରସାରଣ କାର୍ଯ୍ୟସ୍ଥଳରେ ମାଟି ଅତଡ଼ା ଖସିଲା

**ପାରାଦୀପ :** ପାରାଦୀପ ବନ୍ଦର ଭିତରେ ୱାଗନ ଟିପର୍ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ ୨ନମ୍ବର ଗେଟ୍ ପାଖାପାଖି ଏକ ବିରାଟ ଧରଣର ମାଟି-ବାଲି ଅତଡ଼ା ଖସିବା ଯୋଗୁଁ ସାଧାରଣରେ କିଛି ସମୟ ପାଇଁ ଆତଙ୍କ ଖେଳି ଯାଇଥିଲା। ତେବେ ଏହା ଏକ ସାଧାରଣ ମାଟି ଅତଡ଼ା ଖସିବା ଘଟଣା ବୋଲି ପରବର୍ତ୍ତୀ ସମୟରେ ଜଣା ପଡ଼ିଥିଲା। ତେବେ ଏହି ଘଟଣାରେ କୌଣସି ଧନଜୀବନ କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ସଂଗୃହୀତ ଖବର ଅନୁଯାୟୀ ବନ୍ଦର ଭିତରେ ଚାଲିଥିବା ଏହି ସମ୍ପ୍ରସାରଣ କାର୍ଯ୍ୟକୁ ଜେଏସଡ଼ବ୍ଲ୍ୟୁ ନେଇଥିଲା। ଜେଏସଡ଼ବ୍ଲ୍ୟୁଠାରୁ ଏଲ ଆଣ୍ଡ ଟି ସଂସ୍ଥା ଏହି କାର୍ଯ୍ୟକୁ ସବଲେଟରେ ନେଇ କରୁଛି। ଏହି କାର୍ଯ୍ୟସ୍ଥଳରେ ମାଟି ବାଲି ଅତଡ଼ାର ନ ଖସିବା ପାଇଁ ଲୁହା ପେଲଟ୍ ଦିଆଯାଇଛି। ମାତ୍ର ଆଜି କୌଣସି କାରଣରୁ ଏହି ପ୍ଲେଟ୍ ଖସିପଡ଼ିବା ଯୋଗୁଁ ହଠାତ୍ ମାଟି ଓ ବାଲି ଅତଡ଼ା ଖସିବାରେ ଲାଗିଥିଲା। ଏହା ଏତେ ପରିମାଣରେ ଖସିଥିଲା ଯେ, ହଠାତ୍ ଏହାକୁ ରୋକିବା ସମ୍ଭବ ହୋଇ ନ ଥିଲା।

# ମେଡିକାଲ ପାଇଁ ରାସ୍ତାରୋକ୍

**ବରୀ/ଯାଜପୁର, (ସୁରେଶ କର) :** ପ୍ରସ୍ତାବିତ କୃଷ୍ଣଚନ୍ଦ୍ର ମେଡିକାଲ ଗଠନରେ ବିଳମ୍ବ ଓ ସରକାରଙ୍କ ବୈମାତୃକ ନୀତି ଯୋଗୁଁ ଗତ ଶୁକ୍ରବାର ଠାରୁ ସମଗ୍ର ବାଇଁଶିରିଆ ପଞ୍ଚାୟତବାସୀଙ୍କ ପକ୍ଷରୁ ଚୁଡାକଳ ଛକରେ ରାସ୍ତାରୋକ କରାଯାଇଥିଲା। ବରୀଠାରୁ କଟକ ଓ କଟକରୁ ବରୀ ଆସୁଥିବା ସମସ୍ତ ଯାନବାହନ ଚୁଡାକଳ ଛକରେ ଅଟକି ରହିଥିଲା। ଯାହା ଫଳରେ ଗମନାଗମନ ସମ୍ପୂର୍ଣ୍ଣ ଭାବେ ଠପ୍ ରହିଥିଲା। ଘଟଣା ସ୍ଥଳରେ ବରୀ ଥାନାଧିକାରିଣୀ ରୋଜାଲିନ ପଟେଲ ଉପସ୍ଥିତ ରହି ପରିସ୍ଥିତିକୁ ଆୟତ କରିଥିଲେ। ବରୀ ଅତିରିକ୍ତ ତହସିଲଦାର ପୁଷ୍ପାଶ୍ରୀ ସାଣ୍ଡିଲ୍ୟ ମଧ ପହଞ୍ଚି ଲୋକମାନଙ୍କୁ ଆନ୍ଦୋଳନରୁ ଓହରିଯିବାକୁ ପରାମର୍ଶ ଦେଇଛନ୍ତି। ବାଇଁଶିରିଆ ପଞ୍ଚାୟତ ତଥା ମେଡିକାଲ କମିଟି ସଦସ୍ୟ ପକ୍ଷରୁ ସୁନିଲ ନନ୍ଦ, ସତ୍ୟରଞ୍ଜନ କର, ନାରଣ ଦାସ, ବାସୁଦେବ ସାହୁ, ସୁରେଶ କର, ବାଇଁଶିରିଆ ପଞ୍ଚାୟତର ସମିତି ସଭ୍ୟ ଲକ୍ଷ୍ମଣ ସାହୁ, ପୂର୍ବତନ ସମିତି ସଭ୍ୟ ଦଶରଥ ସାହୁ,






ଦୁର୍ଗାମାଧବ ନନ୍ଦ, ଶିକ୍ଷାବିତ୍ ଦଶରଥ ସାହୁ, କେଦାର ସାହୁ, ସମାଜସେବୀ କୈଳାସ ଦାସ, ପ୍ରାନ୍ତ ମହାନ୍ତି, ସଂଗ୍ରାମ ପଲାଇ, କିମ୍ଭିରିଆପାଳରୁ ଦିଲିପ୍ ସାହୁ, ଚିତ୍ତରଞ୍ଜନ ସାହୁ, ବାଇଁଶିରିଆରୁ ପ୍ରଭାକର ମଲିକ, ଚନ୍ଦ୍ରଭାନୁ ପଣ୍ଡା, ସେକ୍ ଗୁଫରାନ୍, ଅଜୟ ସାହୁ, କାଶୀନାଥ ସାହୁ, ବିବେକ ସାମଲ, ବାବୁଲି ଜେନା, ବିଜେପି ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ଆଶୁତୋଷ ପରିଡାଙ୍କ ସହ ବହୁ ସମର୍ଥକ ଧାରଣାରେ ସାମିଲ ହୋଇ ତୁରନ୍ତ ମେଡିକାଲ ହେବା ନେଇ ଦାବି ଜଣାଇଛନ୍ତି। ପଞ୍ଚାୟତରୁ ହଜାର ହଜାର ଲୋକେ ଧାରଣାରେ ସାମିଲ ହୋଇ ସମର୍ଥନ ଜଣାଇଛନ୍ତି। ବରୀ ପୋଲିସ ଓ ଆନ୍ଦୋଳନକାରୀଙ୍କ ଉଦ୍ୟମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ମେଡିକାଲ ଯାଉଥିବା ରୋଗୀ ଓ ଆମ୍ବୁଲାନ୍ସକୁ ସୁରକ୍ଷିତ ଭାବରେ ରାସ୍ତା ଛଡାଯାଇଥିଲା। ବରୀ ପୋଲିସ ଓ ଅତିରିକ୍ତ ତହସିଲଦାରଙ୍କ ବୁଝାସୁଝା ପରେ ଦୀର୍ଘ ୫ ଘଣ୍ଟା ଆନ୍ଦୋଳନ ପରେ ଶେଷରେ ଆନ୍ଦୋଳନରୁ ଓହରିଥିଲେ ପଞ୍ଚାୟତବାସୀ। ଖୁବ୍‌ଶୀଘ୍ର ମେଡିକାଲ କିପରି ହେବ ସେନେଇ ଉଚ୍ଚପଦସ୍ତ ଅଫିସରଙ୍କୁ ଜଣାଇ ଦେବେ ବୋଲି ଅତିରିକ୍ତ ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି ଓ ଏକ ଦଶଜଣିଆ କମିଟି ଗଂନ ନେଇ ପ୍ରସ୍ତାବ ମିଳିଛି। ପ୍ରକାଶଥାଉ କି, ବାଇଁଶିରିଆରେ ମେଡିକାଲ ପାଇଁ ଦୀର୍ଘ ୪୧ ବର୍ଷ ହେଲା ସରକାରଙ୍କୁ ନିବେଦନ କରାଯାଇ ଏପରିକି ମେଡିକାଲ ପାଇଁ ସ୍ଥାନ ସ୍ଥିରିକୃତ ହେବା ଓ ସେଠାରେ ପାଚେରୀ ନିର୍ମାଣ ସାରିଥିଲେ ମଧ ହଠାତ୍ ମେଡିକାଲକୁ ତାଲିକାରୁ ବାଦ ଦେବା ପରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ବହୁ ସଂସ୍ଥାରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

**ପୁରୀ :** ପୁରୀ ସହରରେ ଥିବା ୨୪ଟି ହୋଟେଲ, ସପିଂ ମଲ୍, କ୍ଲିନିକ୍ ଓ ବ ବଡ଼ ଆବାସିକ ସୌଧ ଉପରେ ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ଅତର୍କିତ ଚଢ଼ଉ କରାଯାଇ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ଯାଞ୍ଚ କରାଯାଇଥିଲା। ଏଥିମଧ୍ୟରୁ ବହୁ ସୌଧରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ଯାଞ୍ଚବେଳେ ଜଣାପଡ଼ିଛି। ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ତ୍ରୁଟିଥିବା ସଂସ୍ଥାମାନଙ୍କ ଉପରେ ନୋଟିସ୍ ଜାରି କରାଯିବ ଏବଂ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ତ୍ରୁଟି ନସୁଧାରିଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଆବଶ୍ୟକ ହେଲେ ସମ୍ପୃକ୍ତ ସଂସ୍ଥାକୁ ସିଲ୍ କରିଦିଆଯିବ ବୋଲି ଚିଫ୍ ଫାୟାର ଅଫିସର (ଫାୟାର ପ୍ରିଭେନ୍‌ସନ୍ ଓଡ଼ିଶା) ବ୍ରଜେନ୍ଦୁ ଭୂଷଣ ଦାସ ପ୍ରକାଶ କରିଛନ୍ତି। ମୁଖ୍ୟ ଅଗ୍ନିଶମ ଅଧିକାରୀ ଶ୍ରୀ ଦାସ ପ୍ରକାଶ କରିଥିଲେ ଯେ, ୧୨ଟି ଟିମ୍ ଦ୍ୱାରା ଏକ ସମୟରେ ବିଭିନ୍ନ ସପିଂ ମଲ୍, ହୋଟେଲ୍, କ୍ଲିନିକ୍ ଓ ଆବାସିକ ସୌଧ ଉପରେ ଚଢ଼ଉ କରାଯାଇଥିଲା। ଅଗ୍ନିଶମ ସେବା ସଂସ୍ଥାର ୯୬ଜଣ ଅଧିକାରୀ ଓ କର୍ମଚାରୀ ଏହି ଯାଞ୍ଚ କରିଥିଲେ। ପ୍ରତ୍ୟେକ ଟିମରେ ୮ଜଣ ଲେଖାଏଁ ଅଧିକାରୀ ଓ କର୍ମଚାରୀ ରହିଥିଲେ। ଓଡ଼ିଶା ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ବିକେ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ କରାଯାଇଥିବା ଏହି ଚଢ଼ଉ ବେଳେ ଜଣାପଡ଼ିଥିଲା ଯେ, ବହୁ ହୋଟେଲ୍, ସପିଂମଲ୍, କ୍ଲିନିକାଲ ସଂସ୍ଥା ଓ ଆବାସିକ ସୌଧରେ ସମ୍ପୂର୍ଣ୍ଣ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। କେତେକ ସ୍ଥାନରେ ଅଗ୍ନି ନିର୍ବାପକ ଯନ୍ତ୍ର ଥିଲେ ମଧ୍ୟ ଅନ୍ୟ କେତେକ ସରଞ୍ଜାମ ନଥିଲା। ଏହାଛଡ଼ା ଖୋଲାସ୍ଥାନ, କରିଡର ଓ ନିର୍ଗମନ ପଥଗୁଡ଼ିକ ଅବରୁଦ୍ଧ ହୋଇପଡିଥିବା ଦେଖାଯାଇଥିଲା। ଏହିସବୁ ସଂସ୍ଥାରେ ଅଗ୍ନି ନିରାପତ୍ତା ପାଇଁ ରହିଥିବା ନିୟମ ଅନୁସରଣ କରାଯାଇନାହିଁ। ଅଧିକାଂଶ ସପିଂମଲ୍ ଓ ହୋଟେଲରେ କୌଣସି ଅଘଟଣ ଘଟିଲେ ନିରାପଦ ସ୍ଥାନକୁ ଚାଲିଯିବା ପାଇଁ ପର୍ଯ୍ୟାପ୍ତ ସୂଚନା ଫଳକ ନାହିଁ। ଶ୍ରୀ ଦାସ ପ୍ରକାଶ କରିଥିଲେ ଯେ, ପିକେଡିଏ ଦ୍ୱାରା ଅନୁମୋଦିତ ଏକ ବ୍ୟବସାୟିକ ତଥା ଆବାସିକ ସୌଧ ହୋଟେଲ ରୂପେ ବ୍ୟବହୃତ ହେଉଛି। ଏକ ହୋଟେଲ ତଥା ଆବାସିକ ସୌଧ ଗ୍ୟାସ ଗୋଦାମ ଦ୍ୱାରା ଅବରୁଦ୍ଧ ହୋଇପଡ଼ିଛି। ଏକ ବହୁତଳ ବିଶିଷ୍ଟ ହୋଟେଲରେ ଥିବା ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଗେମ୍ ପାର୍ଲରକୁ ଲାଗି ଏକ ୫ଶହ କିଲୋୱାଟ୍ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ନାଗରିକମାନଙ୍କ ନିରାପତ୍ତା ପାଇଁ ଏହି ଯାଞ୍ଚ ଉଦ୍ଦିଷ୍ଟ ବୋଲି ପ୍ରକାଶ କରି ଚିଫ୍ ଫାୟାର ଅଫିସର କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଅଗ୍ନି ନିରୋଧକ ଓ ଅଗ୍ନି ନିରାପତ୍ତା ନିୟମାବଳୀ ୨୦୧୭ ପ୍ରଣୀତ ହୋଇଛି।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୫ ଫେବୃଆରୀ - ୧୧ ଫେବୃଆରୀ, ୨୦୧୮

# କାର୍ଯ୍ୟକାରିତା ଗୁରୁତ୍ୱପୂର୍ଣ୍ଣ

**ସଂ**ସଦରେ ଚଳିତ ବର୍ଷ ମୋଦି ସରକାରଙ୍କ ଅନ୍ତିମ ଓ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ ପରେ ସମଗ୍ର ଦେଶରେ ଏହାକୁ ନେଇ ବିଭିନ୍ନ ଆଲୋଚନା ଓ ପର୍ଯ୍ୟାଲୋଚନା ଆରମ୍ଭ ହୋଇଯାଇଛି । ୨୦୧୯ ନିର୍ବାଚନକୁ ଦୃଷ୍ଟିରେ ରଖି ଅର୍ଥମନ୍ତ୍ରୀ ଅରୁଣ ଜେଟ୍ଲୀ ବଜେଟ୍ର କୁହୁକ ପେଡି ଖୋଲି ଦେଇଛନ୍ତି । କେନ୍ଦ୍ର ସରକାରଙ୍କ ବଜେଟ୍ ପୂର୍ବରୁ ସାଧାରଣରେ ଦେଖା ଯାଇଥିବା ଆଶା ଓ ଆକାଂକ୍ଷାରେ ପୂର୍ଣ୍ଣଚ୍ଛେଦ ଟାଣି ଅର୍ଥମନ୍ତ୍ରୀ ଗ୍ରାମାଞ୍ଚଳ ପାଇଁ ହାତ ଖୋଲି ଦେଇଛନ୍ତି । ଲୋକସଭାରେ ଉପସ୍ଥାପିତ ହୋଇଥିବା ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବଜେଟ୍ରେ ଖାଦ୍ୟଶସ୍ୟର ସହାୟକ ମୂଲ୍ୟ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଛି । ଏଥିରେ ଚାଷୀଙ୍କ ଉପରୁ କରଜ ବୋଝ ହଟାଇବା ପାଇଁ ୧୧ଲକ୍ଷ କୋଟିର ଆର୍ଥିକ ବ୍ୟବସ୍ଥା ହେବା ଦ୍ୱାରା ଏନ୍ଡିଏ ସରକାରଙ୍କ କୃଷି ନୀତିକୁ ସମାଲୋଚନା କରୁଥିବା ବ୍ୟକ୍ତିଙ୍କ ମୁହଁ ବନ୍ଦ ପାଇଁ ଉଦ୍ୟମ ହୋଇଥିବା ଜଣାପଡିଛି । ଏଥିରେ ବିରୋଧ ନିଶ୍ଚୟକୁ ନିୟନ୍ତ୍ରଣ କରି ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ଆଗେଇ ନେବା ପାଇଁ ଉଦ୍ୟମ କରାଯାଇଛି । ଆଗକୁ ସାଧାରଣ ନିର୍ବାଚନ ଥିଲେ ବି ଭୋଟରଙ୍କୁ ଆକୃଷ୍ଟ କଲା ଭଳି ସେଭଳି କିଛି ଲୋଭନୀୟ ଯୋଜନା କରାଯାଇନାହିଁ । ତେବେ ସହରାଞ୍ଚଳ ଅପେକ୍ଷା ଗ୍ରାମାଭିମୁଖୀ ଥିବା ଏନ୍ଡିଏ ସରକାରଙ୍କ ସମ୍ପୃକ୍ତି ଗ୍ରାମାଭିମୁଖୀ ହେଉଥିବା ସ୍ପଷ୍ଟ ଜଣାପଡୁଛି । ତେଣୁ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଚଳିତ ବଜେଟ୍ରେ ଅନେକ ପ୍ରକାର ନୂଆ ଯୋଜନା ଆରମ୍ଭ ହେବାର ଆଶା ସୃଷ୍ଟି ହୋଇଛି । ତେବେ ମଧ୍ୟବିତ୍ତ ଶ୍ରେଣୀ ଯେଉଁ ଆଶା କରିଥିଲେ ଯେ, ଆୟକର ଛାଡ଼ ସୀମା ବୃଦ୍ଧି କରାଯିବ ବୋଲି ତାହାକୁ ପ୍ରାଧାନ୍ୟ ଦେଇନାହାନ୍ତି କେନ୍ଦ୍ର ସରକାର । ତେବେ ପରୋକ୍ଷରେ ଦରମାପ୍ରାପ୍ତ ମଧ୍ୟବିତ୍ତଙ୍କ ଲାଗି ପରିବହନ ଓ ଡାକ୍ତରୀ ଚିକିତ୍ସା ସଂକ୍ରାନ୍ତ ଆନୁଷଙ୍ଗିକ ବ୍ୟୟ ଉପରେ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ସୁବିଧା ପ୍ରଦାନ କରାଯାଇଛି । ହେଲେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉପକର (ସେସ୍) ବୃଦ୍ଧି ଘଟିଛି । ବର୍ତ୍ତମାନର ସମସ୍ତ ଟିକସ ଯୁକ୍ତ ଆୟ ଉପରେ ଥିବା ୩%ରୁ ଏହା ୪%କୁ ବୃଦ୍ଧି ପାଇଛି । ସାମାଜିକ କଲ୍ୟାଣକାରୀ ଯୋଜନା ଲାଗି ୧୦% ସାମାଜିକ ସରଚାର୍ଜ ଲାଗୁ କରାଯିବାକୁ ଘୋଷଣା ହୋଇଛି । ମତ୍ସ୍ୟଜୀବୀ ଓ ପଶୁ ସମ୍ପଦ କ୍ଷେତ୍ର ଚାଷୀଙ୍କୁ କିଷାନ କ୍ରେଡିଟ୍ କାର୍ଡ ପ୍ରଦାନର ନିଷ୍ପତ୍ତି ସହ କୃଷି ବଜାରର ବିକାଶ ଲାଗି ୨ହଜାର କୋଟି ଟଙ୍କା ଯୋଗାଇ ଦେବାକୁ ବଜେଟ୍ରେ ଅର୍ଥ ବରାଦ କରାଯାଇଛି । ସ୍ୱୟଂକ୍ରିୟ ଭାବେ ମୁଦ୍ରାସ୍ଫୀତି ହାରରେ ସାଂସଦମାନଙ୍କର ବେତନ ବୃଦ୍ଧି ପାଞ୍ଚବର୍ଷରେ ଥରେ ସଂଶୋଧନ କରାଯିବାକୁ ବଜେଟ୍ରେ ନୂଆ ବ୍ୟବସ୍ଥା ମଧ୍ୟ ରହିଛି । କୃଷି କ୍ଷେତ୍ର ପାଇଁ ଋଣ ଯୋଜନା ସୀମାକୁ ୧୦ଲକ୍ଷ କୋଟି ଟଙ୍କାରୁ ୧୧ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯିବା ସହିତ ବାଉଁଶ ଶିଳ୍ପକୁ ୧୨ଶହ ୯୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି ଅର୍ଥମନ୍ତ୍ରୀ। କୃଷକଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀକୁ ବିକ୍ରି ଲାଗି ଆବଶ୍ୟକ ବଜାର ଯୋଗାଇ ଦେବାକୁ ୨୨ ହଜାର ହାଟକୁ ଗ୍ରାମୀଣ କୃଷି ହାଟ କରାଯିବ ବୋଲି ଘୋଷଣା କରାଯାଇଛି।

ମନ୍ତ୍ରୀକଥା
ତାରକ ମହାନ୍ତି



ସେହିଭଳି ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଦେଶରେ ଆଉ ୨୪ଟି ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଘୋଷଣା ସହ ପ୍ରତି ଗରିବ ପରିବାରକୁ ୫ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ବଜେଟ୍ରେ ବ୍ୟୟବରାଦ ରହିଛି। ଗ୍ରାମାଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍ଜି)କୁ ୭୫ ହଜାର କୋଟି ଟଙ୍କା ଋଣ ଯୋଗାଇ ଦେବାକୁ ସ୍ଥିର କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚଳିତ ବଜେଟ୍ରେ ସରକାର ବରିଷ୍ଠ ନାଗରିକଙ୍କ ଲାଗି ରିଆତି ଘୋଷଣା କରିଛନ୍ତି। ସେହିଭଳି ୯୯ ସ୍ମାର୍ଟସିଟି ପାଇଁ ୫.୯୭ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ବଢ଼ାଯାଇଛି। ୨ କୋଟି ଗାଁରେ ଶୌଚାଳୟ ପ୍ରତିଷ୍ଠା, ଗାଁ ଲୋକଙ୍କ ପାଇଁ ଇଣ୍ଟରନେଟ୍ ସୁବିଧା, ସମସ୍ତଙ୍କ ପାଇଁ ଘର ଏବଂ ୪ଲକ୍ଷ ନୂଆ ସ୍ୱାସ୍ଥ୍ୟକେନ୍ଦ୍ର ଗ୍ରାମାଞ୍ଚଳରେ ଖୋଲାଯିବାକୁ ନିଷ୍ପତ୍ତି ମଧ୍ୟ କରାଯାଇଛି।

ନୋଟ୍ ବନ୍ଦୀ, ଜିଏସ୍ଟି ଏବଂ କୃଷକଙ୍କ ପୀଡାକୁ ନେଇ ଦେଶ ଭିତରେ ମୋଦି ସରକାରଙ୍କ ବିରୋଧରେ ଯେଉଁ ଚର୍ଚ୍ଚା ଚାଲିଥିଲା ସେଥିରେ ମଲମ ଲଗାଇବା ପାଇଁ ଅର୍ଥମନ୍ତ୍ରୀ ଜୋରସୋର ଉଦ୍ୟମ କରିଛନ୍ତି। ଋଷୀ, ମହିଳା, ବୟସ୍କ, ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି ଏନ୍ଡିଏ ସରକାର। ରୋଜଗାର ବୃଦ୍ଧି ଓ ଭିତ୍ତିଭୂମିର ବିକାଶ ପାଇଁ ଅଧିକ ଗୁରୁତ୍ୱ ଦିଆଯାଇଥିଲା ବେଳେ ଉତ୍ପାଦ ଶୁଳ୍କ ବୃଦ୍ଧି କାରଣରୁ ଅଧିକାଂଶ ବୈଦ୍ୟୁତିକ ସାମଗ୍ରୀ ଯଥା - ଟିଭି ଓ ମୋବାଇଲ ମହଙ୍ଗା ହେବାକୁ ଯାଉଛି। ୭୦ଲକ୍ଷ ନୂଆ କର୍ମ ନିଯୁକ୍ତିର ସୁଯୋଗ ସୃଷ୍ଟି ନିମନ୍ତେ ବଜେଟ୍ରେ ପ୍ରାବଧାନ ରହିଥିଲା ବେଳେ ୨୫ ହଜାରରୁ ଅଧିକ ଯାତ୍ରୀ ଚଳପ୍ରଚଳ କରୁଥିବା ରେଳ ଷ୍ଟେସନରେ ଏସ୍କାଲେଟର ଲଗାଯିବା ପାଇଁ ମଧ୍ୟ ବ୍ୟବସ୍ଥା ହୋଇଛି। ସବୁ ରେଳ ଷ୍ଟେସନ ଓ ଟ୍ରେନ୍ରେ ୱାଇଫାଇ ଏବଂ ସିସିଟିଭି ଲଗାଯିବ। ଟିବି ରୋଗୀଙ୍କୁ ମାସିକ ୫ଶହ ଟଙ୍କା ସହାୟତା ପ୍ରଦାନ କରାଯିବା ପାଇଁ ବଜେଟ୍ରେ ବ୍ୟବସ୍ଥା ରହିଛି। ଅର୍ଥମନ୍ତ୍ରୀଙ୍କ ବଜେଟ୍କୁ ବଡ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି ଯେ, ଏହି ବଜେଟ୍ ଦେଶର ୧୩୫ କୋଟିରୁ ଅଧିକ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବ। ବଜେଟ୍ ପ୍ରସ୍ତାବ ଅନୁଯାୟୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମ୍ଏସ୍ପି ବଢ଼ିବ। ନୂଆକରି ଅର୍ଥାତ୍ ତିନିବର୍ଷ ଯାଏ ଚାକିରି କରିଥିବା ମହିଳା କର୍ମଚାରୀଙ୍କ ଇପିଏଫ୍ରେ ସରକାରଙ୍କ ଅବଦାନ ୧.୩% ଓ ଅଧିକ କର୍ମଚାରୀ ନିୟୋଜିତ ଥିବା ସେକ୍ଟରରେ ସରକାର ୧୨% ଇପିଏଫ୍ ପ୍ରଦାନ କରିବେ। ଚଳିତ ବଜେଟ୍ରେ ମହିଳାଙ୍କ ପାଇଁ ୭୬%ର ମୁଦ୍ରା ଋଣ ଏବଂ ମହିଳାଙ୍କ ସଶକ୍ତିକରଣ ପାଇଁ ୮ କୋଟି ମାଗଣା ଗ୍ୟାସ୍ କନେକ୍ସନ ଯୋଗାଇ ଦେବାର ଘୋଷଣା କରାଯାଇଛି। କ୍ଷୁଦ୍ର ଓ ମଧ୍ୟମ ବର୍ଗର ବ୍ୟବସାୟିକ ଅନୁଷ୍ଠାନ ପାଇଁ କର୍ପୋରେଟ୍ ଟିକସ ହ୍ରାସ କରାଯାଇଛି। ୩୬ଶହ କିଲୋମିଟରର ରେଳ ଲାଇନ୍ର ନବୀକରଣ କରାଯିବା ସହିତ ସବୁ ରେଳ ନେଟ୍ୱାର୍କକୁ ବ୍ରଡ୍ଗେଜ୍ରେ ପରିଣତ କରାଯିବ ବୋଲି କହିଛନ୍ତି ଅର୍ଥମନ୍ତ୍ରୀ। ଆଗାମୀ ଦୁଇବର୍ଷ ମଧ୍ୟରେ ଦେଶରେ ଥିବା ୪ ହଜାର ୨୬୭ ମାନବିହୀନ ଲେଭେଲ କ୍ରସିଂକୁ ସମ୍ପୂର୍ଣ୍ଣ ଉଠାଇ ଦିଆଯିବ ବୋଲି ମଧ୍ୟ ଘୋଷଣା ହୋଇଛି। କିନ୍ତୁ ସ୍ୱାସ୍ଥ୍ୟସେବାରେ ବିପୁଳ ଖର୍ଚ୍ଚ ପାଇଁ ସରକାର ଶିକ୍ଷା ସେସ୍କୁ ବୃଦ୍ଧି କରିଛନ୍ତି। ହେଲେ ମୋଦି ସରକାରଙ୍କ ବଜେଟ୍କୁ ବିଶ୍ଳେଷଣ କରି କିଛି ଅର୍ଥନୀତିଜ୍ଞ କହିଛନ୍ତି ଯେ, ଏହା ଲୋକପ୍ରିୟ ଏବଂ ଦେଶ ପାଇଁ ଭଲ। କିନ୍ତୁ ଆଉକିଛି ଟ୍ୟାକ୍ସ ବିଶେଷଜ୍ଞ କହିଛନ୍ତି ଯେ, ଚଳିତ ବର୍ଷ ବଜେଟ୍ରେ କିଛି ନୂଆ ଜିନିଷ ଥିବା ଭଳି ମନେହେଉନାହିଁ। ଯେତେସବୁ ଯୋଜନା ପୂର୍ବରୁ ହୋଇଛି। ସେସବୁକୁ ଆଗେଇ ନେବା ପାଇଁ ଏହା ଉଦ୍ଦିଷ୍ଟ ମାତ୍ର। ପୁରୁଖା ରାଜନୀତିଜ୍ଞ ମାନଙ୍କର କହିବାର କଥା ହେଉଛି କେନ୍ଦ୍ରୀୟ ବଜେଟ୍ ସୁନ୍ଦର ଦିଶୁଥିଲେ ବି ଏଥିରେ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଆଉ କେତେକଙ୍କ କହିବା କଥା ଚଳିତ ବଜେଟ୍ରେ ସବୁ ବର୍ଗର ଲୋକଙ୍କ ପାଇଁ କିଛି ନା କିଛି ସୁବିଧା ରହିଛି। ବିରୋଧୀମାନେ ବଜେଟ୍କୁ ପୂର୍ଣ୍ଣ ସମାଲୋଚନା କରିନଥିଲେ ବି ଓଡ଼ିଶାକୁ ପୂର୍ବଭଳି ଉପେକ୍ଷା କରାଯାଇଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏସବୁ ଭିତରେ ଯୋଜନା ଓ କାର୍ଯ୍ୟକାରିତାର ସଫଳ ଦିଗ ପ୍ରତି ବିଚାର କରାଯାଇଛି କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ। ଦେଶର ବିକାଶ ଏଜେଣ୍ଡା ଭିତରେ ଶିକ୍ଷିତ ବେକାରଙ୍କୁ ଚାକିରି ନ ମିଳିଲେ ଏବଂ ପ୍ରକୃତ ଗରିବ ଲୋକ ଉପକୃତ ହୋଇ ନପାରିଲେ ବଜେଟ୍କୁ ଭଲ କହିବାର ଅର୍ଥ କିଛିନାହିଁ।

# ଆସିଆନ୍ର ଆଶା



ସୌମେନ୍ଦ୍ର ଜେନା

**ଭା**ରତ ଆସିଆନ୍ ସଂପର୍କର ୨୫ବର୍ଷ ପୂର୍ତ୍ତି ଅବସରରେ ଜାନୁଆରୀ ମାସ ୨୫ରୁ ୨୭ ତାରିଖ ଶିଖର ବୈଠକ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆସିଆନର ୧୦ଟି ସଦସ୍ୟ ରାଷ୍ଟ୍ରଗୁଡିକର ମୁଖ୍ୟମାନେ ଯୋଗଦାନ କରିଥିଲେ । ଏମାନଙ୍କ ମଧ୍ୟରେ ଭିଏତନାମର ପ୍ରଧାନମନ୍ତ୍ରୀ ଗ୍ୱେନ ଜୁଆନ ଫୁକ, ମାଲେସିଆର ପ୍ରଧାନମନ୍ତ୍ରୀ ନଜିବ ରଜାକ, ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲି ହିସିଏନ ଲୁଙ୍ଗ, ଥାଇଲାଣ୍ଡର ପ୍ରଧାନମନ୍ତ୍ରୀ ପ୍ରୟୁତ ଋନ୍-ଓଋ, କାମ୍ବୋଡିଆର ପ୍ରଧାନମନ୍ତ୍ରୀ ହୁନ୍ସେନ୍, ମ୍ୟାନମାରର ଷ୍ଟେଟ କାଉନସିଲ୍ର ଅଙ୍ଗ ସାନ ସୁ କୀ, ଇଣ୍ଡୋନେସିଆର ରାଷ୍ଟ୍ରପତି ଜୋକୋ ୱିଡୋଡୋ, ଲାଓସର ପ୍ରଧାନମନ୍ତ୍ରୀ ଥୋଙ୍ଗଲାଉନ୍ ସିସୌଲିଥ୍, ଫିଲିପାଇନସର ରାଷ୍ଟ୍ରପତି ରୋଡ୍ରିଗୋ ଦୁତେର୍ତ୍ତେ, ବ୍ରୁନେଇର ସୁଲତାନ ହସନଲାଲ ବୋଲକିଆହ ପ୍ରମୁଖ ରହିଥିଲେ । ଆସିଆନ୍ ରାଷ୍ଟ୍ରମୁଖ୍ୟମାନଙ୍କ ଗସ୍ତକାଳରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସିଆନ ଦେଶଗୁଡିକରେ ପ୍ରକାଶ ପାଉଥିବା ୧୦ଟି ଭାଷାର ୨୭ଟି ସମ୍ବାଦପତ୍ରରେ ସ୍ତମ୍ଭଲେଖି ଏକପ୍ରକାର ଆସିଆନ୍ ରାଷ୍ଟ୍ରଗୁଡିକ ମଧ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିଲେ । ନିକଟରେ ପ୍ରକାଶିତ ସର୍ବେକ୍ଷଣର ହିସାବରୁ ଜଣାପଡିଛି ଯେ ଶ୍ରୀ ମୋଦି ଏହିସବୁ ରାଷ୍ଟ୍ରରେ କିଛି କମ୍ ଲୋକପ୍ରିୟ ନୁହନ୍ତି । ଭିଏତନାମରେ ସର୍ବାଧିକ ଜନତା ମୋଦିଙ୍କୁ ପସନ୍ଦଯୋଗ୍ୟ ବିଶ୍ୱନେତା ଭାବେ ସମର୍ଥନ କରିଥାନ୍ତି । ଦକ୍ଷିଣପୂର୍ବ ଓ ମଧ୍ୟପ୍ରାଚ୍ୟ ଏସିଆ, ଆଫ୍ରିକା, ଇଉରୋପ ଆଦି ଦେଶଗୁଡିକରେ ମୋଦିଙ୍କ ଲୋକପ୍ରିୟତା ଯୋଗୁ ସେ ତାଙ୍କ ଶାସନର ୪ବର୍ଷରେ ବିଶ୍ୱର ତୃତୀୟ ସର୍ବାଧିକ ଲୋକପ୍ରିୟ ନେତା ହୋଇପାରିଛନ୍ତି । ୯ମ ପୂର୍ବଏସିଆ ଶିଖର ବୈଠକ ମ୍ୟାନମାରର ନେପିତଠାରେ ୧୩ ନଭେମ୍ବର ୨୦୧୪ରେ ଅନୁଷ୍ଠିତ ହେବାବେଳେ ମୋଦି କହିଥିଲେ - "ମୋ ସରକାର ଛଅମାସ ପୂର୍ବରୁ କ୍ଷମତାକୁ ଆସିବା ପରଠାରୁ ଆମର ପୂର୍ବଦୃଷ୍ଟି ନୀତିକୁ ସକ୍ରୀୟ ପୂର୍ବ ନୀତିରେ ପରିଣତ କରିବା ପାଇଁ ଗୁରୁତ୍ୱ ଦେଇ ଗତିଶୀଳ ହେଉଛୁ ।" ତେବେ ଭାରତର ୬୯ତମ ସାଧାରଣତନ୍ତ୍ର ଦିବସର ଅତିଥିଭାବେ ଆସିଆନର ସମସ୍ତ ୧୦ଟି ରାଷ୍ଟ୍ରର ମୁଖ୍ୟମାନଙ୍କୁ ନିମନ୍ତ୍ରଣ କରି ଭାରତ ସହ ଏହି ଦେଶଗୁଡିକର ସଂପର୍କକୁ ଅଧିକ ମଜବୁତ କରିବାକୁ ସେ ଦିଗରେ ସଫଳ ପ୍ରୟାସ କରିଛନ୍ତି ।

ଆସିଆନ ବୈଠକର ପୂର୍ବଦିନ ଡାଭୋସରେ ମୋଦି ବିଶ୍ୱ ନେତୃବୃନ୍ଦଙ୍କ ନିକଟରେ ଯେଉଁ ବିଷୟ ରଖିଥିଲେ ସେଥିରେ ଏହିସବୁ ରାଷ୍ଟ୍ରଗୁଡିକର ମନୋଭାବ ରହିଥିବା କଥା ସେ ନିଜେ ପ୍ରକାଶ କରିଛନ୍ତି । ଆସିଆନ ରାଷ୍ଟ୍ରମୁଖ୍ୟଙ୍କ ସହ ଗତ ନଭେମ୍ବରରେ ହୋଇଥିବା ଆଲୋଚନାରୁ ମିଳିଥିବା ସମସ୍ୟାଗୁଡିକୁ ବକ୍ତବ୍ୟ ପାଇଁ ମୋଦି ଉତ୍ଥାପନ କରିଥିଲେ । ତେବେ ଏହି ଶିଖର ଆଲୋଚନାରେ କ୍ଷେତ୍ରୀୟ ସମନ୍ୱିତ ଆର୍ଥିକ ସହଯୋଗ ବିଷୟ ଉପରେ ଗୁରୁତ୍ୱ ଦେବାକୁ ଇଣ୍ଡୋନେସିଆର ରାଷ୍ଟ୍ରପତି ଜୋକୋ ୱିଡୋଡୋ ଏବଂ ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲି ହିସିଏନ୍ ଲୁଙ୍ଗ କହିବାପରେ ଚଳିତବର୍ଷ ଶେଷ ସୁଦ୍ଧା ଏହାକୁ ଶେଷ କରିବାଲାଗି ଭାରତର ପ୍ରତିଶ୍ରୁତିବଦ୍ଧତା ଥିବା କଥା ମୋଦି ପ୍ରକାଶ କରିଥିଲେ । ଭାରତ-ଆସିଆନ ଅଞ୍ଚଳରେ ପୃଥିବୀର ଅର୍ଦ୍ଧେକ ଜନସଂଖ୍ୟା ଓ ବିଶ୍ୱ ଜିଡିପିର ଏକ ତୃତୀୟାଂଶ ରହିଥିବା ହେତୁ କ୍ଷେତ୍ରୀୟ ସହଯୋଗ ନୀତି ସ୍ଥିର ହେଲେ ଏସିଆପାଇଁ ବାଣିଜ୍ୟ ସହଜ ହୋଇପାରିବ ଏବଂ ତାହା ବିଶ୍ୱର ସବୁଠୁ ବଡ ବାଣିଜ୍ୟ କ୍ଷେତ୍ରରେ ପରିଣତ ହେବ ବୋଲି ଶ୍ରୀ ଲି ପ୍ରକାଶ କରିଥିଲେ । ଫିଲିପାଇନସର ରାଷ୍ଟ୍ରପତି ଦୁତେର୍ତ୍ତେ ଭାରତର ଆଧାରକାର୍ଡ ପରି ତାଙ୍କ ଦେଶରେ ନାଗରିକ ପରିଚୟ ପତ୍ର ପ୍ରସ୍ତୁତିରେ ଭାରତର ସହାୟତା ନେବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ସେହିପରି ନଗଦମୁକ୍ତ ଦେଣନେଣ ସଂପର୍କରେ ଭାରତଠାରୁ ଜାଣିବାକୁ କେତେକ ଦେଶ ଆଗ୍ରହ ଦେଖାଇଛନ୍ତି ।

ଆସିଆନ୍ ସହ ଭାରତର ସଂପର୍କ ବୃଦ୍ଧିକୁ ଚୀନ ସହ ପ୍ରତିଦ୍ୱନ୍ଦ୍ୱିତା ଭାବେ ଯେପରି ଗଣମାଧ୍ୟମରେ ପ୍ରଚାର କରାଯାଉଛି ତାହା ଠିକ୍କଥା ନୁହେଁ । କାରଣ ଆସିଆନ ଦେଶଗୁଡିକ ସହ ଭାରତର ମୋଟ ଦ୍ୱିପାକ୍ଷିକ ବାର୍ଷିକ ବାଣିଜ୍ୟ ୨୦୧୬-୧୭ରେ ୬୫.୧ ବିଲିଅନ ଡଲାର ଥିଲାବେଳେ ଏହି ସମୟରେ ଚୀନର ବାଣିଜ୍ୟ ୪୫୨.୩୧ ବିଲିଅନ ଡଲାର ରହିଛି । ଏଥିରେ କେବଳ ଚୀନର ରପ୍ତାନୀ ୨୫୬ ବିଲିଅନ ଡଲାର ରହିଛି । ସେମିତି ଆସିଆନ ଦେଶଗୁଡିକରେ ଭାରତର ମୋଟ ପୁଞ୍ଜିନିବେଶ ୨୦୧୫-୧୬ରେ ୨୨୪ ମିଲିଅନ ଡଲାର ଥିଲାବେଳେ ଏକା ସମୟରେ ଚୀନ ୩ ବିଲିଅନ ଡଲାର ପୁଞ୍ଜିନିବେଶ କରିଥିଲା । ଅନ୍ୟପକ୍ଷରେ ଆସିଆନ ଦେଶଗୁଡିକର ମୋଟ ଆମଦାନୀ ୨୦୧୬ରେ ୭୫୨.୩୫ ବିଲିଅନ ଡଲାର ଥିଲାବେଳେ ଭାରତରୁ ମୋଟ ଆମଦାନୀ ମାତ୍ର ୧୧.୮ ବିଲିଅନ ଡଲାର ଥିଲା, ଯାହାକି ମୋଟ ଆମଦାନୀର ମାତ୍ର ୧.୫ ପ୍ରତିଶତ । ଯଦି ଆସିଆନ ଓ ଭାରତର ମିଳିତ ଅର୍ଥନୀତିକୁ ମିଶାଇ ଦିଆଯାଏ ତେବେ ଏହା ୫ ଟ୍ରିଲିଅନ ଡଲାର ହେବ ଏବଂ ଆମେରିକା ଓ ଚୀନ ପରେ ତୃତୀୟ ଅର୍ଥନୀତି ହେବ । ଆସିଆନ ଦେଶଗୁଡିକର ମୋଟ ଜିଡିପି ଏବେ ୨.୭ ଟ୍ରିଲିଅନ ରହିଛି ।

ଦେଖିବାକୁ ଗଲେ ଭାରତ ୧୯୯୨ରେ ଆସିଆନ ସହ ଆଂଶିକ ଆଲୋଚନା ସହଯୋଗୀ, ୧୯୯୫ରେ ପୂର୍ଣ୍ଣ ଆସିଆନ ଆଲୋଚନା ସହଯୋଗୀ ଭାବେ ଏବଂ ୨୦୦୫ରେ ପୂର୍ବଏସିଆ ଶିଖର ବୈଠକରେ ସଦସ୍ୟଭାବେ ଅଂଶଗ୍ରହଣ କରିଥିଲା । ଆସିଆନ-ଭାରତ ବାଣିଜ୍ୟ ୧୯୯୩ରେ ୨.୯ ବିଲିଅନ ଡଲାର ଥିଲାବେଳେ ୨୦୧୬ରେ ୫୮.୪ ବିଲିଅନ୍ ଡଲାରକୁ ଛୁଇଁଛି । ମୋଦି ସରକାରଙ୍କ ପୂର୍ବଦୃଷ୍ଟି ଅନୁଯାୟୀ ବାଣିଜ୍ୟ, ଯୋଗାଯୋଗ, ସଂସ୍କୃତି କ୍ଷେତ୍ରରେ ଅଧିକ ସହଯୋଗ ବଢାଇବାକୁ ଲକ୍ଷ୍ୟ ରଖାଯାଇଛି । ସିଙ୍ଗାପୁରର ପ୍ରଧାନମନ୍ତ୍ରୀ ଲି ହିସିଏନ୍ ଲୁଙ୍ଗ ଏକ ଲେଖାରେ ସାଂସ୍କୃତିକ ସଂପର୍କର ଏହି ପ୍ରାଚୀନତାକୁ ସ୍ୱୀକାର କରି ଲେଖିଛନ୍ତି "ଦକ୍ଷିଣ ପୂର୍ବ-ଏସିଆ ସହ ଭାରତର ସଂପର୍କ ୨୦୦୦ବର୍ଷରୁ ଅଧିକ ପୁରୁଣା । ପ୍ରାଚୀନ କାଳରେ ଭାରତ ସହ କାମ୍ବୋଡିଆ, ମାଲେସିଆ, ଥାଇଲାଣ୍ଡ, ଇଣ୍ଡୋନେସିଆର ବାଣିଜ୍ୟିକ ସଂପର୍କ ବିଷୟରେ ପ୍ରମାଣ ରହିଛି । ଦକ୍ଷିଣ-ପୂର୍ବ ଏସୀୟ ଦେଶଗୁଡିକର ସଂସ୍କୃତି, ଚଳଣି ଏବଂ ଭାଷା ଏହି ସଂପର୍କକୁ ନେଇ ପ୍ରଭାବିତ ହୋଇଛି । କାମ୍ବୋଡିଆର ସିଏମ୍ ରିପ୍ ନିକଟସ୍ଥ ଆଙ୍କର ମନ୍ଦିର, ଇଣ୍ଡୋନେସିଆର ଯୋଗ୍ୟକର୍ତ୍ତାସ୍ଥିତ ବୋରୋବୁଦ୍ଧୁର ଏବଂ ପ୍ରମ୍ବନାନ ମନ୍ଦିର, ମାଲେସିଆର କେଦାହଠାରେ ଥିବା ପ୍ରାଚୀନ ସ୍ତୂପଗୁଡିକ ଏହାର ପ୍ରମାଣ ।

ଦକ୍ଷିଣ-ପୂର୍ବ ଏସିଆର ରାଷ୍ଟ୍ର ସଂଘ ସହ ୨୮ ଜାନୁଆରୀ ୧୯୯୨ରେ ସିଙ୍ଗାପୁରଠାରେ ଅନୁଷ୍ଠିତ ୪ର୍ଥ ଶିଖର ବୈଠକ ଅବସରରେ ଭାରତ ଆନୁଷ୍ଠାନିକ ଭାବେ ଯୋଗ ଦେଇଥିଲା । ଆସିଆନରେ ଭାରତ ଯୋଗଦେବା ପଛରେ ସିଙ୍ଗାପୁରର ଭୂମିକା ସବୁଠୁ ଅଧିକ । ବୌଦ୍ଧ ଧର୍ମ ଓ ରାମାୟଣ ଆସିଆନ ଦେଶଗୁଡିକର ପ୍ରମୁଖ ସାଂସ୍କୃତିକ ଧାରା ଯାହାକୁ ନେଇ ଭାରତ ଅଧିକ କାର୍ଯ୍ୟ କରିବାକୁ ଜୋର ଦେଇଛି । ନୂଆଦିଲ୍ଲୀ ମହାନଗର ନିଗମ ତରଫରୁ ତୁଗଲକ ରୋଡର ଲୁଟେୟେନ୍ସ ଦିଲ୍ଲୀଠାରେ ୫୧ କୋଟିଟଙ୍କା ବ୍ୟୟରେ ଭାରତ-ଆସିଆନ୍ ପାର୍କ ନିର୍ମାଣ କରାଯାଇଛି । ୨.୮୧ ଏକର ପରିମିତ ଏହି ପାର୍କର ନାମ ସମସ୍ତ ଆସିଆନ୍ ଦେଶଗୁଡିକର ଭାଷାରେ ଲେଖାଯାଇଛି । ଏଥିରେ ଏକ ପଦ୍ମଫୁଲର ପୋଖରୀ,ଚଲାପଥ, ଝରଣା, ସିଞ୍ଚନ ଜଳସେଚନ ବ୍ୟବସ୍ଥା ରହିଛି । ଆସିଆନ୍ ଦେଶଗୁଡିକରେ ଦେଖାଯାଉଥିବା ଫୁଲଗୁଡିକର ଋରା ଏଠାରେ ଲଗାଯାଇଛି । ମାତ୍ର ୫୩ଦିନର ସମୟାବଧିରେ ଏହାର ନିର୍ମାଣ ସରିଛି । ଆସିଆନ୍ ଶିଖର ବୈଠକ ପୂର୍ବରୁ ଆସିଆନ ଦେଶଗୁଡିକର ସାଂସ୍କୃତିକ ଦଳର ପ୍ରଦର୍ଶନ, ରାମାୟଣ ଅଭିନୟ, ଯୁବନେତା ସମ୍ମେଳନ, ହସ୍ତତନ୍ତ ପ୍ରଦର୍ଶନୀ ଆଦି ବିବିଧ କାର୍ଯ୍ୟକ୍ରମ ନୂଆଦିଲ୍ଲୀରରେ ଆୟୋଜିତ ହୋଇଥିଲା । ଏହି ଅବସରରେ ଆସିଆନ ଯୁବ ପୁରସ୍କାର ପ୍ରଦାନ କରାଯାଇଥିଲା । ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ୧୦ଟି ଆସିଆନ ରାଷ୍ଟ୍ରମୁଖ୍ୟମାନଙ୍କ ଆଲୋଚନାରେ ହୋଇଥିଲା । ଏଥିରେ ଦ୍ୱିପାକ୍ଷିକ ସହଯୋଗ, ବାଣିଜ୍ୟ, ଯୋଗାଯୋଗ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ, ବିଜ୍ଞାନ ଓ ମହାକାଶ ଗବେଷଣା, ଆଇଟି, ସାଂସ୍କୃତିକ ସଂପର୍କ ସାମୁଦ୍ରିକ ବାଣିଜ୍ୟ ଓ ସୁରକ୍ଷା ପରି ଅନେକ ବିଷୟରେ ଆଲୋଚନା ହୋଇଥିଲା । ଆଲୋଚନା ପରେ ରାଷ୍ଟ୍ରପତି ଭବନରେ ସମସ୍ତ ସଦସ୍ୟ ରାଷ୍ଟ୍ରମୁଖ୍ୟଙ୍କ ପାଇଁ ଭୋଜିର ବ୍ୟବସ୍ଥା ହୋଇଥିଲା । ରାଷ୍ଟ୍ରପତି ଭବନର ମୋଗଲ ଗାର୍ଡେନରେ ରାଷ୍ଟ୍ରମୁଖ୍ୟମାନେ ପରସ୍ପର ମଧ୍ୟରେ ଖୋଲାଖୋଲି ଆଲୋଚନା କରିବା ସହ ବୁଲିଥିଲେ । ଏହିସବୁ ରାଷ୍ଟ୍ରମୁଖ୍ୟଙ୍କ ସହ ମୋଦି ଅଲଗା ଅଲଗା ବୁଝାମଣା ପାଇଁ ଆଲୋଚନା କରିଥିଲେ । ତନ୍ମଧ୍ୟରୁ କେତେକ ଦେଶସହ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା ଏବଂ ଅନ୍ୟ ଦେଶଗୁଡିକ ସହ ଆଲୋଚନା ଆଗେଇଥିଲା।

୨୬ ଜାନୁଆରୀରେ ଗଣତନ୍ତ୍ର ଦିବସ ପ୍ୟାରେଡରେ ସମସ୍ତ ଆସିଆନ ରାଷ୍ଟ୍ରମୁଖ୍ୟ ଅତିଥିଭାବେ ଗୋଟିଏ ମଞ୍ଚରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ଉପସ୍ଥିତ ରହି ପ୍ରଦର୍ଶନ ଦେଖିଥିଲେ । କାମ୍ବୋଡିଆର ପ୍ରଧାନମନ୍ତ୍ରୀ ହୁନସେନ୍ ୧୦ବର୍ଷ ପରେ ଭାରତ ଆସିଥିବା ଅବସରରେ ୪ଟି ଦ୍ୱିପାକ୍ଷିକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ୧୯୮୧ରେ ହୁନସେନ୍ଙ୍କୁ ୨୯ବର୍ଷ ହୋଇଥିଲାବେଳେ ସେ ଉପ-ପ୍ରଧାନମନ୍ତ୍ରୀ ଭାବେ ଭାରତ ଗସ୍ତରେ ଆସିଥିଲେ । ଏହି ଆଲୋଚନା ପରେ ସେ ଭାରତର ପ୍ରଧାନମନ୍ତ୍ରୀଙ୍କୁ କାମ୍ବୋଡିଆ ଗସ୍ତପାଇଁ ନିମନ୍ତ୍ରଣ ଦେଇଥିଲେ । ଦ୍ୱିପାକ୍ଷିକ ବୁଝାମଣାରେ ମାନବ ଋଲାଣକୁ ରୋକିବା, ଅପରାଧ ମାମଲାରେ ପରସ୍ପରକୁ ସାହାଯ୍ୟ କରିବା, ଉଭୟଦେଶ ମଧ୍ୟରେ ସାଂସ୍କୃତିକ ଆଦାନ ପ୍ରଦାନ ବୃଦ୍ଧି ସହ ଆଙ୍କର ୱାଟ ଓ ତା ପ୍ରୋହମ ମନ୍ଦିରର ସୁରକ୍ଷା, ପ୍ରେୟା ବିହାରସ୍ଥିତ ପ୍ରାଚୀନ ଶିବ ମନ୍ଦିରର ସୁରକ୍ଷାରେ ସହଯୋଗ, ସ୍ଟୁଙ୍ଗ ସ୍ୱ ହବ୍ ଜଳସଂପଦ ବିକାଶ ପ୍ରକଳ୍ପ ପାଇଁ ୩୬.୯୨ ମିଲିଅନ ଡଲାର ସରଳ ସୁଧରେ ଋଣ ପ୍ରଦାନ ପ୍ରଭୃତି ରହିଥିଲା । ଏହି ଅବସରରେ ସାମ୍ବାଦିକମାନଙ୍କୁ ସମ୍ବୋଧନ କରି ଭାରତର ପ୍ରଧାନମନ୍ତ୍ରୀ ମୋଦି କାମ୍ବୋଡିଆର ସ୍ୱାସ୍ଥ୍ୟ, ଔଷଧ, କୃଷି, ବୟନ, ଯାନବାହନ, ଆଇଟି, ପର୍ଯ୍ୟଟନ, ଦକ୍ଷତା ବିକାଶ ଆଦି କ୍ଷେତ୍ରରେ ଅଧିକ ସହଯୋଗ କରିବାକୁ ଘୋଷଣା କରିଥିଲେ । କାମ୍ବୋଡିଆର ଅଧିକାରୀଙ୍କୁ ଭାରତ ସରକାର ପ୍ରଶିକ୍ଷଣ ଦେଉଥିବା ବେଳେ ଏବେ ବାର୍ଷିକ ୧୦ଟି ପ୍ରକଳ୍ପ ହାତକୁ ନେବାକୁ ଘୋଷଣା କରିଛନ୍ତି । ୫୦୦କୋଟି ଟଙ୍କାର ଏକ ପାଣ୍ଠି କାମ୍ବୋଡିଆର ବିକାଶ ପାଇଁ ରଖାଯାଇଥିବା ଶ୍ରୀ ମୋଦି ପ୍ରକାଶ କରିଥିଲେ । ହୁନସେନ ତାଙ୍କ ବକ୍ତବ୍ୟରେ ଭାରତ-ମ୍ୟାନମାର-ଥାଇଲାଣ୍ଡ ଆନ୍ତଃମହାଦେଶୀୟ ରାଜପଥକୁ ଭିଏତନାମ ପର୍ଯ୍ୟନ୍ତ ପ୍ରସାରିତ କରିବାକୁ ମୋଦିଙ୍କୁ ଅନୁରୋଧ କରିଥିଲେ । କାମ୍ବୋଡିଆର କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦେବା, ଜାତୀୟ କୃଷି ବଜାର ପ୍ରତିଷ୍ଠା ପାଇଁ ଆଇଟି ସେବା ଯୋଗାଇ ଦେବାକୁ ଭାରତ ଆଗ୍ରହୀ ବୋଲି ମୋଦି ପ୍ରକାଶ କରିଥିଲେ । ଭାରତର ଉଦ୍ୟୋଗୀମାନେ କାମ୍ବୋଡିଆର ଆଇଟି, ଔଷଧ, କୃଷି, ନିର୍ମାଣ, ଉଦ୍ୟାନକୃଷି, କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା ପାଇଁ ପୁଞ୍ଜି ନିବେଶ କରିବାକୁ ହୁନ୍ସେନ୍ ନିମନ୍ତ୍ରଣ ଦେଇଥିଲେ ।

ସେହିପରି ଭିଏତନାମର ପ୍ରଧାନମନ୍ତ୍ରୀ ଗ୍ୱେନ ଫୁକଙ୍କ ସହ ମୋଦିଙ୍କ ଦ୍ୱିପାକ୍ଷିକ ଆଲୋଚନାରେ ପୁଞ୍ଜିନିବେଶ, ପ୍ରତିରକ୍ଷା, ସାମୁଦ୍ରିକ ପରିବହନ ଆଦି ସ୍ଥାନ ପାଇଥିଲା । ସୂଚନା ଓ ପ୍ରସାରଣ, ମହାକାଶ ସହଯୋଗ ନେଇ ଦୁଇଦେଶ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ଭାରତର ଇସ୍ରୋ ଭିଏତନାମର ନେସନାଲ ରିମୋଟ ସେନ୍ସିଂ ବିଭାଗକୁ ତଥ୍ୟ ସଂଗ୍ରହ ଓ ଅନ୍ୱେଷଣ କେନ୍ଦ୍ର ସ୍ଥାପନରେ ସହଯୋଗ କରିବ । ଭାରତୀୟ ଉପଗ୍ରହରୁ ମିଳିଥିବା ପ୍ରାକୃତିକ ସମ୍ବଳର ପରିଋଳନା, ବିପର୍ଯ୍ୟୟ ପରିଋଳନା, ମହାସାଗରର ବିକାଶ ପାଇଁ ତଥ୍ୟ ଯୋଗାଇ ଦେବାକୁ ମୋଦି ରାଜି ହୋଇଥିଲେ। ଫିଲିପାଇନସ୍ର ପ୍ରଧାନମନ୍ତ୍ରୀ ଦୁତେର୍ତ୍ତେଙ୍କ ଏହା ପ୍ରଥମ ଭାରତ ଗସ୍ତ ରହିଥିଲା । କ୍ଷେତ୍ରୀୟ ସୁରକ୍ଷା, ସନ୍ତ୍ରାସବାଦର ମୁକାବିଲା, ବାଣିଜ୍ୟର ବିକାଶ, ଜନୌଷଧୀ ଉତ୍ପାଦନରେ ସହଯୋଗ ନେଇ ସେ ଭାରତର ପ୍ରଧାନମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ଆଇଏସ୍ ସନ୍ତ୍ରାସବାଦୀଙ୍କ ଆକ୍ରମଣ ଯୋଗୁ କ୍ଷତିଗ୍ରସ୍ତ ମାରାୱି ସହରର ନିର୍ମାଣ ପାଇଁ ଭାରତ ୫ ମିଲିଅନ ଡଲାର ସହାୟତା ଯୋଗାଇ ଦେବାକୁ ଗତ ନଭେମ୍ବର ମାସରେ ପ୍ରକାଶ କରିଥିଲା । ସନ୍ତ୍ରାସବାଦ ବିରୁଦ୍ଧରେ ଫିଲିପାଇନସର ସଂଘର୍ଷକୁ ଭାରତ ସବୁବେଳେ ସମର୍ଥନ କରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଘୋଷଣା କରିଥିଲେ ।

ମ୍ୟାନମାର ନେତ୍ରୀ ସୁ କୀଙ୍କ ସହ ଆଲୋଚନା ବେଳେ ରାଖିନେ ପ୍ରଦେଶରେ ରୋହିଙ୍ଗିଆ ଥଇଥାନ, ଆଞ୍ଚଳିକ ସୁରକ୍ଷା, ସଡକପଥ ନିର୍ମାଣ, ଜଳପଥ ଯୋଗାଯୋଗ ବିଷୟ ସ୍ଥାନ ପାଇଥିଲା । ତେବେ ଡିସେମ୍ବର ୨୦୧୯ ସୁଦ୍ଧା ଭାରତ-ମ୍ୟାନମାର ମଧ୍ୟରେ ୧୪୦୦ କି.ମି ଦୀର୍ଘ ରାଜପଥ ନିର୍ମାଣ ଶେଷ ହେବ ବୋଲି ଜଣାପଡିଛି । ଜମି ଅଧିଗ୍ରହଣ ନେଇ ପ୍ରକଳ୍ପ ବିଳମ୍ବିତ ହେବା ଜଣାପଡିଛି । ଭାରତ ସରକାର ଏଥିପାଇଁ ୫୦୦୦ କୋଟି ଟଙ୍କା ଖର୍ଚ୍ଚକରି ଭାରତ-ମ୍ୟାନମାର ବନ୍ଧୁତା ସଡକ ନିର୍ମାଣ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଛନ୍ତି । ଏହାଛଡା ଆସିଆନ ଦେଶଗୁଡିକ ସହ ସଡକ, ସମୁଦ୍ର ଓ ଆକାଶପଥରେ ଯୋଗାଯୋଗ ବୃଦ୍ଧି ପାଇଁ ଭାରତ ସରକାର ୧ ବିଲିଅନ ଡଲାର ଦୀର୍ଘସୂତ୍ରୀ ଋଣ ଯୋଗାଇ ଦେବାକୁ ସ୍ଥିର କରିଛନ୍ତି । କାମ୍ବୋଡିଆ, ଲାଓସ, ମ୍ୟାନମାର ଓ ଭିଏତନାମରେ ଉତ୍ପାଦନଭିତ୍ତିକ ଶିଳ୍ପାଞ୍ଚଳ ସ୍ଥାପନ ପାଇଁ ୭୭ ମିଲିଅନ ଡଲାର ଖର୍ଚ୍ଚ ହେବ । ଆସିଆନ-ଭାରତ ପାଣ୍ଠି ପାଇଁ ୧୦୦ ମିଲିଅନ ଡଲାର, ଆସିଆନ ଭାରତ ସବୁଜ ପାଣ୍ଠି ପାଇଁ ୫ ମିଲିଅନ ଡଲାର, ଆସିଆନ -ଭାରତ ବିଜ୍ଞାନ ଓ ଟେକନୋଲୋଜି ପାଣ୍ଠିପାଇଁ ୫ ମିଲିଅନ ଡଲାର ଯୋଗାଇ ଦେବାକୁ ଭାରତ ପ୍ରତିଶ୍ରୁତି ଦେଇଛି ।

ଆସିଆନ ରାଷ୍ଟ୍ରଗୁଡିକର ଗତବର୍ଷ ୧୯ତମ କ୍ଷେତ୍ରୀୟ ସମନ୍ୱିତ ଆର୍ଥିକ ସହଯୋଗୀ ଆଲୋଚନା ବେଳେ ଭାରତ ଏଥିରେ ଯୋଗଦେବାକୁ କହିଥିଲା । କିନ୍ତୁ ଏଥିରେ ଆସିଆନ, ଅଷ୍ଟ୍ରେଲିଆ, ଚୀନ, ଜାପାନ, ଦକ୍ଷିଣ କୋରିଆ, ନିଉଜିଲାଣ୍ଡ ଓ ଭାରତକୁ ନେଇ ମୁକ୍ତ ବାଣିଜ୍ୟ ବୁଝାମଣା କରାଯିବା କଥା ରହିଛି, ଯାହାକି ମେକ-ଇନ୍-ଇଣ୍ଡିଆର ବିରୋଧୀ । ତେଣୁ ଏହି ରାଜିନାମା ହେବାପରେ ଅଧିକରୁ ଅଧିକ ଚୀନାବସ୍ତୁ ଭାରତରେ ପ୍ରବେଶ କରିବ, ଯାହା ମୋଦିଙ୍କ ଇଚ୍ଛା ନୁହେଁ। କିନ୍ତୁ ସଡକ ପଥ ଯୋଗାଯୋଗ ନେଇ ଆସିଆନ୍-ଭାରତ ମଧ୍ୟରେ କୌଣସି ପ୍ରକାର ଦ୍ୱିମତ ନାହିଁ । ବାଜପେୟୀଙ୍କ ସମୟରୁ ଏହା ଏକ ସ୍ୱପ୍ନିଳ ଯୋଜନା ହୋଇ ରହିଆସିଥିଲେ ମଧ୍ୟ କ୍ରିୟାନ୍ୱୟନରେ ବିଳମ୍ବ ହେଉଛି । ଆଗାମୀ ଦିନରେ ଏହି ପ୍ରକଳ୍ପ ସଫଳ ହେଲେ ଦକ୍ଷିଣ-ପୂର୍ବ ଏସିଆର ବିକାଶ ବ୍ୟାପକ ହେବ । ଆସିଆନ ରାଷ୍ଟ୍ରଗୁଡିକରେ ଚୀନ ଯେପରି ନିର୍ମାଣ କ୍ଷେତ୍ରରେ ପୁଞ୍ଜି ନିବେଶ କରୁଛି ଭାରତ ସେପରି କରିପାରିବ ନାହିଁ ଏହା ସତ କଥା । କିନ୍ତୁ ଆସିଆନର ବିକାଶରେ ଭାରତର ଅଂଶୀଦାରୀ ବନ୍ଧୁ ଏହା ସେମାନେ ଋହାନ୍ତି । ତାର କାରଣ ହେଲା ଚୀନ ପରି ଭାରତର ଭୂ-ରାଜନୀତିକ ମନ୍ଦ ଇତିହାସ ନାହିଁ । ଏହି ଆଶାରେ ଆସିଆନ ରାଷ୍ଟ୍ର ଆଶାବାଦୀ ହୋଇ ରହିଛନ୍ତି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଶେଷ ଆଶ୍ରୟ କେଉଁଠି ?



ଡାକ୍ତର ନୀଳମାଧବ ପୃଷ୍ଟି

**ଢେ**ଙ୍କାନାଳ ସହର ଉପକଣ୍ଠସ୍ଥ ଭଗବାନପୁର ଗାଁରେ ଦୁଷ୍କର୍ମର ଶିକାର ଜଣେ ନାବାଳିକା ନିଆଁରେ ପୋଡ଼ି ହୋଇ ଆତ୍ମହତ୍ୟା କରିଛନ୍ତି। ଜଣାପଡ଼ିଛି ଯେ ଦୁଷ୍କର୍ମର ଶିକାର ହେବାପରେ ନାବାଳିକାଙ୍କ ପରିବାର ପକ୍ଷରୁ ଥାନା କଚେରିକୁ ମାମଲା ନେବା ଲାଗି ଅନିଚ୍ଛା ପ୍ରକାଶ ପାଇଥିଲା। ଏକ ଟେଲିଭିଜନ ଚ୍ୟାନେଲର ସାମ୍ବାଦିକଙ୍କ ଆଗରେ ପୀଡ଼ିତାଙ୍କ ମାଆ କହିଥିଲେ ଯେ ଝିଅର ଦାଦା ଚାହୁଁଥିଲେ, ଏ ଘଟଣା ନେଇ ପୁଲିସ ଥାନାରେ କେସ ରୁଜୁ କରାଯାଉ। କିନ୍ତୁ ପରିବାରର ଅନ୍ୟ ମୁରବୀମାନେ ଏଥିରେ ରାଜି ହେଲେ ନାହିଁ। ଏହା ପଛରେ ସେ ଯେଉଁ କାରଣ ଗୁଡ଼ିକ ଦର୍ଶାଇଥିଲେ, ତାହା ଥିଲା ଏହି ପରି। ଝିଅ ପିଲା, ବିଭିନ୍ନ କାମ ଲାଗି ବାହାରକୁ ଯାଉଛନ୍ତି। ଏଭଳି ମାମଲା ହେଲେ ସେମାନେ ଅଯଥା ହଇରାଣରେ ପଡ଼ିବେ। ଦ୍ୱିତୀୟରେ, ଏଭଳି ମାମଲା କୋର୍ଟ କଚେରିକୁ ଗଲେ ବାପା ଭାଇଙ୍କ ନାଁ ପଡ଼ିବ। ସୁତରାଂ, ଅଯଥା ଘାଣ୍ଟି ଲାଭ କ'ଣ ? ଏଇ କାରଣରୁ ବଳାତ୍କାରୀର ପରିବାର ଏବଂ ପୀଡ଼ିତାଙ୍କ ପରିବାର ଭିତରେ ଏକ ଲେଖାପଢ଼ା ହୋଇଥିଲା। ଯେଉଁଥିରେ ବଳାତ୍କାରୀ ଲେଖିଥିଲା ଯେ ଏଭଳି ଭୁଲ ଦ୍ୱିତୀୟ ଥର ଲାଗି କଲେ ତା ବିରୋଧରେ କାନୁନ୍ଗତ କାର୍ଯ୍ୟାନୁଷ୍ଠାନ କରାଯିବ।

ତେବେ, ପ୍ରଶ୍ନ ହେଲା, ଏଭଳି ଦୁଃଖଦ ଘଟଣା ଲାଗି ଦାୟୀ କିଏ ? ପରିବାର ପକ୍ଷରୁ ଟେଲିଭିଜନ ଚ୍ୟାନେଲରେ କୁହାଗଲା ଯେ ପରିବାରର ସମ୍ମାନ ହାନି ହୋଇଥିବାରୁ ଲଜ୍ଜାରେ ଝିଅ ଆଉ ବଞ୍ଚି ରହିବାକୁ ଉଚିତ ମଣିଲା ନାହିଁ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଏବେ ବି ଅନେକ ସ୍ଥାନରେ ଜଣେ ଝିଅ ବଳାତ୍କାରର ଶିକାର ହେଲେ ତାକୁ ପରିବାର ଲାଗି ଏକ ସମ୍ମାନର ପ୍ରଶ୍ନ ଭାବେ ଦେଖାଯାଉଛି ଏବଂ ପୀଡ଼ିତାଙ୍କୁ ସମ୍ମାନ ହାନିର କାରଣ ଭାବେ। ସେଇଥି ଲାଗି ଏଭଳି ଅନେକ ଘଟଣାକୁ ପରିବାର ପକ୍ଷରୁ ହିଁ ଚାପି ଦେବାକୁ ଚେଷ୍ଟା କରାଯାଉଛି। ଏହା ଏକ ଦାରୁଣ ବିଡ଼ମ୍ବନା। ହୁଏତ ନାବାଳିକା ଚାହୁଁଥିଲେ ଯେ ତାଙ୍କୁ ନ୍ୟାୟ ମିଳୁ, ବଳାତ୍କାରୀ ଦଣ୍ଡ ପାଉ। ତାହା ଫଳବତୀ ହେବାର ସମ୍ଭାବନା ନ ଥିବାରୁ ସେ ହୁଏତ ବାଧ୍ୟ ହୋଇ ଆତ୍ମହତ୍ୟା କଲେ। କିନ୍ତୁ ପରିବାର ଲୋକେ ଆତ୍ମହତ୍ୟାର କାରଣ ସେୟା ବୋଲି ଭାବୁନାହାନ୍ତି।

ମହିଳା ସଶକ୍ତୀକରଣ ଲାଗି ଯେତେ ଆନୁଷ୍ଠାନିକ ତଥା ଅଣଆନୁଷ୍ଠାନିକ ଉଦ୍ୟମ ହେଲେ ବି ତାହା ବିଫଳ ହେବ ଯଦି ପରିବାର ପକ୍ଷରୁ ଝିଅକୁ ସଶକ୍ତ ହେବାକୁ ଦିଆନଯିବ। କିନ୍ତୁ ଆମର ସାମାଜିକ ସଂରଚନାଗତ ସ୍ଥିତି ଏମିତି ଯେ ଏବେ ବି ଅଧିକାଂଶ ଭାରତୀୟ ପରିବାର ଝିଅକୁ ଏକ ବୋଝ, ଏକ ଦାୟିତ୍ୱ, ପରିବାରର ଇଜ୍ଜତ, ଦୁର୍ବଳ ଇତ୍ୟାଦି ଭାବେ ଦେଖୁଛନ୍ତି। ସେଇ କାରଣରୁ ଭାରତରେ ଯେତିକି ବଳାତ୍କାର ଘଟଣା ଘଟୁଛି ତାର ଏକ ତୃତୀୟାଂଶରୁ ଅଧିକ ଘଟଣାକୁ ପରିବାର ପକ୍ଷରୁ ଚାପି ଦିଆଯାଉଛି। ଅନେକ କ୍ଷେତ୍ରରେ ତ ପାରିବାରିକ ବୁଝାମଣା ପରେ ପୀଡ଼ିତାକୁ ବଳାତ୍କାରୀ ସହିତ ବିବାହ କରାଇ ଦିଆଯାଉଛି। ପୀଡ଼ିତା ପ୍ରତି ଏହା କେତେ ଦୂର ଅପମାନସୂଚକ ତାହା ବର୍ଣ୍ଣନା କରିହେବନାହିଁ। ବିଭିନ୍ନ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଆମ ଦେଶରେ ଅଧିକାଂଶ ଝିଅ ନିଜ ପରିବାର ଭିତରେ ବିଭିନ୍ନ ସଂମ୍ପର୍କୀୟ ମାନଙ୍କ ଦ୍ୱାରା ଯୌନ ଅତ୍ୟାଚାରର ଶିକାର ହୁଅନ୍ତି। ପୁଣି ପରିବାର ଦ୍ୱାରା ଏ ସବୁକୁ ଚପାଇ ଦେବାର ଉଦ୍ୟମ ହୁଏ। ଏଭଳି ସ୍ଥଳେ ଅତ୍ୟାଚାରିତାମାନଙ୍କ ଲାଗି ଶେଷ ଆଶ୍ରୟ କେଉଁଠି ? ଏଣୁ ଝିଅମାନଙ୍କ ସଶକ୍ତୀକରଣର ପ୍ରୟାସ ମୂଳରୁ, ପରିବାରରୁ ହିଁ ଆରମ୍ଭ ହେବା ଦରକାର। ତା ନହେଲେ ମହିଳା ସଶକ୍ତୀକରଣ ସବୁ ଉଦ୍ୟମ ବିଫଳ ହେବ।

ଇଏନ୍ଟି ବିଭାଗ,
ଭୀମ୍ସାର, ବୁର୍ଲା,
ଦୂରଭାଷ : ୯୪୩୯୪୮୨୫୨୬

ସମ୍ପାଦନା କାର୍ଯ୍ୟାଳୟ
ଏକମାତ୍ର
ପ୍ଲଟ୍-୧୮୬ ,ଲେନ୍-୨
ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୨୦
ଦୂରଭାଷ
୦୯୩୩୮୨୨୫୯୩୦
୦୭୦୦୮୫୬୭୯୮୯
୯୪୩୭୧୩୩୭୭୭



ଉପନ୍ୟାସ
ଭାଗ-୧୮

# ଅମୁହାଁ ଦେଉଳ

ଡ. ମୌସୁମୀ ପରିଡ଼ା

ଯାହା ସହିତ ଜୀବନର ଅର୍ଦ୍ଧାଧିକ ସମୟ ବିତାଇଛି ତାକୁ କଷ୍ଟ ଦେଇଛି ! ସବୁ ମୋରି ଅପାରଗତା ପାଇଁ ? କେଇ ଦିନ ତଳେ ଘୃଣା କରୁଥିବା ମଣିଷଟିର ଘୃଣିତ ମୁହଁ ଦେଖିବାକୁ ବ୍ୟାକୁଳ ହେଉଛି !

ଆଉ ତୁ.., ଜୀବନ ରାସ୍ତାରେ ଟଳମଳ ପାଦ ମୋର ଯେ ସଜାଡ଼ି ନେଇଛି। ହାତ ଧରି ଅଟକାଇ ଦେଇଛି, ସେ ବି ଅଭିମାନରେ ରହିଗଲା ! କହିଲାନି-ଏ ବଦମାସ୍ ତୁ ମୋ ଜନ୍ମଦିନ ଭୁଲିଗଲୁ କି ? କାଇଁ ସେ ଛାଟରେ ପାହାରେ କଷି ଦେଲୁନି ମୋତେ ? କାହିଁକି କହିଲୁନି ଯେ ଗୋଟେ ପରେ ଗୋଟେ ଭୁଲ୍ କରିଯାଉଛି ବୋଲି ? କାନ୍ଦିଲା ତନ୍ଦ୍ରା।

ଛୋଟପିଲାଙ୍କ ପରି ହ'ନି ତନ୍ଦ୍ରା। ଯାହା ତ ଘଟିବା କଥା ଘଟିଗଲା। କିନ୍ତୁ ଜୀବନର ପ୍ରଥମ ଥର ପାଇଁ ଅଭିମାନ କରିଥିଲି ତୋ ଉପରେ। ପ୍ରେମ ପାଇଁ ଏତେଦିନର ବାନ୍ଧବୀକୁ ଭୁଲିଗଲୁ ? ଏତେଦିନର ସଂପର୍କକୁ ତୁଚ୍ଛ କରିଦେଲୁ ? ସେଥିପାଇଁ। ଛାଡ ସେସବୁ। ଏବେ ସବୁ ଭୁଲିଯା'..।

କି ପ୍ରେମ ସେ..ଯାହାର ସ୍ଥିତି ବି ଟଳମଳ ! ତା ପାଖେ ମୋର ପରିଚୟ କେବଳ ସାର୍‌ଙ୍କ ଝିଅ ହିସାବରେ। ଆଉ କିଛି ନୁହଁ। ମୋର ଅସ୍ତିତ୍ୱ ତାକୁ କେବେ ବି ଉଚ୍ଚାଟିତ କରିନି। ଏବେ ବି ତା ସହିତ ବିତୁଥିବା ସମୟରେ ସେ କେବେ ବି ଆଲୋଡିତ ହୋଇଥିଲା ଭଳି ଲାଗେନି। କେବଳ ସେ ଜଣେ ଭଲ ବନ୍ଧୁ ହୋଇପାରିବ। କିନ୍ତୁ ଭଲ ପ୍ରେମିକ ନୁହଁ। କିନ୍ତୁ ସେ କାହା ପାଇଁ ଗଭୀର ଭାବେ ଉଲ୍ଲସିତ। କାହା କଥା କହିଲେ ତା ମୁହଁରେ ଗୋଟେ ଅପୂର୍ବ ଚମକ ଖେଳିଯାଏ। ସେ ରୋମାଂଚିତ ହେବାର ମୁଁ ଦେଖିଛି। ତା ବିଷୟରେ ସେ ବହୁତ କିଛି କହେ। ବହୁତ କିଛି ବି ପଚାରେ। ତନ୍ଦ୍ରା ଗୋଟେ ଅନ୍ତରୀଣ ବେଦନାରେ ଛଟପଟ ହେଉଥିଲା।

ସେ ତୋତେ ପ୍ରେମ କରେନା ? କଣ କହୁଚୁ ତୁ ପାଗେଳୀଙ୍କ ପରି !

ହଁ..ସବୁ ସତ କହୁଛି। ସେ ମୋତେ ସମ୍ମାନ କରେ। ଶ୍ରଦ୍ଧା କରେ। ଅଥଚ ପ୍ରେମ ନୁହଁ।

ତେବେ ଆଉ କାହାକୁ ?

ତୋତେ..।

ମୋ..ତେ..! ମୋତେ କିପରି ?

ତୋ ସ୍ମାର୍ଟନେସ୍,ବ୍ୟବହାର,ଭିଉଜ୍ ସବୁ ସେ ଅନୁଶୀଳନ କରେ। ତୋର କ୍ଲାସରେ ପ୍ରଥମ ବା ଦ୍ୱିତୀୟ ହେବା..ହସହସ ମୁହଁ,ସାହସ ସବୁକୁ ସେ ଭଲପାଏ ରେଣୁକା। କାଲି ସେ ଅନୁରୋଧ କରିଥିଲା ବୋଲି ତୋତେ ତା ସହିତ ଭେଟ କରାଇବାକୁ ନେଇଥିଲି ଆଉ ଜାଣିଜାଣି କିଛି ସମୟ ପାଇଁ ବାହାନା ବନାଇ ଚାଲିଯାଇଥିଲି। ତନ୍ଦ୍ରାର ଅବଦମିତ କୋହରୁ ତା ଭିତରର କଷ୍ଟକୁ ଅନୁବବ କରିପାରୁଥିଲା ରେଣୁକା। କାଲିଯାଏଁ ଯାହା ପ୍ରତି ଏତେ ଆକର୍ଷଣ ବସା ବାନ୍ଧିଥିଲା,ସେ ଆକର୍ଷଣ ଅଚାନକ ଏପରି ମିଳେଇ ଗଲା କିପରି ! ତନ୍ଦ୍ରାର ପ୍ରେମ ଆଗରେ..ସେ କାଇଁ ଛୋଟ ପଡିଯାଉଛି। ଦେବଦାସ ବି ତାକୁ ପସନ୍ଦ କରେ..ଏକଥା ଯଦି ସେ ଆଗରୁ ଜାଣିଥାନ୍ତା ତେବେ ହୁଏତ ସେ ଆକାଶରେ ଉଡିଥାନ୍ତା ! ପ୍ରଜାପତିକୁ ଡେଣା ମାଗିଥାନ୍ତା। ଫୁଲକୁ ରଙ୍ଗ ଓ ବାସ୍ନା,ଆକାଶକୁ କେଇଟୋପା କାକର ଆଉ ସମୟକୁ କହିଥାନ୍ତା-ରହିଯାଆ ଟିକେ ଅଗଣାରେ। ତୋ ପାଇଁ ସୁନ୍ଦର ଉପହାରଟେ ରଖିଛି ! ହେଲେ ନାଁ..ସେମିତି କିଛି ଲାଗୁନି। ସେ ଖୁସିରେ ହଜିଯାଇପାରୁନି। ଆତ୍ମହରା ହୋଇପାରୁନି।

ତାକୁ ଲାଗେ ଦେବଦାସ ସ୍ୱମନସ୍କ ପିଲା ! ଆଖି ଆଗେ ଗୁଡେ ସ୍ୱପ୍ନଙ୍କୁ ରଖି ସେ ଚାଲିଆସୁଛି। ତା ଆଗରେ ସେ କାହାକୁ ଦେଖିପାରେନି। କାହା କଥା ବୋଧେ ତାକୁ ଶୁଭେନି। କଥା ହେବା ତ ବୃଥା ଆଶା ! ହୁଏତ ଗାନ୍ଧିଙ୍କ ତିନି ମାଙ୍କଡ ତା ଭିତରେ ଆରୋପିତ ହୋଇଛନ୍ତି-ଅନ୍ଧ,ମୂକ ଓ ବଧିର ରୂପରେ। କିନ୍ତୁ ତା ଭିତରେ ବି ହଲଚଲ ହୁଏ। ବୋମା ଫୁଟେ,ଗୁଳିବର୍ଷଣ ହୁଏ ! ଅଥଚ ସେ ଶବ୍ଦ କାହାକୁ ଶୁଭେନି ! କିପରି ସଂଭବ ? ଅବଶ୍ୟ ଆଜି ସେ ଯେତିକି ସମୟ ବିତାଇଛି କିଛି ଦୁର୍ବଳତା ତ ସେ ଲକ୍ଷ୍ୟ କରିଛି ଦେବଦାସଠାରେ। କିନ୍ତୁ ତାକୁ କଣ ପ୍ରେମ କୁହନ୍ତି ? ପ୍ରେମ ତ କଲେଜ ପିଲା ଖୁବ୍ କରନ୍ତି। ଶିଖରକୁ ଯାଇ ଡେଇଁ ପଡନ୍ତି ତଳକୁ। ଆତ୍ମହତ୍ୟା କରିବାକୁ। ସେଭଳି ପ୍ରେମ ସେ କେବେ ଚାହେଁନି। ମନରେ ଅସଂଖ୍ୟ ପ୍ରଶ୍ନ..! ସେ କହିଛି ତା ପାଖକୁ ଯିବାକୁ। କିନ୍ତୁ କାହିଁକି ? ସତରେ ତନ୍ଦ୍ରା ଯାହା କହୁଛି ସବୁ ସତ ? ?

ଏମିତି ଭାବୁଭାବୁ ଘରେ ପହଂଚି ଯାଇଥିଲା ସେ। ମାର୍କେଟ୍‌ରୁ କଣ ଆଣିବାର ଥିଲା ଭୁଲିଗଲା। ସେଥିପାଇଁ ତ ସେ ଛକ ପାଖେ ତନ୍ଦ୍ରାକୁ କହି ତା ଗାଡିରୁ ଓହ୍ଲାଇଥିଲା। ଛାଡ,ମୁଣ୍ଡ ଆଜି କାମ କରୁନି। ଖୁସି ହେବ କି ଦୁଃଖ କରିବ ଜାଣି ବି ପାରୁନି। ଗୋଟେ ବିଚିତ୍ର ସ୍ଥିତିରେ ସେ। ତନ୍ଦ୍ରା ତ ପୁରା ପାଗେଳୀ ପରି ହେଉଛି !

(କ୍ରମଶଃ...)

## ବିଶେଷ କବିତା

# ଭାରତବର୍ଷ



ପ୍ରଦୀପ ବିଶ୍ୱାଳ

କୁହ ଧର୍ମଧାରକମାନଙ୍କୁ
ମଣିଷକୁ ଭଲପାଇବାକୁ
ପୁଣି ଥରେ ଏ ମାଟିରେ
କ୍ରୁଶବିଦ୍ଧ ନ ହୁଅନ୍ତୁ ଈଶ୍ୱର।

କୁହ ସମାଜପତିମାନଙ୍କୁ
ବିଭେଦର ମଞ୍ଜି ନ ବୁଣନ୍ତୁ ସେମାନେ
ଢେର୍ ଦେଖିଲୁଣି ଆମେ
ସେମାନଙ୍କ ଭୋଜବାଜି।

ଦେଖ ଇତିହାସର ପୃଷ୍ଠାକୁ
ରକ୍ତରେ ଗଢ଼ା ଯେତେ ସାମ୍ରାଜ୍ୟ ଇମାରତ୍
ଭୁଷୁଡ଼ି ପଡିଛି ସେସବୁ
ଦିନେ କାଳର କରାଳ ଗର୍ଭରେ।

ଈଶ୍ୱରଙ୍କ ଦ୍ୱାହି
ପକାଇ ଦିଅ ସବୁ ଉତ୍ତୋଳିତ ଅସ୍ତ୍ର
କାଢ଼ି ନିଅ ପିଲାମାନଙ୍କ ହାତରୁ
ବୋମା ଓ ଭୁଜାଲି
ଲିଭାଇ ଦିଅ ସେମାନଙ୍କ ହୃଦୟରୁ
ବିଦ୍ୱେଷର ବହ୍ନି
ଇ-ମେଲରେ ଆଉ ନ ଆସୁ
ସନ୍ତ୍ରାସର ବାର୍ତ୍ତା।

ଭାଙ୍ଗିଦିଅ ଯେତେ ସୀମାରେଖା ପ୍ରାଚୀର
ମନ ଭିତରୁ ଲିଭାଇ ଦିଅ
ପୁରୁଷାନୁକ୍ରମିକ କାଳକାଳର କ୍ରୋଧ
ଧର୍ମ ଆଉ ଜାତିର ବିଦ୍ୱେଷ।

ଏବେ ଆସିଛି ବେଳ
ଶଙ୍ଖୁଳି ନିଅ ମଣିଷକୁ
ଭଲ ପାଇବାର ଉଷ୍ମ ଆବେଗରେ
ଆତ୍ମୀୟ ଅନୁରାଗରେ।

ଲିଭିଯାଇ ଇତିହାସର ପୃଷ୍ଠାରୁ
ସବୁ କାଳିମାର ଦାଗ
ମୁହୂର୍ମୁହୂ ପ୍ରେମର ପୁଲକରେ
ଅନୁରଣିତ ହେଉ କବିତାର ପ୍ରତିଟି ଧାଡ଼ି।

*ଅତିରିକ୍ତ ଶାସନ ସଚିବ*
*ସାଧାରଣ ପ୍ରଶାସନ ବିଭାଗ, ଓଡ଼ିଶା*



ବଂଶୀଧର ଷଡଙ୍ଗୀ

# ସତ ମିଛ

ଅନେକ ଦିନ, ପ୍ରାୟ
ତିରିଶ ଚାଳିଶ ବର୍ଷ ପରେ
ବିନୁ ଓ ମନୋରମା
ଦିହିଙ୍କଠାରୁ ଏକାଦିନେ ଫୋନ୍ ପାଇଲି
ଅବଶ୍ୟ ଏକା ସମୟରେ ନୁହେଁ
ଜଣଙ୍କଠୁ ଦି'ପହରେ
ଓ ଆରଜଣଙ୍କଠୁ ରାତିରେ।

ସେଦିନ ବୋଧହୁଏ ସକାଳୁ ସକାଳୁ
ଘର ପାଚେରିରେ
ବାରମ୍ବାର କୁଆ କା' କା' କରିଥିଲା।
ସେମାନେ ମୋ' ଫୋନ୍ ନମ୍ବର
କୋଉଠୁ ପାଇଲେ କେଜାଣି ?

ସେମାନେ କ'ଣ ମତେ
କିଛି କୁହାଇ ଦେଲେ ?

ଉଭୟଙ୍କର ଅଭିଯୋଗ :
ମୁଁ ସେମାନଙ୍କ କଥା
ଆଉ କାଇଁକି କବିତାରେ ଲେଖୁନି
ଏବଂ ଯାହା ବା ଲେଖିଛି
ସବୁ ସତ ନୁହେଁ।

ମୁଁ ସେମାନଙ୍କୁ କହିଲି :
କବିତାରେ ସବୁ ସତକଥା ଲେଖା ହୁଏନି।
କହିଲ ଦେଖି : ତୁମ ନାଁ କ'ଣ
ସତରେ 'ବିନୁ' ନା 'ମନୋରମା' ?

କବିତାରେ ସବୁବେଳେ
ସତ ସାଙ୍ଗରେ ମିଛ ମିଶେଇ ଦିଆଯାଏ।
ଖାଦ ନ ମିଶିଲେ
ଗହଣା ଗଢ଼ାଯାଇ ପାରିବ କି ?

ସେମାନେ ମତେ ଦେଖା କରିବାକୁ
ଆମ ଘରକୁ ଆସିବେ ବୋଲି କହୁଥିଲେ।
ଏକାବେଳକେ ଆସିଲେ ତ
ଖୁବ୍ ଅସୁବିଧା।

ସେମାନେ କ'ଣ ସତରେ ଆସିବେ ?
ଅନେକ ଦିନ ପରେ
ସେମାନେ କ'ଣ
ସତରେ ମତେ ଫୋନ୍ କରିଥିଲେ ?

*ଗୁହାଳପଡ଼ା, ପୋ-ନିମାପଡ଼ା,*
*ଜିଲ୍ଲା-ପୁରୀ, ପିନ୍-୭୫୨୧୦୬*



## ସ୍କେଚ୍ କବିତା - ୭

ଆଖି ନାହିଁ କାନ ନାହିଁ
ବାଜିଲେ ବି ଦୋଷ ନାହିଁ
ନ ବାଜିଲେ ଯାଏ ଆସେ କେତେ ?
ଏକାକାର ବର୍ଷା ନଈ
ଆକାଶ ଓ ମେଘ
ରେସ୍ତୋରାଁର ବିଜୁଳୀ ଚମକେ
ନିଃଶବ୍ଦ ହେଣ୍ଟାଳରେ
ହାକୁଟି ମାରୁଥାଏ
କାଗଜର ବାଘ !

ଦିଗ୍‌ବିଜୟ ସାରି
ଫେରୁଥାନ୍ତି ରାଜରାଣୀ
ସୁବର୍ଣ୍ଣ କଙ୍କଣ ଧରି।

ବିଜୟ ପ୍ରଧାନ

(ସୌଜନ୍ୟ : ଫେସ୍‌ବୁକ୍)

## ଆମେ ପାଇଛୁ




# କଥାଦେଲି ମଥା ଛୁଇଁ

ରାଧାରାଣୀ ତ୍ରିପାଠୀ

ସାଥିରେ କିଛି ଆଳୁ, ଉଲି, ପାତଲଘଣ୍ଟା ଆଉ ବାଇଗଣ ନେଇ ହାଟରୁ ଫେରିଲା ମଦନ। ମାଳତୀ ଶୋଇଯାଇଛି କୁନି ପୁଅକୁ କୋଳରେ ଧରି। ଥିରି କିନି ଦୁଆର ଫିଟାଇ ପଶିଲା ଘର ଭିତରକୁ। ଆରେ ନା ! ପୁଅ ତ ଶୋଇଛି। ହେଲେ ମାଳତୀ ଘର ଛାତକୁ ଅନେଇ ଅନେଇ କଣ ସବୁ ଭାବି ଚାଲିଛି।

ମଦନ ଡାକ ପକାଇଲା। "ମାଳତୀ, ଏଇ ମାଳତୀ ! କଣ ଏତେ ଭାବୁଛୁ ଯେ। ମୁଁ ଘରକୁ ପଶିଲି, ତୁ ଜାଣି ବି ପାରିଲୁନି।" ମାଳତୀ ଗମ୍ଭୀର ଭାବରେ ହୁଁଟାଏ କଲା। ତାପରେ କହିଲା "ନାଇଁଗୋ ମୁଁ ଭାବୁଥିଲି ମୁଁ ମରି ଯାଇଥାନ୍ତି ହେଲେ ଏଇ ପୁଅକୁ ଜନ୍ମ ଦେଉ ଦେଉ। ଦେଖିଲ, ମୋ ପାଇଁ ତୁମେ କେତେ ହଇରାଣ ହେଉଛ ଯେ। ମୋ ଡେଲିଭରି ସମୟରେ ତୁମେ ମୋ ପିଛା ଘାଣ୍ଟି ହେଲ ବୋଲି ଆମର ସାତ ଏକର ଚାଷଜମିର ଫସଲ ନଷ୍ଟ ହୋଇଗଲା।" ଟିକିଏ ଅଟକି ଯାଇ ପୁଣି ବ୍ୟଥିତ କଣ୍ଠରେ କହିଲା "ସତ କହିବି ମୋତେ ଏଇ ଚାଷୀମାନଙ୍କ ଆତ୍ମହତ୍ୟା ଦେଖି ଶୁଣି କିଛି ଭଲ ଲାଗୁନି।"

ମଦନର ହାତ ଉପରେ ହାତ ରଖି ପୁଣି କହିବା ଆରମ୍ଭ କଲା ମାଳତୀ। "ଏଣେ ମୋ ଜଞ୍ଜାଳ ତୁଟିଲା ବେଳକୁ କ୍ଷେତର ଫସଲ ସବୁ ସ୍ୱାହା ହୋଇ ଯାଇଥିଲା। ଯୋଉ 'ଟିକକ ଲାଗି ପାଗି ସଜାଡ଼ି ଥିଲ ସେତକ ବି ଗଲା, ମୋର ଏଇ ଗୋଡ଼ଫୁଲା ଆଉ ଅଣ୍ଟାବଥା ପାଇଁ। ଏବେ କଣ କରିବା କହିଲ ? ତିନି ତିନିଟା କଅଁଳାପୁଅ ଆମର। ପୁଣି ଶଯ୍ୟାଶାୟୀ ବାପା। ଏମାନଙ୍କ ପାଇଁ ବି ତ ଖର୍ଚ୍ଚ କରିବାକୁ ପଡ଼ିବ। ଛିଃ, ହେ ଦଇବ ମୁଁ ଅଲକ୍ଷଣୀ ମୋ ସ୍ୱାମୀର ଦୁଃଖର କାରଣ ସାଜିଗଲି। ମୋତେ ମରଣ ହଉନି ଯାହା।"

ମଦନ ଖଟ ଉପରେ ଲଥିକିନି ବସି ପଡ଼ିଲା ମାଳତୀ ପାଖରେ। ତାକୁ ମାଳତୀର କଥା ଖୁବ୍ ଆଘାତ ଦେଲା। ମାଳତୀର ପାଟିରେ ନିଜ ହାତ ରଖି କହିଲା "ଚୁପ୍, ବିଲ୍‌କୁଲ୍ ଚୁପ୍। ଛିଃ.. ଏମିତି କଣ କହୁଛୁ ଯେ। ତୁ ମରି ଯାଇଥିଲେ, ଭାବୁଛୁ ମୁଁ ଆଉ ବଂଚିଥାନ୍ତି ? ପାଗଳୀଙ୍କ ପରି କଥାବାର୍ତ୍ତା କରନା କହୁଛି। ଆଲୋ ତୁ ତ ମୋର ଦମ୍ଭ, ମୋର ଭରସା। ତୁ ଯଦି ଦମ୍ଭ ହାରିଦେବୁ, ମୁଁ କେମିତି ଜୀବନ ଯୁଦ୍ଧରେ ଜିତିବି କହିଲୁ। ତୁ ମୋତେ ଭରସା ନଦେଲେ ମୁଁ ଏଇ ନିଷ୍ଠୁର ସଂସାର ନଈରେ ଭାସିଯିବି ଲୋ। ପୁରା ଭାସିଯିବି।"

ପରିବେଶ ଢେର୍ ଗମ୍ଭୀର ହୋଇଗଲା କିଛିକ୍ଷଣ ପାଇଁ। ତାକୁ ହାଲୁକା କରିବାକୁ ଯାଇ ମଦନ କହିଲା "ମାଳତୀ ! ଜାଣିଛୁ ଆଜି ବାପାଙ୍କ ସହ ଭେଟ ହୋଇଥିଲା ହାଟରେ।" ମାଳତୀ ଆଖିରେ ଖୁସି ଝଟକି ପଡ଼ିଲା। ଅତିଶୟ ଖୁସି ହୋଇ ପଚାରିଲା "ସତରେ ? ବା କଣ କହୁଥିଲା ?" "କଣ ଆଉ କହିବେ ? ତାଙ୍କର ଏଇ କୁନି ନାତି କଥା ପଚାରୁଥିଲେ।" ପୁଅର ଗାଲକୁ ଟିକିଏ ଗେଲ କରୁ କରୁ କହିଲା ମଦନ। ପୁଣି ମାଳତୀ ଗମ୍ଭୀର ହୋଇଗଲା। କହିଲା "ମୋତେ ତ ଇଆରି କଥା ଚିନ୍ତା ଲାଗୁଛି। ଟୀକା, ଇଞ୍ଜେକ୍ସନ, ଭିଟାମିନ୍ , ଗ୍ରାଇପ୍‌ୱାଟର୍ ପାଇଁ ପଇସା ଆସିବ କୋଉଠୁ ? ଆମ ପାଖରେ ତ ଟଙ୍କାଟାଏ ବି ଆଉ ନାହିଁ। ଯାହାଥିଲା ସବୁ ମୋ ଦେହରେ ଖରଚି ଦେଲ। ଆଚ୍ଛା କହିଲ କଣ କରିବା ? ମୋତେ କିଛି ବୁଦ୍ଧିବାଟ ଦିଶୁନି।"

"ତୁ କାଇଁ ଚିନ୍ତା କରୁଛୁ ଯେ ?" କହିଲା ମଦନ। "ମୁଁ ଗୋଟେ ବାଟ ବାହାର କରିଛି। ଖାଲି ତୁ ରାଜି ହେଲେ ହେଲା। ତା ଛଡ଼ା ବାପାଙ୍କୁ ବି ଏ ବାବଦରେ କହିଛି, ସେ ଭଲହେବ ବୋଲି କହୁଥିଲେ।" "ସତରେ ?" ଉତ୍ସାହିତ ହୋଇ ପଚାରିଲା ମାଳତୀ। "କି ବାଟ ବାହାର କରିଛ ଶୁଣେ ?"

"ତୁ କିଛି ମାସ ପାଇଁ ତୁମ ଘରକୁ ଚାଲିଯା ଦୁଇ ପୁଅଙ୍କୁ ସାଥିରେ ନେଇ। ବଡ଼ ପୁଅଟା ମୋ ପାଖରେ ଥାଉ। ନହେଲେ ତାର ସ୍କୁଲ୍ ବନ୍ଦ ହୋଇଯିବ। ସ୍ଥିତି ଟିକିଏ ସୁଧୁରି ଗଲେ ମୁଁ ଯାଇ ପୁଣି ତୋତେ ନେଇ ଆସିବି। କଣ କହୁଛୁ ?" ଚିହିଁକି ଗଲା ମାଳତୀ। "କଣ କହିଲ ମୁଁ ତୁମକୁ ଛାଡ଼ି ବୋପା ଘରେ ଯାଇ ମଉଜ କରିବି ? ନା ନା ନା। ଏହା ମୋ ଦ୍ୱାରା ହୋଇ ପାରିବନି। ମୁଁ ଜମା ଯିବିନି।"

"ତୁ ଟିକେ ବୁଝିବାକୁ ଚେଷ୍ଟାକର ମାଳତୀ। ଏଇ ପୁଅଟାକୁ ଆମେ ଆଣିଛୁ ପୃଥିବୀକୁ। ଏହାର ସୁରକ୍ଷା ଦାୟିତ୍ୱ ବି ଆମର। ମୋ ହାତରେ ତ ଏବେ କାଣି କଉଡ଼ିଟାଏ ବି ନାହିଁ। ଏ କଥା ତୋତେ ଅଛପା ନାହିଁ। ସେଥିପାଇଁ କହୁଛି। ମୋ ସୁନାଟା ପରା ମନା କରନି। ରାଜି ହୋଇଯା ମାଳତୀର ମୁହଁକୁ ଦୁଇ ହାତରେ ତୋଳିଧରି ଟିକିଏ ଗେହ୍ଲେଇ କହିଲା ମଦନ।"

ତା ଦୁଇ ହାତକୁ ଛିଂଚାଡ଼ି ଦେଇ ମାଳତୀ କହିଲା "ରଖ ହେ ତୁମ ସୋହାଗ। ମୋତେ ମୋ ସ୍ୱାମୀ ଉପରେ ପୁରା ଭରସା ଆଉ ବିଶ୍ୱାସ ଅଛି। ସେ ନିଶ୍ଚୟ କିଛି ନା କିଛି ବ୍ୟବସ୍ଥା କରିବେ। ଆଉ ହଁ, ମୁଁ ତୁମକୁ ସତ ସତ କହି ଦେଉଛି। ଆଉ ଦିନେ ଯଦି ତୁମଠୁ ଦୂରକୁ ଯିବାକୁ କହିଛ ତେବେ ମୋତେ ଚିହ୍ନିବ।" ରାଗରେ ଫଁ ଫଁ ନିଶ୍ୱାସ ଛାଡୁଥାଏ ସେ। ଆଶ୍ଚର୍ଯ୍ୟ ହୋଇଗଲା ମଦନ। ନିଜ ସ୍ତ୍ରୀର ଆଜି ଏ କି ରୂପ ? ମୁଣ୍ଡ ତଳକୁ ପୋତି କହିଲା "କେମିତି କଣ କରିବି କହ। ନା ଗହଣା ଗାଣ୍ଠି ଅଛି ନା ବାସନ କୁସନ, କିଛି ହିଁ ତ ନାହିଁ। ସବୁ ତ ବିଭିନ୍ନ ଖର୍ଚ୍ଚ ଲାଗି ବନ୍ଧା ନହେଲେ ବିକା ସରିଛି। ଆଉ କି ଉପାୟ ଅଛି ତୁ ହେଲେ କହ।" ଏତକ କହିବା ବେଳକୁ ଭାରି ବିକଳ ଜଣା ପଡୁଥିଲା ମଦନ।

ମଦନର କାନ୍ଧ ଉପରେ ମଥା ରଖି ବସି ପଡ଼ିଲା ମାଳତୀ। କୋହମିଶା କଣ୍ଠରେ କହିଲା "ସତ କହିଲେ ତୁମକୁ ଏକା ଛାଡ଼ି ଯିବାକୁ ଡର ଲାଗୁଛି ଗୋ। ମୁଁ ତୁମକୁ ଛାଡ଼ି କୁଆଡ଼େ ଯିବିନି। ପୁଅର ଭାଗ୍ୟରେ ଯାହା ଥିବ, ହେବ।" ଥିରି ହସିଦେଲା ମଦନ। ପଚାରିଲା "ମୋତେ ଏକୁଟିଆ ଛାଡ଼ି ଯିବାକୁ ତୋତେ ଡର ଲାଗୁଛି ? କିନ୍ତୁ କାହିଁକି ? ? ତୁ ଭାବୁଛୁ ସେଇ ମୁରୁଖ ଚାଷୀଙ୍କ ପରି ମୁଁ ବି ଆତ୍ମହତ୍ୟା କରିଦେବି ? ମୁଁ ବି କୋଉ କ୍ଷେତକୁ ଯାଇ ବିଷ ପିଇଦେବି, ନା କୋଉ ଗଛରେ ଫାସି ଲଗେଇ ମରିଯିବି ? ତେବେ ଶୁଣ, ମୁଁ ତୋତେ କଥା ଦେଉଛି ମୁଁ ସେମିତି କିଛି କରିବିନି। ଆଲୋ, ଯେଉଁମାନେ ଚାଷରେ କେବଳ ଲାଭ ଖୋଜିଥାନ୍ତି ସେମାନେ ଚାଷୀ ନୁହନ୍ତି। ସେମାନେ ହେଲେ କୃଷକ ରୂପୀ ଦଲାଲ।"

"ମୁଁ ହେଲି ଚଷାପୁଅ। ଦଶବର୍ଷ ବୟସରୁ ଚାଷ କରିବା ଶିଖିଛି। ମୁଁ ଦେଖିଛି ମୋ 'ବା'ର ପିଠିକି, ଛାତିକି। ତା ପିଠିରେ କେତେ ତାକତ ଆଉ ଛାତିରେ କେତେ ଦମ୍ଭ। ଏମିତି ଛୋଟଛୋଟ କଥାରେ ଭାଙ୍ଗି ପଡ଼ିଲାବାଲା କେବେ ଚାଷୀ ହୋଇନପାରେ। ଖରା, ବରଷା, ଝଡ଼ି, କାକର ସବୁକୁ ପିଠି ଦେଖେଇ ମୁଣ୍ଡଝାଳ ତୁଣ୍ଡରେ ମାରିପାରିଲେ ଯାଇ ବର୍ଷମୁଣ୍ଡକୁ ଅମଳ କରିବୁ। ଧୋଇ ମରୁଡ଼ି, କୀଟ ପତଙ୍ଗ, ଦୁଃଖ ଯନ୍ତ୍ରଣା ସର୍ବୋପରି ଧାନ ବିକିବା କଷ୍ଟକୁ ଛାଡେଇଲେ ଯାଇ ଜଗତଜନ ମୁହଁରେ ଦେଇ ପାରିବୁ ଆହାର ମୁଠେ। ଯିଏ ଏସବୁ କରିବା ଶିଖିନି ସେ ନିଜକୁ ଚାଷୀ କହିବାର ଅଧିକାର ନାହିଁ। ତୁ ଜାଣିଛୁ ମୋ ବା'ର ବା' ମାନେ ମୋ ବୁଢ଼ାଦାଦା 'ବା'କୁ କେତେଥର କହିବା ଶୁଣିଛି ମୁଁ 'ଚାଷୀ, ସକାଳେ ଖାସି ତ ସଞ୍ଜବେଳେ ବାସି।' ଏଇ କଥାର ମରମ ଜାଣୁ ?" ମାଳତୀର ଆଖିରେ ଆଖି ମିଶାଇ ପଚାରିଲା ମଦନ। ମାଳତୀ ମୁଣ୍ଡ ହଲାଇ ମନାକଲା। ମଦନ ପୁଣି କହିବା ଆରମ୍ଭ କଲା "ଏହାର ମରମ ହେଲା କେତେବେଳେ ସୁଖ ତ କେତେବେଳେ ଦୁଃଖ। ଏଇ ତ ଚାଷୀର ନିୟତୀ। ଆଲୋ ଏ ବର୍ଷ ଖରାପ ହୋଇଛି ଚାଷ, ଆସନ୍ତା ବର୍ଷକୁ ଭଲହେବ। ଆଉ ଟିକେ ଅଧିକ ସତର୍କ ରହିବା। ତୁ ଚିନ୍ତା କରନା। ମୋର କିଛି ହେବନି। ତୁ କହିଲୁ ମୁଁ ମରିଗଲେ ମୋ ସଂସାରକୁ ଚଳେଇବ କିଏ ? ତୋ ହାତଧରି ମୁଁ ଏଇ ଘରକୁ ମୋ ଜୀବନସାଥି କରି ଆଣିଥିଲି କଣ ଅଧାବାଟରେ ହାତ ଛାଡ଼ି ଦେବାକୁ। ନାଇଁଲୋ ସଜନୀ ! ଜୀବନର ଶେଷମୁଣ୍ଡ ପର୍ଯ୍ୟନ୍ତ ତୋ ହାତ ଛାଡ଼ିବିନି ମୁଁ।" ମାଳତୀର ଓଠକୁ ଗେଲ କରୁ କରୁ ଏତକ କହି ପକାଇଲା ମଦନ।

ଲାଜେଇ ଗଲା ମାଳତୀ। ସେମିତି ଲାଜୁଆ ଅଥଚ ଦୃଢ଼କଣ୍ଠରେ କହିଲା "ମୋ ମୁଣ୍ଡ ଛୁଇଁ ପହିଲେ ତୁମେ ଶପଥ କର, ତାପରେ ମୁଁ ବିଶ୍ୱାସ କରିବି। ତାପରେ ମୁଁ ଚିନ୍ତା କରିବି, ମୁଁ ମୋ ବାପଘରକୁ ଯିବି ନା ନାଇଁ।" ମଦନ ମାଳତୀର ମଥା ଛୁଇଁ କଥା ଦେଲା। ସେ ସେମିତି କିଛି କରିବନି ଯାହା ତା' ସଖି ମାଳତୀକୁ କଷ୍ଟଦେବ। ମାଳତୀ ଏବେ ନିଜ ବାପାଘରକୁ ଯିବାପାଇଁ ରାଜି ହୋଇଗଲା ।

*ଭାରତୀ କୁଟୀର,*
*ଡୁଙ୍ଗୁରିପାଲି-୭୬୭୦୨୩, ସୁବର୍ଣ୍ଣପୁର*
*ମୋ : ୮୨୪୯୮୦୭୨୬୭*

# ପିପିଏଲ କର୍ମଚାରୀଙ୍କୁ ପ୍ରଧାନମନ୍ତ୍ରୀ ଶ୍ରମବୀର ଆୱାର୍ଡ



**ପାରାଦୀପ :** ପାରାଦୀପ ଫସଫେଟ୍ସ୍ ଲିମିଟେଡ୍ (ପିପିଏଲ)ରେ ଦୀର୍ଘ ୨୮ବର୍ଷ ଧରି ମେକାନିକାଲ୍ ବିଭାଗରେ ସିନିୟର ଟେକନିକାଲ୍ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରି ଆସୁଥିବା ଦୈତାରି ବିନ୍ଧାଣୀ ୨୦୧୬ ମସିହା ପାଇଁ ପ୍ରଧାନମନ୍ତ୍ରୀ ଶ୍ରମବୀର ଆୱାର୍ଡ ସମ୍ମାନରେ ସମ୍ମାନୀତ ହୋଇଛନ୍ତି । ଏହି ଆୱାର୍ଡ ପ୍ରତିବର୍ଷ ସାଧାରଣ ଓ ବେସରକାରୀ ଶିଳ୍ପ ସଂସ୍ଥା ମାନଙ୍କରେ ଶ୍ରେଷ୍ଠ କାର୍ଯ୍ୟଦକ୍ଷତା, ଉତ୍କର୍ଷତା, ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠ ଅବଦାନ ପାଇଁ ଦିଆଯାଇଥାଏ । ବେସରକାରୀ ସଂସ୍ଥାରୁ ଏହି ଆୱାର୍ଡ ପାଇଥିବା ଶ୍ରୀ ଦୈତାରି ହେଉଛନ୍ତି ଓଡିଶାର ପ୍ରଥମ ବ୍ୟକ୍ତି । ସେ ଜଣେ ନିଷ୍ଠାପର ଓ କଠିନ ପରିଶ୍ରମି ଏବଂ ତାଙ୍କ କାର୍ଯ୍ୟପ୍ରତି ଉତ୍ସର୍ଗୀକୃତ ମନଭାବ ପାଇଁ ଏହି ଆୱାର୍ଡ ସେ ଅଧିକାର କରିପାରିଛନ୍ତି । ଏହି ଆୱାର୍ଡ ବ୍ୟତିତ ସେ ୬୦ହଜାର ଟଙ୍କାର ଅର୍ଥରାଶି ପ୍ରଧାନମନ୍ତ୍ରୀଙ୍କ ଠାରୁ ଗ୍ରହଣ କରିଛନ୍ତି । ଏହି ଆୱାର୍ଡ ପାଇବାପରେ ପିପିଏଲ ପରିଷରରେ ଆନନ୍ଦର ଲହରୀ ଖେଳିଯାଇଛି ଏବଂ ତାଙ୍କ ପାଇଁ ପିପିଏଲ ବାସି ଆଜି ଗର୍ବିତ ।

# ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ଉପରେ ଆକ୍ରମଣ

**ପାରାଦୀପ :** ପାରାଦୀପ ଟ୍ରକ ମାଲିକ ସଂଘରେ ଏକ ଗଣ୍ଡଗୋଳ ଘଟି ସଂଘ କର୍ମମର୍ତ୍ତାଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ୫/୬ ଜଣ ଦୁର୍ବୃତ୍ତ ଅଚାନକ ସଂଘ କାର୍ଯ୍ୟାଳୟରେ ପଶି ସମ୍ପାଦିକ ବିରଞ୍ଚି ନାରାୟଣ ପରିଡାଙ୍କୁ ଆକ୍ରମଣ କରିବା ସହ ତାଙ୍କ ଡ୍ରାଇଭରକୁ ମଧ ପ୍ରବଳ ମାଡ ମାରିଥିଲେ । ତେବେ ଏହାର କାରଣ ଅସ୍ପଷ୍ଟ ଥିବା ବେଳେ ଏହା ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଥିବା ବିବାଦକୁ ନେଇ ହୋଇଥିବା ଜଣାପଡିଛି । ତେବେ ସଂଘ ସମ୍ପାଦକ ଆଜି ତାଙ୍କ କାର୍ଯ୍ୟାଳୟରେ କାମ କରୁଥିବା ବେଳେ ଏହି ଗଣ୍ଡଗୋଳ ଘଟିଛି । ଏପରିକି ସମ୍ପାଦକଙ୍କ ମୁଣ୍ଡରେ ଏକ ଲାଇସେନ୍ସ ଥିବା ବନ୍ଧୁକ ଦେଖାଇ ଅପରାଧୀଙ୍କ ପରି ଜୀବନରେ ମାରିଦେବାକୁ ଧମକ ମଧ ମିଳିଛି । ତେବେ ଦୁର୍ବୃତ୍ତ ମାନେ କେହି ଅପରିଚିତ ନୁହନ୍ତି ସମସ୍ତେ ପରିଚିତ ଥିବାରୁ ସଂଘ ସମ୍ପାଦକ ସିଧାସଳଖ ସେମାନଙ୍କ ନାମରେ ପାରାଦୀପ ଥାନାରେ ଅଭିଯୋଗ କରିଛନ୍ତି । ପାରାଦୀପ ଟ୍ରକ ମାଲିକ ସଂଘ ପାରାଦୀପର ଏକ ବୃହତ୍ତ ସଂଘ ହୋଇଥିବାରୁ ଆଗାମୀ ଦିନରେ ଏହାର ନିର୍ବାଚନ ହେବାକୁ ଥିବା ବେଳେ ଏଥିରେ ବିରଞ୍ଚି ପ୍ରାର୍ଥୀ ନହେବା ପାଇଁ ଧମକ ମିଳିଛି । ଯାହାକୁ ନେଇ ପୋଲିସ ତାର ତଦନ୍ତ ଆରମ୍ଭ କରିଛି । ତେବେ କିଛି ଦୂନିତୀର ପର୍ଦ୍ଦାଫାସ କରିଥିବାରୁ ତାଙ୍କ ଉପରେ ଆକ୍ରମଣ ହୋଇଥିବ ବିରଞ୍ଚି ଅଭିଯୋଗ କରିଛନ୍ତି । ଏତଦ୍‌ବ୍ୟତିତ ଗତ କୋଷାଧକ୍ଷ ଉପନିର୍ବାଚନରେ ତାଙ୍କ ସମର୍ଥିତ ପ୍ରାର୍ଥୀ ବିପୁଳ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିବାରୁ ସେ ବିରୋଧୀଙ୍କ ଆକ୍ରମଣର ଶିକାର ପାଲଟିଥିବା ମଧ ଅଭିଯୋଗ କରିଛନ୍ତି । ସଂଘ ନିର୍ବାଚନକୁ ଆଉ କିଛି ମାସ ବାକି ଥିବାବେଳେ ଏଭଳି ଗଣ୍ଡଗୋଳ ନିର୍ବାଚନକୁ ସମ୍ବେଦନଶୀଳ କରିବ ବୋଲି ମତ ପ୍ରକାଶ ପାଇଛି । ଏଠାରେ ସୂଚନା ଯୋଗ୍ୟ ଯେ ବର୍ତ୍ତମାନ ଏହି ସଂଘର ସଭାପତି ଭାବେ ପାରାଦୀପ ବିଜେଡିର ସଭାପତି ସୁମନ୍ତ ବିଶ୍ୱାଳ ଅଛନ୍ତି । ତେବେ ପୋଲିସ ଘଟଣା ଉପରେ କଡା ନଜର ରଖିଛି ଏବଂ ଅଭିଯୋଗକୁ ଭିତ୍ତି କରି ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଥାନା ଅଧିକାରୀ ସୁଭ୍ରାଂଶୁ ଶେଖର ନାୟକ କହିଛନ୍ତି ।

# ଚୈଳ ବିଶୋଧନାଗାରରେ ଶ୍ରମିକଙ୍କ ଧାରଣା



**ପାରାଦୀପ :** ପାରାଦୀପ ତୈଳ ବିଶୋଧନାଗାରରେ ଶ୍ରମିକ ଅଶାନ୍ତି ବୃଦ୍ଧି ପାଇଛି । ବିଭିନ୍ନ ଦାବି ପୁରଣ ନେଇ ଆଜି ଶତାଧିକ ଶ୍ରମିକ କର୍ମଚାରୀ ଆଇଓସିଏଲ ମୁଖ୍ୟ ଗେଟ୍ ସମ୍ମୁଖରେ ଧାରଣାରେ ବସିଛନ୍ତି । ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ମାସିକ ୧୮ହଜାର ଟଙ୍କାକୁ ବୃଦ୍ଧି କରିବା, ଛଟେଇ କର୍ମଚାରୀଙ୍କୁ ତୁରନ୍ତ ନିଯୁକ୍ତି ଦେବା, ଇପିଏଫ ଓ ଇଏସଆଇ ବ୍ୟବସ୍ଥା ତୁରନ୍ତ ଲଙ୍ଘଙ୍କର କରିବା ଇତ୍ୟାଦି ୧୦ଦଫା ଦାବି ପୁରଣ ନେଇ ଏହି ଧାରଣା ଆରମ୍ଭ ହୋଇଥିଲା । ପାରାଦୀପ ଏରମସା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ତଥା ଏହାର ସଭାପତି ଅରିନ୍ଦମ ସର୍ଖେଲ(ବାପି)ଙ୍କ ନେତୃତ୍ୱରେ ଏହି ଧାରଣା ଆଜି ସକାଳୁ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ଆଇଓସିଏଲ କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ତୁରନ୍ତ ଏହିସବୁ ଦାବି ପୁରଣ ଦିଗରେ ପଦକ୍ଷେପ ଗ୍ରହଣ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# ହିତାଧିକାରୀ ଚୟନରେ ଅବହେଳା; ପଦକ୍ଷେପ ନେଉନାହାନ୍ତି ବିଡିଓ

**ଭୁବନେଶ୍ୱର :** ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ ୨୦୧୫ ଫେବୃଆରୀ ମାସଠାରୁ ଯୋଗ୍ୟ ହିତାଧିକାରୀମାନେ ଆବେଦନ କରି ରହିଛନ୍ତି । କିନ୍ତୁ ୩ବର୍ଷ ବିତିବାକୁ ବସିଥିଲେ ମଧ୍ୟ ସେମାନଙ୍କ ଆବେଦନ ଉପରେ ବିଡିଓମାନେ କୌଣସି ପଦକ୍ଷେପ ନେଉନାହାନ୍ତି । ଏପରିକି ୮୭,୨୫୯ଟି ଗରିବ ପରିବାର ଡ୍ରାଫ୍ଟ ଫାଇନାଲ ପ୍ରାୟରିଟି ଲିଷ୍ଟ(ଏଫ୍‌ପିଏଲ)ରେ ଥାଇ ମଧ୍ୟ ରାସନ୍ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି । କେତେକ ଶିକ୍ଷିତ, ଧୂର୍ତ୍ତ ଓ ନିଷ୍ପତ୍ତିକୁ ପ୍ରଭାବିତ କରିପାରୁଥିବା ବ୍ୟକ୍ତିମାନେ ରାସନ୍ କାର୍ଡ ଶୀଘ୍ର ହାତେଇବାକୁ ସକ୍ଷମ ହେଉଥିବାବେଳେ ଗରିବ, ସମ୍ବେଦନଶୀଳ ଓ ଯୋଗ୍ୟ ପରିବାରଗୁଡ଼ିକ ବର୍ଷବର୍ଷ ଧରି ରାସନ୍ ସାମଗ୍ରୀ ପାଇପାରୁନାହାନ୍ତି । ଏବେ ବି ଯୋଗ୍ୟ ପରିବାରଗୁଡ଼ିକ ଅନାହାରମୁକ୍ତ ହୋଇପାରୁ ନାହାନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନର କାର୍ଯ୍ୟକାରିତାରେ ଏଭଳି ଦୟନୀୟ ସ୍ଥିତିକୁ ରାଜ୍ୟ ଖାଦ୍ୟ କମିଶନ୍ ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡ଼ା ଉଜାଗର କରିବା ସହ ଜିଲ୍ଲାପାଳମାନଙ୍କୁ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ଖୋଲାଖୋଲି ଭାବେ ନିଜର ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଥିବା ଏହି ଦାୟିତ୍ୱହୀନ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେବା ସହ ବ୍ୟକ୍ତିଗତ ଭାବେ ସ୍ଥିତିର ସମୀକ୍ଷା ନିମନ୍ତେ ଅନୁରୋଧ କରିଛନ୍ତି । ଗରିବ ପରିବାରଗୁଡ଼ିକର ଆବେଦନ ଉପରେ କ'ଣ ପଦକ୍ଷେପ ନିଆଗଲା ଓ କେତେ ପରିବାର ରାସନ୍ ସାମଗ୍ରୀ ପାଇଲେ ତାହା ମାର୍ଚ୍ଚ ୩୧ତାରିଖ ସୁଦ୍ଧା ଏକ ନିର୍ଦ୍ଦିଷ୍ଟ ଫର୍ମାଟ୍‌ରେ ଜଣାଇବାକୁ ଶ୍ରୀ ଜାମୁଡ଼ା ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛନ୍ତି । କମିଶନ୍ ଅଧ୍ୟକ୍ଷ ଶ୍ରୀ ଜାମୁଡ଼ା ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ ହେବାର ୩ବର୍ଷ ପରେ ମଧ୍ୟ ଗରିବ ପରିବାରଙ୍କୁ ରାସନ୍ ସାମଗ୍ରୀ ମିଳୁନଥିବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଧୂର୍ତ୍ତ ବ୍ୟକ୍ତିମାନେ ନିଜ ପରିବାର ନାଁରେ ରାସନ୍ କାର୍ଡ ନେବାରେ ସକ୍ଷମ ହେଉଥିବାବେଳେ ଅତ୍ୟନ୍ତ ଗରିବ ଲୋକମାନେ ବର୍ଷ ବର୍ଷ ଧରି ରାସନ୍ ସାମଗ୍ରୀ ନପାଇବା ଭଳି ଦୁଃଖଦାୟକ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି । ଶ୍ରୀ ଜାମୁଡ଼ା କହିଛନ୍ତି ଯେ ୨୦୧୫ ଫେବୃଆରୀରୁ ରାସନ୍ କାର୍ଡ ପାଇ ଯୋଗ୍ୟ ହିତାଧିକାରୀଙ୍କ ଆବେଦନ ଉପରେ ଅତିବେଶୀରେ ୩ମାସ ମଧ୍ୟରେ ବିଡିଓ ଅବା କାର୍ଯ୍ୟନିର୍ବାହୀ ଅଧିକାରୀମାନେ ନିଷ୍ପତ୍ତି ନେବା କଥା । କିନ୍ତୁ ଲାଗୁଛି ସତେ ଯେମିତି ଆବେଦନକାରୀଙ୍କ ଅନୁରୋଧକୁ ବିଡିଓମାନେ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି । ଏବେ ବି ସେମାନଙ୍କ ଆବେଦନ ପଡ଼ିରହିଛି । ଏଭଳି ଅବହେଳା ପ୍ରଦର୍ଶନ କରିଥିବା ବିଡିଓଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିମନ୍ତେ ଶ୍ରୀ ଜାମୁଡ଼ା ସୁପାରିସ୍ କରିଛନ୍ତି ।

# ପିଆଇସିଟି ଆଣିଲା ତିନିଗୋଟି ମୋବାଇଲ୍ ହାର୍ବର୍ କ୍ରେନ୍



**ପାରାଦୀପ :** ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ୍ ଦ୍ୱାରା ନବ ନିର୍ମିତ ବର୍ଥରେ ତିନିଗୋଟି ହାରବର କ୍ରେନ୍ ଆସି ପହଞ୍ଚିଛି । ଚାଇନାର ଚେନେମା କମ୍ପାନୀରୁ କ୍ରେନ ଧରି ଆସିଥିବା ଏହି ଜାହାଜ ସକାଳ ୮ଟାରେ ପିଆଇସିଟିର ନିଜସ୍ୱ ବର୍ଥରେ ଲାଗିଥିଲା । ୧୦୦ ଟନ୍ ବିଶିଷ୍ଟ ଏହି କ୍ରେନଗୁଡ଼ିକ ନୂତନ ଜ୍ଞାନକୌଶଳରେ ନିର୍ମିତ ଓ ବିଶେଷଭାବେ ପଣ୍ୟଦ୍ରବ୍ୟ ସାମଗ୍ରୀ ଯଥା ଷ୍ଟିଲ୍,କଏଲ୍, କଣ୍ଟେନର୍ ଏବଂ ସାର ଜାତୀୟ ସାମଗ୍ରୀକୁ ସ୍ଥାନାନ୍ତରୀତ କରିବାରେ ସହାୟକ ହେବ । ସୂଚନାଯୋଗ୍ୟ ଏହା ପୂର୍ବରୁ ଦୁଇଟି କ୍ରେନ୍ ଏଠାକୁ ଅଣାଯାଇ ସ୍ଥାପିତ କରାଯାଇ ସାରିଛି । ଆଜି ସକାଳେ କ୍ୟାପଟେନ୍ ମନପ୍ରୀତ ସିଂ ଜଲୀ ଓ ପାରାଦୀପ ବନ୍ଦରର ବହୁ ବରିଷ୍ଠ ଅଧିକାରୀ ୫ନମ୍ବର ଗେଟସ୍ଥିତ ବର୍ଥରେ ଉପସ୍ଥିତ ରହି ବନ୍ଦରକୁ କ୍ରେନ ଧରି ଆସିଥିବା ଜାହାଜକୁ ସ୍ୱାଗତ କରିଥିଲେ । ପ୍ରକାଶଯୋଗ୍ୟ ପିଆଇସିଟି ଜେଏମବକ୍ସି ଗ୍ରୁପର ଏକ ଶାଖା କମ୍ପାନୀଏବଂ ଏହା ବିଭିନ୍ନ ପଣ୍ୟ ସାମଗ୍ରୀର ରପ୍ତାନୀ ଓ ଆମଦାନି ନିମନ୍ତେ ପାରାଦୀପ ବନ୍ଦର ସହିତ ଏକ ଚୁକ୍ତି ଭିତ୍ତିରେ ଏକ ବହୁମୁଖୀ ବର୍ଥ ନିର୍ମାଣ କରିଛି । ଚଳିତବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ପିଆଇସିଟି ଏଠାରେ ସଂପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟଧାର୍ଯ୍ୟ ରହିଛି । ପିଆଇସିଟିର ଏହି ସମୟୋପଯୋଗୀ ପଦକ୍ଷେପ ବ୍ୟବହାରୀକ ସାମଗ୍ରୀର ଆମଦାନୀ ଓ ରପ୍ତାନୀକୁ ପ୍ରୋତ୍ସାହିତ କରିବା ସହିତ ଆଗାମୀ ଦିନରେ ଓଡ଼ିଶାର ଆର୍ଥିକ ସ୍ଥିତିକୁ ଅଧିକ ସୁଦୃଢ଼ କରିବାର ଯଥେଷ୍ଟ ସମ୍ଭାବନାକୁ ସୃଷ୍ଟି କରିବାକୁ ଯାଉଛି ।

# କାଇପଦରରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବାକୁ ଦାବି

**ଖୋରଧା :** ଖୋରଧା ନିକଟବର୍ତ୍ତୀ କାଇପଦର ଗ୍ରାମରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବାକୁ ଗ୍ରାମବାସୀମାନଙ୍କ ତରଫରୁ ରାଜ୍ୟ ସରକାରଙ୍କ ନିକଟରେ ଲିଖିତ ଭାବରେ ଦାବୀ ଉପସ୍ଥାପନ କରାଯାଇଛି । କାଇପଦର ଗ୍ରାମଟି ଏକ ଜନ ବହୁଳ ଗ୍ରାମ ଅଟେ । ଏଠାରେ ହିନ୍ଦୁ ଓ ମୁସଲମାନଙ୍କ ପବିତ୍ର ପୀଠ ସତ୍ୟପୀର, ସତ୍ୟନାରାୟଣ ଏବଂ ସିରିଡ଼ିସାଇ ବାବାଙ୍କର ମନ୍ଦିର ଅଛି । ଏହାର ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳର ମାନ୍ୟତା ମଧ ପାଇଛି । ଏଠାକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଦେଶ ବିଦେଶରୁ ଆସିଥାନ୍ତି । ଫଳରେ ପ୍ରତିଦିନ ଜନ ସମାଗମ ଦେଖିବାକୁ ମିଳେ । ଖୋରଧା ବ୍ଲକ୍‌ର ଏହା ସବୁ ଠାରୁ ଜନ ବହୁଳ ଗ୍ରାମ । ଏଠାକାର ଅଧିବାସୀମାନେ ସ୍ୱାସ୍ଥ୍ୟ ସେବା ପାଇଁ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ ନିମନ୍ତେ ଆବଶ୍ୟକ ଭିତ୍ତି ଭୂମି ମଧ ଅଛି । ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ପାଇଁ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ସୁପାରିଶ କରିଥିବା ଜଣା ପଡ଼ିଛି । ରାଜ୍ୟ ସରକାରଙ୍କ ଉଚ୍ଚ କ୍ଷମତା ସମ୍ପନ୍ନ ସ୍ୱାସ୍ଥ୍ୟ କମିଟି କାଇପଦର ଗ୍ରାମରେ ଏକ ପି.ଏଚ.ସି ସ୍ଥାପନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ନିମନ୍ତେ ପଠାଇଥିବା ଜଣାପଡ଼ିଛି । ଏଠାରେ ଯଥା ଶୀଘ୍ର ପି.ଏଚ.ସି ସ୍ଥାପନ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିବାକୁ କାଇପଦର ଗ୍ରାମବାସୀ ତଥା କାଇପଦର ସ୍ୱାସ୍ଥ୍ୟ କମିଟିର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ଦାବି କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'କୁନ୍ଦୁଲି ପୀଡିତାଙ୍କ ...

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ । ମାହାଙ୍ଗାର ଯୁବ ନେତା ବୁଲୁ ପ୍ରଧାନ ଓ ତାଙ୍କର ହଜାର ହଜାର ସମର୍ଥକଙ୍କୁ ଦଳରେ ମିଶାଇବା ପରେ ଏହି ଜନସଭାକୁ କୁନ୍ଦୁଲି ପୀଡ଼ିତାଙ୍କ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରକୁ ସମବେତ ଜନତାଙ୍କୁ ସେ ଶୁଣାଇଥିଲେ । କୁନ୍ଦୁଲି ପୀଡ଼ିତାଙ୍କୁ ଡିଜି ୯୦ ହଜାର ଟଙ୍କା ଜାଚି ଘଟଣାକୁ ଦାବି ଦେବା ପାଇଁ ପ୍ରୟାସ କରିବା, ସେ ସମ୍ପୂର୍ଣ୍ଣ ରୁପେ ମାନସିକ ଦୃଷ୍ଟିରୁ ସୁସ୍ଥ ଥିବା ସତ୍ତ୍ୱେ ଡାକ୍ତରଖାନାରେ ମାନସିକ ରୋଗୀ ଭାବେ ସାବ୍ୟସ୍ତ କରିବାର ଅପଚେଷ୍ଟା କରାଯାଇଥିବା ଏହି ସାକ୍ଷାତକାରରେ କୁନ୍ଦୁଲି ପୀଡ଼ିତା କହିଥିବା କଥା ସମସ୍ତଙ୍କୁ ଶୁଣାଇଥିଲେ । ଏଥିସହ ଧର୍ମେନ୍ଦ୍ର କହିଥିଲେ ଯେ ଯାଜପୁର ଜିଲ୍ଲାର ଦଶରଥପୁରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲୋଭ ଦେଖାଇ ଶାସକ ଦଳର ଅଫିସରେ ଶାସକ ଦଳର ବିଧାୟକଙ୍କ ନିଜ ଲୋକଙ୍କ ଦ୍ୱାରା ଜଣେ ମହିଳାଙ୍କ ଇଜ୍ଜତ ନେବାର ଉଦ୍ୟମ ହୋଇଥିଲା । ସେହିଭଳି ଖୋର୍ଦ୍ଧା ଜିଲ୍ଲାର ବାଣପୁର ଠାରେ ଦୁଷ୍କର୍ମ ଅଭିଯୋଗ ସତ୍ତ୍ୱେ ପୁଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଝିଅଟି ଆତ୍ମହତ୍ୟା କରିଛି । ଏହା ନବୀନ ପଟ୍ଟନାୟକଙ୍କ ମା' କୁ ସମ୍ମାନ କି ବୋଲି ସେ ପ୍ରଶ୍ନ କରିଛନ୍ତି । ନବୀନ ପଟ୍ଟନାୟକ ଥ୍ରି ଟି ଟେକ୍ନୋଲଜି, ଟ୍ରାନସପରେନ୍ସି ଓ ଟିମ ୱାର୍କର କଥା କହି ଗରିବଙ୍କ ସ୍ୱାର୍ଥ ହଡ଼ପ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦି ତାଙ୍କୁ ଦେଶର ଗରୀବ ମହିଳାଙ୍କୁ ମାଗଣାରେ ଏଲ୍‌ପିଜି ଦେବାକୁ କହିଥିଲେ । ୩ ବର୍ଷରେ ୫ କୋଟି ଲକ୍ଷ୍ୟରୁ ୧୫ ମାସରେ ୩.୩ କୋଟିରେ ପହଞ୍ଚିବା ପରେ ଏବେ ଏହି ଲକ୍ଷ୍ୟକୁ ବଜେଟରେ ୮ କୋଟିକୁ ବଢାଇ ଦିଆଯାଇଛି । ଉନ୍ନତ ଟେକ୍ନୋଲଜି ଓ ଟ୍ରାନ୍‌ସପରେନ୍‌ସି ଯୋଗୁଁ ହିତାଧିକାରୀ ଚୟନ ଓ ତାଲିକାରେ ବିବାଦ ଉପୁଜିନାହିଁ । ମାତ୍ର ଓଡ଼ିଶାରେ ଚାଉଳ ପାଇଁ ରାସନ କାର୍ଡ ବାଣ୍ଟିବା ବେଳେ ନବୀନ ପଟ୍ଟନାୟକଙ୍କ ତାଲିକାରେ କଟକର ମେୟର ସାମିଲ ହୋଇଯିବା କି ଗରୀବ କଲ୍ୟାଣ ବୋଲି ସେ ପ୍ରଶ୍ନ କରିବା ସହ ଯୋଗ୍ୟ ଗରିବ ହିତାଧିକାରୀଙ୍କୁ ନୁହେଁ ଦଳୀୟ ଆଧାରରେ ସରକାରୀ ଯୋଜନା ବାଣ୍ଟିଦେବା ନବୀନଙ୍କ ଥ୍ରି-ଟି କି ବୋଲି ମଧ ପ୍ରଶ୍ନ କରିଛନ୍ତି । ତେଣୁ ରାଜ୍ୟର ବିକାଶ ପାଇଁ ପରିବର୍ତ୍ତନ ଜରୁରୀ । ସମ୍ପ୍ରତି ସାରା ରାଜ୍ୟର ଲୋକେ ବଡ ରାଜନୈତିକ ପରିବର୍ତ୍ତନ ପାଇଁ ମନ ବଳାଇଥିବା କଥା ମାହାଙ୍ଗା ବିଶାଳ ଜନସଭା ପ୍ରମାଣିତ କରିଛି ବୋଲି କହିଥିଲେ ଶ୍ରୀ ପ୍ରଧାନ ।

### 'ଉତ୍କର୍ଷ କଳା ...

ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରାଯାଇଛି । ଐତିହ୍ୟର ସୁରକ୍ଷା ସହ ରାଜ୍ୟରେ ପର୍ଯ୍ୟଟନର ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି । ଐତିହ୍ୟ ନଗରୀ ସମାରୋହ ବିଭିନ୍ନ ଦେଶର ବିଶେଷଜ୍ଞଙ୍କ ମଧ୍ୟରେ ଜ୍ଞାନ ବିନିମୟ ଦିଗରେ ସହାୟକ ହୋଇ ପାରିବ ବୋଲି ସେ କହିଥିଲେ । ରାଜଧାନୀ ଭୁବନେଶ୍ୱରକୁ ସ୍ମାର୍ଟ ନଗରୀରେ ପରିଣତ କରିବା ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ ସହର ଐତିହ୍ୟ ଏବଂ ସଂସ୍କୃତିର ସୁରକ୍ଷା ଏବଂ ଏହାର ବିକାଶ ଦିଗରେ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଥିଲେ । ଛାତ୍ରଛାତ୍ରୀଙ୍କ ପାଇଁ ସ୍ମାର୍ଟ ଉପାୟରେ ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ଶୀର୍ଷକ ପ୍ରତିଯୋଗିତାର ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ । ୟୁନେସ୍କୋର ନିର୍ଦ୍ଦେଶକ ତଥା ଭାରତ, ଶ୍ରୀଲଙ୍କା ଓ ଭୁଟାନ ପାଇଁ ପ୍ରତିନିଧି ସୁଗେରୁ ଆୟୋଗି କହିଥିଲେ, ଏହି ସମାରୋହ ଭୁବନେଶ୍ୱର ଓ ୟୁନେସ୍କୋ ମଧ୍ୟରେ ସମ୍ପର୍କକୁ ଦୃଢ଼ କରିବ । କାର୍ଯ୍ୟକ୍ରମରେ ୟୁନେସ୍କୋର ପୂର୍ବତନ ନିର୍ଦ୍ଦେଶିକା ମିନିଜା ୟାଙ୍ଗ୍, ଐତିହ୍ୟ ନଗରୀ ଫାଉଣ୍ଡେସନ୍‌ର ମୁଖ୍ୟ ଡ. ଏମ୍ ରାମଚନ୍ଦ୍ରନ, ଓଡ଼ିଶା ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ୍, ବିଏମ୍‌ସି କମିଶନର ଡ. କ୍ରିଷନ୍ କୁମାର ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ୍, ଅକଲାଣ୍ଡ୍, ଶ୍ରୀଲଙ୍କା, ଭୁଟାନ ସହିତ ୧୦ଟି ଦେଶର ବିଶେଷଜ୍ଞମାନେ ଯୋଗ ଦେଇଥିଲେ । ଯେଉଁଥିରେ ଐତିହ୍ୟର ସୁରକ୍ଷା ଏବଂ ଏହାର ଗୁରୁତ୍ୱର ପ୍ରଚାର ପ୍ରସାର, ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣରେ ଐତିହ୍ୟର ପ୍ରତିଫଳନ ସମ୍ପର୍କରେ ଆଲୋଚନା ହେବ । ଏହି ଭଳି ସମାରୋହ ପ୍ରତି ଦୁଇବର୍ଷରେ ଥରେ ଆୟୋଜିତ ହେଉଥିବା ବେଳେ ପୂର୍ବରୁ ଜୟପୁର, ହାଇଦ୍ରାବାଦ ଏବଂ ପୁନେ ଭଳି ସହରରେ ଆୟୋଜିତ ହୋଇଯାଇଛି । ୟୁନେସ୍କୋ, ବିଏମ୍‌ସି, ବିଡିଏ, ରାଜ୍ୟ ସରକାର ଓ ଅନ୍ୟାନ୍ୟ ସଂସ୍ଥାର ସହଯୋଗରେ ଏହା ଆୟୋଜିତ ହୋଇଥିଲା ।

### ୧୧ ଷ୍ଟେସନର ...

ଝାରସୁଗୁଡ଼ା ଓ ରାଉରକେଲାକୁ ମିଶାଇ ୧୧ଟି ଷ୍ଟେସନର ଆଧୁନିକୀକରଣ କରିବା ପାଇଁ ରେଳ ବିଭାଗର ଯୋଜନା ରହିଛି ବୋଲି କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ରାଜେନ୍ ଗୋହାଇଁ କହିଛନ୍ତି । ରାଜ୍ୟସଭାରେ ସାଂସଦ ରଞ୍ଜୀବ ବିଶ୍ୱାଳଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ରେଳମନ୍ତ୍ରୀ ଏହି ଉତ୍ତର ଦେଇଛନ୍ତି । ସ୍ମାର୍ଟ ସିଟି ଯୋଜନାରେ ଭୁବନେଶ୍ୱର ରେଳ ଷ୍ଟେସନରେ ରେଲୱେ ମଲ୍ଟି ମୋଡାଲ୍ ହବ୍ ନିର୍ମାଣ କରାଯାଉଛି ଏବଂ ଏହାର ଡିଜାଇନ୍ ପ୍ରସ୍ତୁତ ସରିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଗୋହାଇଁ ସୂଚନା ଦେଇଛନ୍ତି ।

### ଆଗକୁ ...

ମାସର ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରୁ ରାଜ୍ୟର ସର୍ବାଧିକ ତାପମାତ୍ରା କ୍ରମଶଃ ବୃଦ୍ଧି ପାଇଥାଏ । କିନ୍ତୁ ଏ ବର୍ଷ ଫେବୃଆରୀ ପହିଲାରୁ ପାରଦ ଉପରମୁହାଁ ହୋଇଛି । ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୩୪ ଡିଗ୍ରୀ ରହିଥିଲା । ସେହିପରି ରାଜ୍ୟର ୧୯ଟି ସହରର ତାପମାତ୍ରା ୩୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି । ଉପକୂଳରୁ ଆରମ୍ଭ କରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଦିନବେଳା ସର୍ବାଧିକ ତାପମାତ୍ରା ବୃଦ୍ଧି ପାଇବା ଆରମ୍ଭ ହୋଇଛି । ଏହି ସବୁ ଅଞ୍ଚଳରେ ଦିନବେଳା ଟାଣ ଖରା ସହ ପ୍ରବଳ ଗରମ ଅନୁଭୂତ ହେଉଛି । ବର୍ତ୍ତମାନ ରାଜଧାନୀ ଭୁବନେଶ୍ୱରର ସର୍ବାଧିକ ତାପମାତ୍ରା ୩୩.୩ ଡିଗ୍ରୀ ରେକର୍ଡ କରାଯାଇଛି । କଟକର ସର୍ବାଧିକ ତାପମାତ୍ରା ୩୩ ଡିଗ୍ରୀ ରହିଛି । ପଶ୍ଚିମ ଓଡ଼ିଶାର ବଲାଙ୍ଗିରରେ ୩୩ ଡିଗ୍ରୀ, ଝାରସୁଗୁଡ଼ାରେ ୩୩.୧, ହୀରାକୁଦରେ ୩୩.୧ ଓ ସମ୍ବଲପୁରରେ ୩୨.୯ ଡିଗ୍ରୀ ରେକର୍ଡ କରାଯାଇଛି । ଧିରେ ଧିରେ ପବନର ଦିଗ ବଦଳିବାର ସମ୍ଭାବନା ରହିଛି । ପବନର ଦିଗ ବଦଳିଲେ ତାପମାତ୍ରା ମଧ ବୃଦ୍ଧି ପାଇବ । ଉଭୟ ଦିନ ଓ ରାତିରେ ତାପମାତ୍ରାରେ ବୃଦ୍ଧି ଘଟିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡ.ଶରତ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି । ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ଆଗକୁ କେନ୍ଦ୍ରୀୟ ଭାରତରୁ ଗରମ ପବନ ରାଜ୍ୟ ମଧ୍ୟକୁ ପ୍ରବାହିତ ହେବ । ତେଣୁ ରାଜ୍ୟର ତାପମାତ୍ରା ଆହୁରି ବଢ଼ିବ । ଫେବୃଆରୀ ଦ୍ୱିତୀୟ ସପ୍ତାହରୁ ଧୀରେଧୀରେ ତାପମାତ୍ରା ବୃଦ୍ଧି ପାଇବ । ଏପରି କି ଫେବୃଆରୀ ଶେଷ କିମ୍ବା ମାର୍ଚ୍ଚ ପ୍ରଥମ ସପ୍ତାହରୁ ରାଜ୍ୟର ଦକ୍ଷିଣ ଓ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନ ଏବଂ ପଶ୍ଚିମ ଓଡ଼ିଶାର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରା ୪୨ ଡିଗ୍ରୀ ଅତିକ୍ରମ କରିବାର ଆଶଙ୍କା ରହିଛି । ଚଳିତ ବର୍ଷ ରାଜ୍ୟର ହାରାହାରି ସର୍ବାଧିକ ତାପମାତ୍ରା ସ୍ୱାଭାବିକ ଠାରୁ ୫ରୁ ୬ ଡିଗ୍ରୀ ଅଧିକ ରହିବ ବୋଲି କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଯଦି ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ସତ ହୁଏ, ତା'ହେଲେ ଏ ବର୍ଷ ରାଜ୍ୟରେ ଅସମ୍ଭାଳ ତାପମାତ୍ରା ଅନୁଭୂତ ହେବ । ଅନ୍ୟପକ୍ଷରେ ଫେବୃଆରୀ ଦ୍ୱିତୀୟ ସପ୍ତାହରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏଭଳି ଘଟିଲେ ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବ ଏବଂ ରାଜ୍ୟବାସୀ ଦିନ ବେଳା ଭୋଗୁଥିବା ଉତ୍ତାପଜନିତ ଯନ୍ତ୍ରଣାରୁ ସାମାନ୍ୟ ମୁକ୍ତି ପାଇପାରିବେ । କିନ୍ତୁ ଏବେଠାରୁ ଲଘୁଚାପ ବାବଦରେ ନିର୍ଦ୍ଦିଷ୍ଟ କିଛି କହି ହେବନାହିଁ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

### ଏମ୍ଏସ୍‌ପିକୁ ...

ଏହା ନିର୍ବାଚନୀ ଜୁମ୍‌ଲା ନୁହେଁ ତ ଆଉ କ'ଣ । ତଥାପି ଏହାକୁ ବିଜେଡି ସ୍ୱାଗତ କରୁଛି । କିନ୍ତୁ ବିଭିନ୍ନ ରାଜ୍ୟରେ ଉତ୍ପାଦନ ମୂଲ୍ୟରେ ଭିନ୍ନତା ରହିଥିବାବେଳେ ବଜେଟ୍‌ରେ ଏମ୍ଏସ୍‌ପି ଘୋଷଣା ନେଇ ମଧ୍ୟ ସ୍ୱଷ୍ଟତା ନାହିଁ । ତେଣୁ ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ କିଭଳି ନିର୍ଦ୍ଧାରଣ ହେବ ସେ ନେଇ କେନ୍ଦ୍ର ସରକାର ସ୍ୱଷ୍ଟୀକରଣ ଦେବା ଉଚିତ୍ । ସେହିପରି ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ କେନ୍ଦ୍ର ସରକାର ମିଛୁଆ, ଯାହା କୁହନ୍ତି ତା'ର ଓଲଟା କରନ୍ତି । ଲୋକଙ୍କୁ କେବଳ ମୂର୍ଖ ବନାଉଛନ୍ତି । କେବଳ ନିର୍ବାଚନକୁ ଆଖିରେ ରଖି ଏଭଳି ଘୋଷଣା କେନ୍ଦ୍ର ସରକାର କରିଛନ୍ତି । ଏଭଳି କରି କେନ୍ଦ୍ର ସରକାର ଦେଶବାସୀଙ୍କୁ ପ୍ରତାରିତ କରୁଛନ୍ତି । ପ୍ରକୃତରେ ଏହା କାର୍ଯ୍ୟକାରୀ ହେବ କି ନାହିଁ ତାକୁ ନେଇ ସେ ସନ୍ଦେହ ବ୍ୟକ୍ତ କରିଛନ୍ତି । ଏହା କେନ୍ଦ୍ରର ବିଜେପି ସରକାରର ଏକ ନିର୍ବାଚନୀ ଜୁମ୍‌ଲା ବୋଲି ସେ ଦୋହରାଉଛନ୍ତି । ଅନ୍ୟପକ୍ଷରେ ବିଜେପି ନେତା ପ୍ରତାପ ଷଡ଼ଙ୍ଗୀ କହିଛନ୍ତି ଯେ ଏମ୍ଏସ୍‌ପି ଦର ନିର୍ଦ୍ଧାରଣ ହେବା ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ବ୍ୟବସ୍ଥା ରହିଛି । ଏହି ଘୋଷଣାକୁ ନେଇ ବିଜେଡି ଓ କଂଗ୍ରେସ ଯେଉଁ ସନ୍ଦେହ ବ୍ୟକ୍ତ କରୁଛନ୍ତି ତାହା ସେମାନଙ୍କର ସ୍ୱଭାବ । ସବୁକଥାରେ ସନ୍ଦେହ କରିବା ସେମାନଙ୍କର ଅଭ୍ୟାସ । ସେମାନେ ନିଜେ ସନ୍ଦେହୀ ହୋଇଥିବାରୁ ସମସ୍ତଙ୍କୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି । ସୂଚନାଯୋଗ୍ୟ ରାଜ୍ୟରେ ଧାନ ଉତ୍ପାଦନ କ୍ୱିଣ୍ଟାଲ ପିଛା ୨୩୪୦ଟଙ୍କା ଖର୍ଚ୍ଚ ହେଉଛି ବୋଲି ଦର୍ଶାଇ ଏମ୍ଏସ୍‌ପି କ୍ୱିଣ୍ଟାଲ ପିଛା ୨୯୩୦ଟଙ୍କା କରିବା ପାଇଁ ଓଡ଼ିଶା ସରକାର ଦାବି କରୁଛନ୍ତି । କିନ୍ତୁ ଏମ୍ଏସ୍‌ପି ଜାତୀୟସ୍ତରରେ ନିର୍ଦ୍ଧାରଣ ହେଉଥିବାବେଳେ ୧୨ଟି ରାଜ୍ୟରେ ଧାନର ଉତ୍ପାଦନ ଦର ହାରାହାରି ୧୧୯୭ଟଙ୍କା ଠାରୁ କମ୍ ରହୁଥିବାରୁ କେନ୍ଦ୍ର ସରକାରଙ୍କ ଏମ୍ଏସ୍‌ପି ଦର କେଉଁ ଆଧାରରେ ଘୋଷଣା ହେବ ତାକୁ ନେଇ ବିଜେଡି ଓ କଂଗ୍ରେସ ପ୍ରଶ୍ନ ଉଠାଇଛନ୍ତି ।

### ମଧ୍ୟାହ୍ନ ଭୋଜନରେ ...

ଭୋଜନ ଭାବେ ଖାଇବାକୁ ଦିଆଯାଇଛି । ଏ ସମ୍ପର୍କରେ ପିଲାଏ କୁହନ୍ତି, ସ୍ଥାନୀୟ ଗାଁର ଲୋକମାନେ ଆମକୁ ମୁଢ଼ି ଗଣ୍ଡେ ଦେଉଛନ୍ତି । ହେଲେ ଏହା ଖାଲି ଖାଇବାକୁ ଭଲ ଲାଗୁ ନଥିବାରୁ ଆମେ ତେନ୍ତୁଳି ଖଟା ଲଗାଇ ଏହାକୁ ଖାଉଛୁ । ମଧ୍ୟାହ୍ନ ଭୋଜନରେ ଏଠାରେ ଏଭଳି ଅବ୍ୟବସ୍ଥା ସହିତ ଦୀର୍ଘ ୨୪ ବର୍ଷ ହେବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଠି ଖଟୁଥିବାର ଅଭିଯୋଗ ହୋଇଛି । ଏହା ପୂର୍ବରୁ ଏହି ୨୪ ବର୍ଷ ଭିତରେ ଅନେକ ସ୍କୁଲ୍ ପୂର୍ଣ୍ଣ ଅନୁଦାନ ପାଇଥିବାବେଳେ ଏହାକୁ ଅଣଦେଖା କରାଯାଇଅଛି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି । ଅଭିଯୋଗ ସମ୍ପର୍କରେ ଔପଦା ବି.ଇ.ଓ.ଙ୍କୁ ଯୋଗାଯୋଗ କରିବାରୁ ସରକାରୀ ନିୟମ ଅନୁସାରେ ୨୦୧୧ ମସିହାରେ ଯୋଗ୍ୟତା ହରାଇଥିବା ବିଦ୍ୟାଳୟ ମଧ୍ୟରୁ ଏହି ବିଦ୍ୟାଳୟଟି ଥିବାବେଳେ ପୁଣି ଥରେ ପ୍ରତିକାର ପାଇଁ ସରକାରଙ୍କୁ କାଗଜପତ୍ର ଦିଆଯାଇଛି ବୋଲି କହିଥିଲେ । ତେଣୁ ନୂଆ ନିର୍ଦ୍ଦେଶ ଆସିଲେ ଏହି ବିଦ୍ୟାଳୟକୁ ସରକାରଙ୍କର ଅନୁଦାନ ଦିଆଯିବ ବୋଲି ସେ କହିଛନ୍ତି ।

# ଫିଡ୍‌କୋ କାର୍ଯ୍ୟାଳୟରେ ତାଲା ପକାଇଲେ ଲାଇନମ୍ୟାନ୍




**ଦଶପଲ୍ଲା :** ସଦାସର୍ବଦା ନିଜ ଜୀବନକୁ ବାଜି ଲଗାଇ ସବୁ ମୁହିର୍ତରେ ଜୀବନପ୍ରତି ବିପଦଭରି ରହିଥିବା ବିଦ୍ୟୁତ ବିଭାଗର କାର୍ଯ୍ୟରତ ଠିକା କର୍ମଚାରୀ ମାନେ ସମସ୍ତ କାମରେ ନିଜକୁ ନିୟୋଜିତ କରିଥାଇ ମଧ୍ୟ ପାରିଶ୍ରମିକ ନପାଇବା ଠାରୁ ଦୁଖଦ ଘଟଣା କଣ ହୋଇ ପାରେ ? ଏଭଳି ଦୁଖଦ ଘଟଣା ଘଟିଛି ଦଶପଲ୍ଲା ଫିଡ୍‌କୋ କାର୍ଯ୍ୟାଳୟରେ । ସୂଚନାରୁ ଜଣାଯାଏ, ଦଶପଲ୍ଲା ଫିଡ୍‌କୋ ଡି.ପି.ଏମ୍.ଙ୍କ ଅଧିନରେ ଥିବା ନୂଆଗାଁଦଶପଲ୍ଲା ଦଶପଲ୍ଲା ଗଣିଆ ବ୍ଲକର ପ୍ରାୟ ୩୦ରୁ ଉର୍ଦ୍ଧ ଲାଇନମ୍ୟାନ୍ ଓ ଲାଇନମ୍ୟାନ ହେଲପର୍ କାମ କରୁଛନ୍ତି । ସ୍ୱଳ୍ପ ବେତନରେ ଗୁଜୁରାଣ ଚଳାଉ ଥିବା ଲାଇନମ୍ୟାନ ମାନେ ମାସିକ ବେତନ ବାବଦକୁ ୫୬୪୩ ଟଙ୍କା ପାଉଥିବା ବେଳେ ଲାଇନମ୍ୟାନ ହେଲପର୍ ମାନେ ୫୨୫୧ ଟଙ୍କା ପାଇଥାନ୍ତି । ଗତ ସେପ୍ଟେମ୍ବର ୨୦୧୭ ଠାରୁ ପ୍ରାୟ ୪ମାସର ଦରମା ବକେୟା ରହିଛି । ଏ ବାବଦରେ ସମସ୍ତ ଅଂଚଳର ଜେ.ଇ ଏବଂ ଡି.ପି.ଏମ୍.ଙ୍କୁ ବାରମ୍ବାର ମୌଖିକ ଓ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ତାହାର କୌଣସି ସୁଫଳ ଓ ପ୍ରତିକ୍ରିୟା ନ ମିଳି ଓଲଟି ଇଛାପାଇଲେ କାମକର,ନଚେତ ଚାକିରୀରୁ ଛଟେଇ କରାଯିବ ବୋଲି ଧମକ ଚମକ ଦିଆ ଯାଉଛି । ଏହାର ପ୍ରତିବାଦରେ ନିଜର ହକ୍ ପାଇଁ ସମସ୍ତ କର୍ମଚାରୀମାନେ ଫିଡ୍‌କୋ କାର୍ଯ୍ୟାଳୟ ଘେରାଉକରି ତାଲା ପକାଇଦେବା ଯୋଗୁଁ ସେଠାରେ ଚାପା ଉତେଜନା ଦେଖାଯାଇଛି ।




# ଶ୍ରୀଦତ୍ତା - କ୍ଷଣକେ ଦୂର କରନ୍ତି ମାନସିକ ବ୍ୟାଧି



**ଗୋ**ଆର ବିଭିନ୍ନ ସ୍ଥାନରେ ରହଣୀ ଭିତରେ ମୋତେ ମାଡଗାଇଁରେ ରହଣୀ ଖୁବ୍ ନୂଆ ନୂଆ ସ୍ମୃତି ପ୍ରଦାନ କରିଥିଲା। ମାଡଗାଓଁରୁ ପୁଣି ପାଣାଜୀକୁ ପ୍ରତ୍ୟାବର୍ତ୍ତନ କରିବାର ଥିଲା ମୋର। ଗୋଆ ରହଣୀର ସମସ୍ତ କାର୍ଯ୍ୟ ତଦାରଖ କରୁଥିବା ମୋ ବନ୍ଧୁ ମୋତେ ଏ ବିଷୟରେ ସୂଚନା ମଧ୍ୟ ଦେଇସାରିଥିଲେ। ହେଲେ ସେହି ପାଖରେ ଥିବା ଆଉ କିଛି ସ୍ଥାନ ଦେଖିବାକୁ ମୋ ମନରେ ଆଗ୍ରହ ଥିଲା। ତେଣୁ ଅଳସୁଆମୀ ଛାଡ଼ି ମୁଁ ଟିକେ ଏବେ ଜଲ୍‌ଦି ନିତ୍ୟକର୍ମ ସାରି ପ୍ରସ୍ତୁତ ହୋଇ ଯାଇଥିଲି। ଆଉ ଅନ୍ୟମାନଙ୍କୁ ଦର୍ଶାଇବାକୁ ଚାହୁଁଥିଲି ଯେ ମୁଁ ମଧ୍ୟ ଅଳସୁଆ ଗୁଣ ଛାଡି ସାରିଛି। ତେବେ ଏବେ ମୋ' ଗାଡି ଚାଳକ ମୋର ଏଭଳି ପରିବର୍ତ୍ତନ ଦେଖି ସବୁଠାରୁ ଆଶ୍ଚର୍ଯ୍ୟ ହେଉଥିଲା ଅନ୍ୟମାନଙ୍କ ଅପେକ୍ଷା। ମାଡ଼ଗାଓଁ ନିକଟରେ ଆଉ ମାତ୍ର ଦୁଇ ତିନୋଟି ମନ୍ଦିର ମୋର ଦେଖିବାର ଥିଲା। ତେଣୁ ମୁଁ ଚାଳକଙ୍କୁ ନିର୍ଦ୍ଦେଶ ଦେଇଥିଲି ଯେ ଗୋଟିଏ ଦିନରେ ଦୁଇ ଦୁଇଟି ମନ୍ଦିର ଦେଖିବା ପାଇଁ, ଆଉ ସେ ମଧ୍ୟ ରାଜି ହୋଇଥିଲେ। ଏହି ପ୍ରସ୍ତାବ ସହ ମୁଁ ପ୍ରଥମେ ବାହାରିଥିଲି ମାଡଗାଓଁ ଠାରୁ ପ୍ରାୟ ୪୦ କିଲୋମିଟର ଦୂରରେ ଥିବା ଶ୍ରୀଦତ୍ତା ମନ୍ଦିରକୁ। ଏହି ମନ୍ଦିରକୁ ଯିବା ସମୟରେ ରାସ୍ତାର ସୌନ୍ଦର୍ଯ୍ୟ ଥିଲା ଅବର୍ଣ୍ଣନୀୟ। ଦୁଇପଟେ ନଡିଆ ଗଛ ତା' ସାଙ୍ଗକୁ କଳା ମଚମଚ ରାସ୍ତା। ଆଉ ତାରି ଭିତରେ ମୋ ଗାଡିରେ ବାଜୁଥିଲା ପୁରୁଣା ହିନ୍ଦୀ ଗୀତ। ସତରେ ଏହା ମୋତେ ଆନମନା କରୁଥିଲା। ହେଲେ ଯେହେତୁ ମୁଁ ଗମ୍ଭୀର ମୁଦ୍ରା ଅନ୍ୟମାନଙ୍କୁ ଦେଖାଉଥିଲି ତେଣୁ ଆଉ ରାସ୍ତାରେ ରହି ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ କାହାକୁ କହିନଥିଲି। ଏହା ଭିତରେ ପ୍ରାୟ ୪୫ ରୁ ୫୦ ମିନିଟ୍ ଗାଡିରେ ଯାତ୍ରା କରିବା ପରେ ପହଞ୍ଚି ଯାଇଥିଲୁ ସାକ୍ୟୁଲିମ୍‌ର ବିଚୋଲିମ୍ ତାଲୁକାରେ ଯାହା ରହିଥିବା ଉତ୍ତରଗୋଆରେ। ଏହି ସ୍ଥାନରେ ହିଁ ଶ୍ରୀଦତ୍ତା ମନ୍ଦିର ଅବସ୍ଥିତ। ଏହି ସ୍ଥାନର ଐତିହାସିକ ଗୁରୁତ୍ୱ ମଧ୍ୟ ରହିଛି ଯାହା ଆପଣମାନଙ୍କୁ ମୁଁ ପରବର୍ତ୍ତୀ ସମୟରେ ହିଁ ପ୍ରଦାନ କରିବି। ଶ୍ରୀଦତ୍ତା ମନ୍ଦିରରେ ଆମେ ପହଞ୍ଚିବା ବେଳକୁ ସକାଳ ପ୍ରାୟ ୮ ଟା ୩୦ ମିନିଟ୍ ହୋଇଥିଲା। ମନ୍ଦିରରେ ଖୁବ୍ ଗହଳ ଚହଳ ଲାଗି ରହିଥିଲା। ଆମେ ମୁଖ୍ୟ ଗମ୍ଭୀରା ଭିତରକୁ ପ୍ରବେଶ କରିବା ବେଳକୁ ଦର୍ଶନ କରୁଥିଲେ ଅନେକ ଭକ୍ତ। ଆମେ ମଧ୍ୟ ଦର୍ଶନ କରିଥିଲୁ ଶ୍ରୀଦତ୍ତାଙ୍କୁ। ଯାହାଙ୍କୁ କେହି କେହି ଦତ୍ତାତ୍ରୟ ବୋଲି ମଧ୍ୟ ସମ୍ବୋଧନ କରୁଥିବା ଆମେ ଜାଣିବାକୁ ପାଇଥିଲୁ। ତେବେ ଦତ୍ତାତ୍ରୟଙ୍କ ରୂପ ସମ୍ପର୍କରେ ଆମେ ଜାଣିବା ପାଇଁ ଚେଷ୍ଟା କରିଥିଲୁ ହେଲେ ସେତେବେଳ ଭକ୍ତଙ୍କ ଗହଳ ଲାଗିଥିବାରୁ କେହି ବି ମନ୍ଦିରର ପୂଜକ ଆମକୁ ସମୟ ଦେବା ପାଇଁ ମିଳି ନଥିଲେ। ହେଲେ ମୋ ମନ ମାନୁ ନଥିଲା ଯାହାହେଲେ ବି ମୋତେ ଦତ୍ତାତ୍ରୟଙ୍କ ରୂପ ଆଉ ମହିମା ବିଷୟରେ ଜାଣିବାର ଥିଲା। ତାର କାରଣ ମଧ୍ୟ ଥିଲା। ସାଧାରଣତଃ ଆମ ଓଡ଼ିଶାରେ ଶ୍ରୀଦତ୍ତା ମନ୍ଦିର ଦେଖିବାକୁ ମିଳେ ନାହିଁ, ତେଣୁ ଏହା ଭଗବାନଙ୍କର କେଉଁ ରୂପ ତାହା ଜାଣିବା ପାଇଁ ମୁଁ ଉତ୍ସାହିତ ଥିଲି। ତେବେ ମୁଁ ହତୋତ୍ସାହିତ ନ ହୋଇ ମନ୍ଦିର ଭିତରେ ଥିବା ଏକ ଖାଲି ସ୍ଥାନରେ ବସିଲି। ଆଉ ଅପେକ୍ଷା କଲି ମୋର ସାଙ୍ଗରେ ଯାଇଥିବା ବନ୍ଧୁମାନେ କିନ୍ତୁ ଏହା ଚାହୁଁ ନଥିଲେ ତା'ର କାରଣ ଥିଲା ସମୟର ସ୍ୱଳ୍ପତା ହେଲେ ମୁଁ ସେମାନଙ୍କ ଇଚ୍ଛାଶକ୍ତିକୁ ଅଣଦେଖା କରି ବସିଥିଲି। କିଛି ସମୟ ପରେ ମନ୍ଦିରର ଜଣେ ପୂଜକ ମୋତେ ଲକ୍ଷ୍ୟ କଲେ ଏବଂ ମୋ ପାଖକୁ ଆସି ମୁଁ ଏଠାରେ କାହିଁକି ବସିଛି ବୋଲି ଜାଣିବାକୁ ଚାହିଁଲେ। ମୁଁ ତତ୍‌କ୍ଷଣାତ ତାଙ୍କୁ ମୋର ଜିଜ୍ଞାସା ବିଷୟରେ ଜଣାଇଲି। ସେ ସାମାନ୍ୟ ହସି କହିଲେ ଭଗବାନ ତ ଏକ ରୂପ ଆଉ ତାଙ୍କର ରୂପ ବିଷୟରେ ଆପଣ କ'ଣ ଜାଣିବେ। ମୁଁ ମୋର ବାଚଳାମି ବିଷୟରେ ଜାଣି ମଧ୍ୟ ଆଉ ଥରେ ତାଙ୍କୁ ଶ୍ରୀଦତ୍ତାଙ୍କ ରୂପ ଆଉ ମହିମା ବିଷୟରେ ଜାଣିବାକୁ ଚାହିଁଲି ଶେଷରେ ସେ ମୋର ଜିଜ୍ଞାସା ଭାବକୁ ଦେଖି ଶ୍ରୀଦତ୍ତାଙ୍କ ରୂପ ବିଷୟରେ ସୂଚନା ଦେଇଥିଲେ। ସେ କହିଲେ ଶ୍ରୀଦତ୍ତା ହେଉଛନ୍ତି ଭଗବାନଙ୍କ ତ୍ରିରୂପର ମିଳିତ ରୂପ। ଶ୍ରୀଦତ୍ତା ହେଉଛନ୍ତି ବ୍ରହ୍ମା ବିଷ୍ଣୁ ଓ ମହେଶ୍ୱରଙ୍କ ମିଳିତ ରୂପ। ଶ୍ରୀଦତ୍ତାଙ୍କ ଉପାସନା କରିବା ଅର୍ଥ ହେଲା ଏହି ତ୍ରିଦେବଙ୍କ ଉପାସନା କରିବା। ସେ ଆହୁରି ମଧ୍ୟ କହିଥିଲେ ଯେ, ପର୍ତ୍ତୁଗୀଜ ମାନେ ଯେତେବେଳେ ଗୋଆକୁ ଅଧିକାର କରିଥିଲେ ସେତେବେଳେ ଗୋଆର ଏହି ମନ୍ଦିରକୁ ସେମାନେ ସ୍ପର୍ଶ ମଧ୍ୟ କରିପାରିନଥିଲେ। ଆଉ ଏହି ମନ୍ଦିର ଖୁବ୍ ପ୍ରାଚୀନ। ପ୍ରତ୍ୟେକବର୍ଷ ଡିସେମ୍ବର ମାସରେ ଶ୍ରୀଦତ୍ତାଙ୍କର ଏହି ମନ୍ଦିରରେ ଏକ ବିରାଟ ଉତ୍ସବ ପାଳିତ ହେଉଥିବା କଥା ମଧ୍ୟ ସେ କହିଲେ। ଏହି ମନ୍ଦିରର ଆଉଏକ ବିଶେଷତ୍ୱ ସମ୍ପର୍କରେ ମଧ୍ୟ ସେ ମୋତେ ସୂଚନା ଦେଇଥିଲେ। ମାନସିକ ବିକାରଗ୍ରସ୍ତ ରୋଗୀମାନଙ୍କ ସୁସ୍ଥତା ପାଇଁ ଏଠାକୁ ଅନେକ ଭକ୍ତ ଆସିଥାନ୍ତି। ଶ୍ରୀଦତ୍ତାଙ୍କୁ ଉପାସନା କଲେ ମାନସିକ ରୋଗ ଦୂର ହେଉଥିବାର କଥା ଲୋକ ବିଶ୍ୱାସ ରହିଛି। ଏତେସବୁ କଥା ପୂଜକଙ୍କ ଠାରୁ ଜାଣିବା ପରେ ମୁଁ ତାଙ୍କୁ ଧନ୍ୟବାଦ ଦେଇ ମନ୍ଦିରରୁ ବାହାରିଥିଲି। ମୋର ବନ୍ଧୁମାନେ ମୋ ଉପରେ ମନେ ମନେ ରାଗୁଥିବାର ମୋର ଅନୁଭବ ହେଉଥିଲେ ମଧ୍ୟ ସେଥିପ୍ରତି ଧ୍ୟାନ ନ ଦେଇ ସିଧା ଗାଡିରେ ବସି ମୁଁ ଜୋତା ପିନ୍ଧିବା ଆରମ୍ଭ କଲି। ଏହାରି ଭିତରେ ମୋର ଗାଡି ଚାଳକ ନିକଟରେ ଥିବା ଏକ ଜଳପ୍ରପାତ ଦେଖିବା ପାଇଁ ମୋତେ କହିଥିଲେ। ମୁଁ ସେଥିରେ ସହମତ ପ୍ରକାଶ କରି ଗାଡି ଆଗକୁ ନେବାକୁ କହିଥିଲି। ମନରୁ କିନ୍ତୁ ଶ୍ରୀଦତ୍ତାଙ୍କ ତ୍ରିରୂପ କଥା ଲିଭି ନଥିଲା। କାରଣ ଓଡ଼ିଶାରେ ମଧ୍ୟ ଆପଣମାନେ ତ୍ରିନାଥ ମେଳାର ପରମ୍ପରା ଦେଖିଥିବେ ଯେଉଁ ସ୍ଥାନରେ ବ୍ରହ୍ମା ବିଷ୍ଣୁ ମହେଶ୍ୱରଙ୍କୁ ଉପାସନା କରାଯାଇଥାଏ। ତେଣୁ ସୃଷ୍ଟିକର୍ତ୍ତା ବ୍ରହ୍ମା ପାଳନ କର୍ତ୍ତା ବିଷ୍ଣୁ ଏବଂ ସଂହାର କର୍ତ୍ତା ମହେଶ୍ୱରଙ୍କ ଉପାସନା ସବୁ ସ୍ଥାନରେ ସବୁ ସମୟରେ ହିନ୍ଦୁ ଧର୍ମାବଲମ୍ବୀ ମାନେ କରୁଥିବାର କଥା ମୋ ମନକୁ ଆସିଲା।

*କ୍ରମଶଃ...*



ଉପସ୍ଥାପନା
ଜାହ୍ନବୀସୁତ

# ଆସ ବୁଲିଯିବା ଗୋଆ

---

# ସମୃଦ୍ଧ କଳା ଓ ସଂସ୍କୃତିର ଭୂମି ହେଉଛି ଓଡ଼ିଶା : ରାଜ୍ୟପାଳ





ଓଡ଼ିଶା କଳା ଓ ସାହିତ୍ୟ ଉତ୍ସବ

**ଭୁବନେଶ୍ୱର :** କଳାର ପ୍ରମୁଖ ଗୁଣ ହେଉଛି ଆତ୍ମପ୍ରକାଶ। ଏହା ସଙ୍ଗୀତ, ନୃତ୍ୟ, ସାହିତ୍ୟ, ଅଭିନୟ ଆଦି ଅନେକ ମାଧ୍ୟମରେ ପ୍ରକାଶିତ ହୋଇଥାଏ। ଲୋକଙ୍କ ସହିତ ସଂଯୋଗ ସ୍ଥାପନ କରିବା ଏହାର ମୌଳିକ ଧର୍ମ। ସୃଜନଶୀଳତା ମାନବ ସଭ୍ୟତାର ଉନ୍ମେଷ ଓ ଉତ୍ତରଣରେ ପ୍ରମୁଖ ଭୂମିକା ନେଉଛି ବୋଲି ରାଜ୍ୟପାଳ ଡ. ଏସ୍‌ସି ଜମିର କହିଛନ୍ତି। ଉତ୍କଳ ପ୍ରେକ୍ଷାଳୟରେ ଓଡ଼ିଶା କଳା ଓ ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଲେ, ଓଡ଼ିଶା ସମୃଦ୍ଧ କଳା ଓ ସଂସ୍କୃତିର ଭୂମି। ଅନେକ ଧାରା ଓ ଉପଧାରାର ସମନ୍ୱୟ ଘଟିଛି ଏହି ଭୂମିରେ। ଓଡ଼ିଶୀ ନୃତ୍ୟ ଓ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ଉଲ୍ଲେଖନୀୟ ଉପଲବ୍ଧି। ଓଡ଼ିଶାର ଜୀବନବୋଧ ଓ ଜୀବନାଦର୍ଶ ବହୁବିଧ କଳା ଓ ଉତ୍ସବ ଜରିଆରେ ପ୍ରତିଫଳିତ। ଓଡ଼ିଆ ସାହିତ୍ୟ ବିଶେଷ ଭାବରେ ଋଦ୍ଧିମନ୍ତ ବୋଲି ଡ. ଜମିର କହିଛନ୍ତି। ସମଗ୍ର ପୃଥିବୀ ସୃଜନଶୀଳ ଚିନ୍ତକଙ୍କୁ ଲୋଡୁଛି। ସେମାନେ ଜଟିଳ ସମସ୍ୟାର ସରଳ ସୂତ୍ର ନିର୍ଣ୍ଣୟ କରିଥାନ୍ତି ଏବଂ ସଭ୍ୟତାର ବିକାଶରେ ସହାୟକ ହୋଇଥାନ୍ତି। ବିଭିନ୍ନ ଦୃଷ୍ଟିକୋଣ ମଧ୍ୟରେ ସମନ୍ୱୟ ରଖି ସକାରାତ୍ମକ ଦିଗକୁ ପ୍ରଦର୍ଶନ କରିବାକୁ ରାଜ୍ୟପାଳ ସୃଜନଶିଳ୍ପୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶା କଳା ଓ ସାହିତ୍ୟ ଉତ୍ସବର ନିର୍ଦ୍ଦେଶକ ମନୁ ଦାଶ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପେନ୍ ଇଣ୍ଟରନ୍ୟାସନାଲ ଅଷ୍ଟ୍ରିଆ ଶାଖାର ଅଧ୍ୟକ୍ଷ ଡ. ହେଲେମଥ ନିଏଡେଲ୍ ଭିଡିଓଭାଷଣ ଉପସ୍ଥାପନ କରିଥିଲେ। ସରବଜିତ ଗର୍ଗ, ସନେତ ମଣ୍ଡଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଖ୍ୟାତ କବି ବିଷ୍ଣୁ ଖାରେଙ୍କୁ ପ୍ରଥମ ଜାତୀୟ ଜୟଦେବ କବିତା ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜ୍ୟପାଳ ଡ. ଜମିରଙ୍କ ଆତ୍ମଜୀବନୀର ଓଡ଼ିଆ ଅନୁବାଦ 'ଜଣେ ନାଗାର ଅନ୍ୱେଷଣ' ସମେତ ଦଶଗୋଟି ପୁସ୍ତକ ଉତ୍ସବରେ ଲୋକାର୍ପିତ ହୋଇଥିଲା।

ଉତ୍ସବର ଦ୍ୱିତୀୟ ଦିବସ ଅବସରରେ ବିଭିନ୍ନ ଆଲୋଚନାଚକ୍ର ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। 'ଦୈନନ୍ଦିନ ଜୀବନରେ ବିଭିନ୍ନ ଲକ୍ଷଣର ଗୁରୁତ୍ୱ' ଶୀର୍ଷକ ଆଲୋଚନାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଅନ୍ତର୍ଜାତୀୟ ଲେଖକ କିରା ଉକ୍, ମୁସ୍ତାଫା ଷ୍ଟିଚୋଉ, ହରାଲ୍ଡ୍, କୋଲେଗର୍, କର୍‌ନେଲିଆ ଓ ସୋନିଆ ଓଲାର୍ଟ ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ। କବିତା ଲାମା, ରେଚେଲ୍ ପୋଟ୍‌କର୍ ଓ ସନେଟ୍ ମଣ୍ଡଳ ପ୍ରମୁଖ ଏହାକୁ ସଂଯୋଜନା କରିଥିଲେ। ଏହାପରେ ଅରେନ୍‌ଲା ସୁବୋଙ୍ଗ୍ ଓ ମୋଆ ସୁବୋଙ୍ଗ୍ ବିଭିନ୍ନ ରାଜ୍ୟର ପାହାଡି ସଙ୍ଗୀତ ପରିବେଷଣ କରାଯାଇଥିଲା। ଯାହାକି ଉପସ୍ଥିତ ଦର୍ଶକଙ୍କ ମନରେ ପାହାଡି ଅଞ୍ଚଳର ସାଂସ୍କୃତିକ ଓ କଳା ପ୍ରତି ଆବେଗ ସୃଷ୍ଟି କରିଥିଲା। ଉତ୍ସବର ନିର୍ଦ୍ଦେଶକ ମନୁ ଦାଶ ଏହି ସମ୍ମାନର ସଂଯୋଜନା କରିଥିଲେ। ଏହାପରେ ବିଭିନ୍ନ ଅଧିବେଶନରେ 'ସତ୍ୟ ଓ କଳ୍ପନା, 'ଫକୀର ମୋହନଙ୍କ ବିଭିନ୍ନ ରହସ୍ୟ' ସହିତ କବିତା ପାଠୋତ୍ସବ ହୋଇଥିଲା। ଏଥିରେ କବି ସୂର୍ଯ୍ୟ ମିଶ୍ର, ଶୈଳବାଳା ମହାପାତ୍ର, କେଦାର ମିଶ୍ର, ରକ୍ଷକ ନାୟକ, ମନୁ ଦାଶ ଓ ତାରକ ମହାନ୍ତି ପ୍ରମୁଖ କବିତାବୃତ୍ତି କରିଥିଲେ। ଏହାକୁ ପରିଚାଳନା କରିଥିଲେ ମନୁଆ ଦାଶ। କାର୍ଯ୍ୟକ୍ରମର ଅନ୍ତିମ ଭାଗରେ ଆଇସିସିଆର ଓ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜନ୍ମନେଲା ଲେକ୍ସ ଆଓ୍ୱାରନେସ୍ ଫାଉଣ୍ଡେସନ




**ଭୁବନେଶ୍ୱର:** ଗତ ଜାନୁୟାରୀ ୨୬ତାରିଖ ଦିନ "ଲେକ୍ସ ଆଓ୍ୱାରନେସ୍ ଫାଉଣ୍ଡେସନ୍" ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜନ୍ମଲାଭ କରିଛି । ୨୧ ବର୍ଷ ୮ମାସର ଜଣେ ଶିକ୍ଷିତ ଯୁବକ ଦେବୀପ୍ରସାଦ ଦାସ (ଗୁଡୁ) ଏହି ଏନ.ଜି.ଓର ମୁଖ୍ୟ ଅଛନ୍ତି। ଯେଉଁ ବୟସରେ ଯୁବକମାନେ ଶିକ୍ଷାଲାଭ କରି ଚାକିରୀକରନ୍ତି କିମ୍ବା ବିଫଳ ହୋଇ ନିଶାଖାଇ ବୁଲନ୍ତି, ସେହି ବୟସରେ ଦେବୀପ୍ରସାଦ ଦାସ ଓଡ଼ିଶାର କୋଣ ଅନୁକୋଣରେ ଥିବା ଗରିବ, ହରିଜନ, ଆଦିବାସୀ, ଅସହାୟ ତଥା ଦୁଃସ୍ଥ ଲୋକମାନଙ୍କୁ ସାହାର୍ଯ୍ୟ ସହଯୋଗ କରିବାକୁ ବଜ୍ର ଶପଥ କରିଛନ୍ତି । ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ ହେଲା ଅଭିଯୋଗକାରୀ ଦରଖାସ୍ତ କରିବାମାତ୍ରେ ତାଙ୍କୁ ତତ୍‌କାଳ ଆନୁସଙ୍ଗିକ ସାହାର୍ଯ୍ୟ ଯୋଗାଇବା ସହ ତାଙ୍କର ଆଇନଗତ ଲଢେଇରେ ଏହି ଅନୁଷ୍ଠାନ ପକ୍ଷଭୁକ୍ତ ହୋଇ ମାମଲା ସମାଧାନ ଯାଏଁ ଲଢେଇ ଜାରି ରଖିବ । ଏପରି ଅନୁଷ୍ଠାନ ରାଜ୍ୟରେ ଏକାଧିକ ଥିଲେ ମଧ୍ୟ ଲୋକଙ୍କ ପାଖରେ ପହଞ୍ଚିବାକୁ ସେମାନେ ରାଜନେତା, ପୁଞ୍ଜିପତି, ଏମିତିକି ଅର୍ଥଦାତା ମୁନୀବଙ୍କ ଇସାରାକୁ ଅପେକ୍ଷା କରିଥାନ୍ତି। ମାତ୍ର ଜନ୍ମନେବା ପୂର୍ବରୁ ଲେକ୍ସ ଆଓ୍ୱାରନେସ୍ ଫାଉଣ୍ଡେସନ ତରଫରୁ ରାଜଧାନୀ ଉପକଣ୍ଠ ଜଟଣୀ ନିର୍ବାଚନ ମଣ୍ଡଳୀର ବିଶିଆପଡ଼ା ଓ ବିନ୍ଧ୍ୟଗିରିଠାରେ ଶତାଧିକ ଅସହାୟ ଗରିବଙ୍କୁ ଶୀତରୁ ରକ୍ଷାପାଇଁ କମଳ ଆବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଦେବୀପ୍ରସାଦ ଦାସଙ୍କ ନିମନ୍ତ୍ରଣ କ୍ରମେ ଭୁବନେଶ୍ୱର ସାମ୍ବାଦିକ ସଂଘର ସଭାପତି ତଥା କଳିଙ୍ଗ ଖବରର ସମ୍ପାଦକ ମହେଶ୍ୱର ରଥ, ଉଦ୍ୟୋଗପତି ଅଶୋକ କୁମାର ଦାସ, ସାମ୍ବାଦିକ ସତ୍ୟମିଶ୍ର, ଦୀପକ ମହାନ୍ତି, ସମାଜସେବି ପ୍ରଦୀପ କୁମାର ଲେଙ୍କାଙ୍କ ସମେତ ବହୁ ଯୁବକ ଯୋଗଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ଦେବୀ ପ୍ରସାଦ ଦାସ ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି ଯେ, ରତ୍ନଗର୍ଭା ଓଡ଼ିଶା ଏବେ ବି ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳାରୁ ଭୂଲୁଣ୍ଠିତ ହୋଇ ଚାଲିଛି । ଯେ ପର୍ଯ୍ୟନ୍ତ ଯୁବପିଢି ଚାକିରୀ ଅନ୍ୱେଷଣ ଛାଡ଼ି ସମାଜ ସେବାରେ ସାମିଲ ହୋଇନାହାଁନ୍ତି ସେ ପର୍ଯ୍ୟନ୍ତ ଏହି ଲୁଣ୍ଠନକାରୀମାନଙ୍କ ଲୁଟ୍ ଜାରି ରହିଥିବ । ଗରିବ, ଅସହାୟ, ହରିଜନ, ଆଦିବାସୀ ଓ ଖଟିଖିଆଙ୍କ ମୁହଁରେ ହସ ଫୁଟାଇବା ସହ ସେମାନଙ୍କୁ ଉପଯୁକ୍ତ ସାମାଜିକ ସୁରକ୍ଷା ଯୋଗାଇଦେବାକୁ ଲେକ୍ସ ଆଓ୍ୱାରନେସ ଫାଉଣ୍ଡେସନ ଜନ୍ମ ନେଇଛି ବୋଲି ଦେବୀ ପ୍ରସାଦ ଜଣାଇଛନ୍ତି । ମାତ୍ର ୧୬ଦିନ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଦୁଇ ଦୁଇଟି କାର୍ଯ୍ୟକ୍ରମ କରି ଅସହାୟ ଗରିବଙ୍କ ବିଶ୍ୱାସ ଓ ଆସ୍ଥାର ଆଶା ବାଡ଼ି ସାଜିପାରିଛି ଏହି ଅନୁଷ୍ଠାନ ।

ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୫ ଫେବୃଆରୀ - ୧୧ ଫେବୃଆରୀ, ୨୦୧୮





# ଅସଲ ଦୋଷୀ କିଏ ?



## କୁନ୍ଦୁଲି ଗଣଦୁଷ୍କର୍ମ ମାମଲା

ଗଣଦୁଷ୍କର୍ମରେ ପୀଡିତା କୁନ୍ଦୁଲି ନାବାଳିକା ସସ୍ମିତାଙ୍କ ଆତ୍ମହତ୍ୟା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ମର୍ମାହତ କରିଛି। ନ୍ୟାୟ ନ ପାଇ ଏହି ନାବାଳିକା ପୀଡିତା ଘଟଣା ଘଟିବାର ୧୦୦ଦିନ ପର୍ଯ୍ୟନ୍ତ ଯେଉଁଭଳି ମାନସିକ ନିର୍ଯାତନା, ଅପମାନ ଓ ସାମାଜିକ ପରିଚୟ ସଙ୍କଟରେ ପଡି ଆତ୍ମହତ୍ୟା ଭଳି କଠୋର ପଥକୁ ବାଛିନେଲେ ତାହା ବିସ୍ମୟ ସୃଷ୍ଟି କରିଛି। ଘଟଣା ପରେ ପୀଡିତା ପ୍ରଶାସନକୁ ଦେଇଥିବା ବୟାନକୁ ବିଶ୍ୱାସ ନକରି ତାଙ୍କୁ ଯେଉଁଭଳି ମିଛ କଳଙ୍କ ସହିତ ଯୋଡି ଦିଆଗଲା ତାହା ଅତ୍ୟନ୍ତ ହୃଦୟ ବିଦାରକ। ଗତ ଅକ୍ଟୋବର ୧୦ ତାରିଖରେ ଦଳିତ ନାବାଳିକା ସସ୍ମିତାଙ୍କ ପ୍ରତି ହୋଇଥିବା ଏହି ଅମାନବୀୟ ଅତ୍ୟାଚାରକୁ ନେଇ ବ୍ୟବସ୍ଥା ବିରୋଧରେ ଚାରିଆଡୁ ସ୍ୱର ଉଠିଥିଲେ ବି ପୀଡିତାଙ୍କୁ ନ୍ୟାୟ ମିଳିନାହିଁ। ଧର୍ଷଣ ଜନିତ ଫରେନ୍‌ସିକ୍ ଲ୍ୟାବ ରିପୋର୍ଟରେ ମଧ୍ୟ ତାଳମେଳ ନଥିବାକୁ ନେଇ ଏବେ ବିବାଦ ଦେଖାଦେଇଛି। ଯେଉଁଥିପାଇଁ ସରକାର ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ, ଗୋଟିଏ ଗଣଦୁଷ୍କର୍ମ ଘଟଣାକୁ କିଭଳି ପ୍ରେମ କାହାଣୀରେ ରୂପାନ୍ତରିତ କରାଗଲା ଏବଂ ଏହା ପଛର ଅସଲ ଉଦ୍ଦେଶ୍ୟ କ'ଣ ତାହା ଲୋକଲୋଚନକୁ ଏଯାବତ୍ ଆସିପାରିନାହିଁ। ତଦନ୍ତର ନିରପେକ୍ଷତାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ବେଳେ ପୀଡିତାଙ୍କ ବୟାନକୁ ପୋଲିସ ଗୁରୁତ୍ୱ ନ ଦେବାର ରହସ୍ୟ କ'ଣ ? ନିଜ ଉପରେ ହୋଇଥିବା ଅତ୍ୟାଚାର ସମ୍ପର୍କରେ ଅଭିଯୁକ୍ତଙ୍କ ବିଷୟରେ ଯାହା ବୟାନ ରଖିଥିଲେ ତାହା ତଦନ୍ତ ପରିସରଭୁକ୍ତ ନହେବା ହୁଏତ ପୀଡିତାଙ୍କୁ ବିଶେଷ ମର୍ମାହତ କରିବାରୁ ସେ ଆତ୍ମହତ୍ୟା କରିବା ସହିତ ବ୍ୟବସ୍ଥା ପ୍ରତି ଏକ ବିରାଟ ପ୍ରଶ୍ନବାଚୀ ଛାଡିଦେଇ ଯାଇଛନ୍ତି। ଯାହାକୁ ନେଇ ବିରୋଧୀ କଂଗ୍ରେସ ଓ ବିଜେପି ଏବେ ରାଜ୍ୟ ସରକାରଙ୍କୁ ଘେରିଛନ୍ତି। ମାମଲାକୁ ନେଇ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ନିକଟରେ କଂଗ୍ରେସର ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ ସହିତ ବିଜେପିର ହରତାଳ ମାମଲାକୁ ଜଟିଳ କରିଦେଇଛି। କୁନ୍ଦୁଲି ମାମଲା ସମ୍ପ୍ରତି ସରକାରଙ୍କୁ କାଠଗଡ଼ାରେ ଠିଆ କରି ଦେଇଥିଲା ବେଳେ ବିଜେପି ମହିଳା ମୋର୍ଚ୍ଚା ତରଫରୁ ମୃତ ପୀଡିତାଙ୍କ ପରିବାରକୁ ଏକକୋଟି ଟଙ୍କାର କ୍ଷତିପୂରଣ ଦେବାକୁ ଦାବି ଉଠିଛି। ଏହାସହିତ ବିଜେପି ମହିଳା ମୋର୍ଚ୍ଚାର ସଦସ୍ୟାମାନେ ଓଡ଼ିଶା ମାନବାଧିକାର ଆୟୋଗଙ୍କୁ ଭେଟି ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଅପରପକ୍ଷେ କଂଗ୍ରେସ ଏହି ମାମଲାରେ ପ୍ରକୃତ ଅଭିଯୁକ୍ତଙ୍କୁ ସରକାର ଘଣ୍ଟ ଘୋଡାଉଥିବା ଅଭିଯୋଗ ଆଣିଛି। ଗଣମାଧ୍ୟମରେ ଫରେନ୍‌ସିକ୍ ଲ୍ୟାବ ରିପୋର୍ଟ ପ୍ରସାରିତ ହେବା ପରେ ପ୍ରକାଶ ପାଇଥିବା ରିପୋର୍ଟର ବାସ୍ତବତା ଉନ୍ମୋଚନ ପାଇଁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ ମହାନିର୍ଦ୍ଦେଶକ। ମାମଲାର ନ୍ୟାୟିକ ତଦନ୍ତ ଦାବିରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଏଫ୍‌ଏଲ ରିପୋର୍ଟକୁ ନେଇ ଦ୍ୱନ୍ଦ୍ୱ ବଢ଼ି ଚାଲିଥିଲା ବେଳେ ବିରୋଧୀମାନେ ରାଜନୀତି କରୁଛନ୍ତି ବୋଲି କହିଛି ଶାସକ ବିଜେଡି। ଦିନକୁ ଦିନ ରହସ୍ୟମୟ ହୋଇପଡୁଥିବା କୁନ୍ଦୁଲି ଗଣଦୁଷ୍କର୍ମ ମାମଲାରେ ଅସଲ ଦୋଷୀ କିଏ ଏହାକୁ ନେଇ 'ଏକମାତ୍ର' ଏକ ଜନମତ ସଂଗ୍ରହ ଆରମ୍ଭ କରିଛି। ଓଡ଼ିଶାର ବୁଦ୍ଧିଜୀବୀ, ରାଜନେତା, ଆଇନ୍ ବିଶାରଦ, ଶିକ୍ଷକ ସମାଜ ଏବଂ ସାମାଜିକକର୍ମୀମାନେ ଏ ଦିଗରେ ଆଗେଇ ଆସି ନିଜର ସୁଚିନ୍ତିତ ମତ ରଖିଲେ ଏହା କୁନ୍ଦୁଲି ପୀଡିତାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ହୁଏତ କେତେକାଂଶରେ ସହାୟକ ହୋଇପାରିବ ବୋଲି ଆମେ ଅନୁଭବ କରୁଛୁ। ଅନୁରୋଧ, ଏଥିପାଇଁ ଆପଣ ଯାହା ସତ ଅନୁଭବ କରୁଛନ୍ତି ତାହା ପରିପ୍ରକାଶ କରନ୍ତୁ। ଯାହାଫଳରେ ବ୍ୟବସ୍ଥା ପ୍ରତି ଲୋକଙ୍କ ବିଶ୍ୱାସ ବଢ଼ିବା ସହିତ ଭାରତୀୟ ନ୍ୟାୟ ବ୍ୟବସ୍ଥା ସମସ୍ତଙ୍କ ପାଇଁ ସମାନ ବୋଲି ଅନୁଭବ ହୋଇପାରିବ।

କୁନ୍ଦୁଲି ଗଣଦୁଷ୍କର୍ମ ଘଟଣାର ପ୍ରାଥମିକ ତଦନ୍ତ ପୀଡିତାଙ୍କ ଅଭିଯୋଗ ଆଧାରରେ ନହୋଇ ଦିଗହରା ହୋଇଯାଇଛି। ଏକ୍ଷେତ୍ରରେ ଧର୍ଷିତାଙ୍କ ବୟାନକୁ ଏକମାତ୍ର ସାକ୍ଷ୍ୟ ଭାବେ ଗ୍ରହଣ କରିବାକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା ବେଳେ ତାହା ଅନୁପାଳନ କରାଯାଇନଥିବା ଜଣାପଡିଛି। ମାମଲାକୁ ଗତିଶୀଳ କରାଇବା ଏବଂ ତଦନ୍ତକୁ ଆଗେଇ ନେବା ପାଇଁ ଧର୍ଷିତାଙ୍କ ବୟାନ ହିଁ ଯଥେଷ୍ଟ। ଯେହେତୁ ଏଭଳି ଘଟଣା ସାଧାରଣତଃ ଲୋକଲୋଚନର ଆଢୁଆଳେ ବା ଏକାନ୍ତରେ ଘଟିଥାଏ। ତେଣୁ ଏଥିରେ ପୀଡିତା ହିଁ ସାକ୍ଷୀ ଭାବେ ପ୍ରତିପାଦିତ ହେଉ। କାରଣ ଦୁଷ୍କର୍ମ ଭଳି ଘଟଣା ବିଶେଷତଃ ନିର୍ଜନ ସ୍ଥାନରେ ଘଟୁଥିବାରୁ ଏହି ଘଟଣାରେ ପ୍ରଥମରୁ ସାକ୍ଷୀ ଭାବେ କେହି ନଥାନ୍ତି। ତେଣୁ ଦୁଷ୍କର୍ମ ପୀଡିତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ମେଡିକାଲ ପରୀକ୍ଷା ସହ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଦିଗ ପ୍ରତି ଧ୍ୟାନ ଦେଇ ତଦନ୍ତ କରିବା ଉଚିତ୍। ଧାରା ୩୭୬ ଅନୁସାରେ ପ୍ରାଇମେରୀ ରିପୋର୍ଟକୁ ଅନୁସରଣ କରି ଫାଇନାଲ ରିପୋର୍ଟ ପର୍ଯ୍ୟନ୍ତ ପହଞ୍ଚିବା କଥା। ଯାହା ଏକ୍ଷେତ୍ରରେ ହୋଇନଥିବା ପରିଲକ୍ଷିତ ହୋଇଛି। ପଟାଙ୍ଗୀ ଥାନାରେ ପ୍ରାଥମିକ ରିପୋର୍ଟ ଆଧାରରେ କେସ୍ ରେଜିଷ୍ଟ୍ରେସନ ହୋଇ ଏହାର ତଦନ୍ତ ଜାରି ରହିବା ବଦଳରେ ପୀଡିତାଙ୍କୁ ଡାକ୍ତରୀ ପରୀକ୍ଷା ଆଳରେ ମାନସିକ ନିର୍ଯାତନା ଦିଆଯାଇଥିବା ଗଣମାଧ୍ୟମରେ ପ୍ରଚାର ପ୍ରସାର ହୋଇଛି। ପ୍ରାଥମିକ ରିପୋର୍ଟକୁ ବାଦ୍ ଦିଆଯାଇ ଦ୍ୱିତୀୟ ରିପୋର୍ଟକୁ ତଥ୍ୟ ଭାବେ ଗ୍ରହଣ କରି ତଦନ୍ତକୁ ଦିଗହରା କରାଯାଇଥିବା ମନେହୁଏ। ଏଥିରେ ମାନବାଧିକାର କମିଶନଙ୍କ ରିପୋର୍ଟ ଏବଂ ତଦନ୍ତରେ ଦୀର୍ଘ ଦିନର ତଫାତ ରହିବା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ପ୍ରାଥମିକ ମେଡିକାଲ ରିପୋର୍ଟରେ ଧର୍ଷିତାଙ୍କ ଅନ୍ତଃବସ୍ତ୍ରରେ ଦୁଇଜଣଙ୍କ ବୀର୍ଯ୍ୟ ଥିବା ଜଣାପଡିଥିଲେ ବି ଦ୍ୱିତୀୟ ରିପୋର୍ଟରେ ଏହା ନଥିବା ଦର୍ଶାଯାଇଛି। ଧର୍ଷଣ ମାମଲାରେ ପ୍ରାଇମେରୀ ରିପୋର୍ଟକୁ ଆଧାର କରି ଫାଇନାଲ ରିପୋର୍ଟ ପର୍ଯ୍ୟନ୍ତ ଯିବାର ନିୟମ ଥିଲେ ବି ଏହା ଉଲ୍ଲଙ୍ଘନ ହୋଇଥିବାରୁ ମାମଲା ସମ୍ପୂର୍ଣ୍ଣ ସନ୍ଦେହପୂର୍ଣ୍ଣ। ଚାରିଆଡୁ ଚାପ ସୃଷ୍ଟି ହେବା ପରେ ରାଜ୍ୟ ଫରେନ୍‌ସିକ୍ ଲାବୋରୋଟାରୀର ରିପୋର୍ଟକୁ ମଧ୍ୟ ବିଶ୍ୱାସକୁ ନେଇନି ପୋଲିସ କିମ୍ବା ରାଜ୍ୟ ସରକାର। ଯାହା ଫଳରେ ଧର୍ଷିତାଙ୍କ ଅନ୍ତଃବସ୍ତ୍ର ପୁନର୍ବାର କେନ୍ଦ୍ରୀୟ ପରୀକ୍ଷାଗାରକୁ ଯାଞ୍ଚ ପାଇଁ ପଠାଯିବାରେ ମଧ୍ୟ ସନ୍ଦେହ ଉପୁଜିଛି। ଘଟଣାର ଆରମ୍ଭରୁ ପୋଲିସ ତଦନ୍ତକୁ ଦିଗହରା କରିବାକୁ ଚେଷ୍ଟା କରିବା ଫଳରେ ପୀଡିତାଙ୍କ ଉପରେ ପ୍ରବଳ ଚାପ ସୃଷ୍ଟି ହୋଇଛି। ଧର୍ଷିତାଙ୍କ ବୟାନକୁ ବିଶ୍ୱାସକୁ ନନେଇ ପୋଲିସ ତାଙ୍କୁ ଚିକିତ୍ସା ଆଳରେ କଟକ ବଡମେଡିକାଲକୁ ଆଣି ମଧ୍ୟ ପୀଡିତାଙ୍କ ଉପରେ ଚାପ ପ୍ରୟୋଗ କରିବା ସହିତ ତାଙ୍କ ପରିବାର ଲୋକଙ୍କୁ ମିଶିବା ପାଇଁ ସୁଯୋଗ ଦିଆଯାଇନାହିଁ। ଧର୍ଷିତାଙ୍କ ଚିକିତ୍ସା ସମୟରେ ପରିବାର ଲୋକଙ୍କୁ ତାଙ୍କ ନିକଟରୁ ଦୂରେଇ ରଖିବା ମଧ୍ୟ ପୋଲିସର କାର୍ଯ୍ୟଧାରା ପ୍ରତି ସନ୍ଦେହ ସୃଷ୍ଟି କରିଛି। ପ୍ରାଥମିକ ମେଡିକାଲ ରିପୋର୍ଟରେ ପୋଲିସ ସନ୍ତୁଷ୍ଟ ନହେଲେ ନିକଟସ୍ଥ ଜିଲ୍ଲା ହାସ୍‌ପାତାଳରେ ଧର୍ଷିତାଙ୍କ ତୁରନ୍ତ ପୁନଃ ଡାକ୍ତରୀ ମାଇନା କରାଯିବାର ନିୟମ ଥିଲେ ବି ଏଥିରେ ତାହା ଉଲ୍ଲଙ୍ଘନ କରାଯାଇଛି। ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ନକରି ପୋଲିସ ଏହାକୁ ଏକ ପ୍ରେମ ବ୍ୟାପାର କହି ଘଟଣା ଉପରୁ ନଜର ହଟାଇବାକୁ ଚେଷ୍ଟା କରି ମଧ୍ୟ ସଫଳ ହୋଇନାହିଁ। କାରଣ ପୋଲିସର ମନଗଢ଼ା ଲଭ୍ ଷ୍ଟୋରୀରେ କୌଣସି ସତ୍ୟତା ନଥିବାରୁ ବିଫଳ ହୋଇଛି ପୋଲିସ। ଏହା ମଧ୍ୟ ଧର୍ଷିତାଙ୍କ ପାଇଁ ଆଉଏକ ନିର୍ଯାତନା। ତେଣୁ ଜଣେ ୧୩ ବର୍ଷ ବୟସର ନାବାଳିକା କ୍ଷେତ୍ରରେ ଏତେ ଚାପ ସହିବାର ସାମର୍ଥ୍ୟ ଆସିବ କୁଆଡୁ ? ଧର୍ଷିତାଙ୍କୁ ଆଶ୍ୱାସନା ବଦଳରେ ଅଧିକରୁ ଅଧିକ ମାନସିକ ନିର୍ଯାତନା ଦେବା କେତେଦୂର ଯଥାର୍ଥ। ଯେଉଁ ଅବସ୍ଥାରେ ପୀଡିତା ପରିବାରର ଲୋକ ଏବଂ ପରିଚିତଙ୍କ ସହଯୋଗ ଲୋଡା ସେଭଳି ସ୍ଥିତିରେ ପୋଲିସର ନଜରବନ୍ଦୀ ପୀଡିତାଙ୍କୁ ଜୀବନ ହାରିବା ଭଳି ମାନସିକତା ଯୋଗାଇଛି। କାରଣ ପୀଡିତା ଭାବିଛନ୍ତି ଯେ - ନିଜର ନାରୀତ୍ୱ ଗଲା, ପରିବାରକୁ ପାଖ ପଡିଶା ଟାହିଟାପରା କଲେ ଏବଂ ନିଜର ସାଙ୍ଗସାଥୀମାନେ ମଧ୍ୟ ଦୂରେଇ ଗଲେ। ଏଭଳି ଅବସ୍ଥାରେ ଆଉ ବଞ୍ଚି ରହିବା ଠିକ୍ ହେବନି ମନେକରି ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଲେ। ତେଣୁ ଏହି ସମ୍ପୂର୍ଣ୍ଣ ଘଟଣାରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ପ୍ରକାରାନ୍ତରେ ସରକାର ଦାୟୀ। କାରଣ କୁନ୍ଦୁଲି ଘଟଣାକୁ ଯେଉଁଭଳି ଆରମ୍ଭରୁ ଦିଗହରା କରାଯାଇ ଚାପି ଦେବାକୁ ଚେଷ୍ଟା କରାଯାଇଛି ତାହା ଅତ୍ୟନ୍ତ ଜଘନ୍ୟ ଓ ନିନ୍ଦନୀୟ। କେବଳ କୁନ୍ଦୁଲି ଘଟଣା ନୁହେଁ ଏଭଳି ଘଟଣା ସମାଜ ପାଇଁ ଏକ କଳଙ୍କ। ଏଭଳି ଘଟୁଥିବା ଅନେକ ଘଟଣା ପାଇଁ ନିଶାଦ୍ରବ୍ୟ ଏବଂ କେତେକ କ୍ଷେତ୍ରରେ ସାମାଜିକ ଗଣମାଧ୍ୟମ ମଧ୍ୟ ଦାୟୀ। ଶିକ୍ଷା କ୍ଷେତ୍ରରେ ସ୍ଖଳନ, ନୀତିଭ୍ରଷ୍ଟ ଆଚାର ବିଚାର ଏବଂ ନୈତିକ ସଂସ୍କାରର ଅଭାବ ଯୋଗୁଁ ଏହା ଘଟୁଛି। ତେଣୁ ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ, ଜନସାଧାରଣ ସଚେତନ ନହେଲେ ଏହା ବଢ଼ି ଚାଲିବାର ଆଶଙ୍କା ରହିଛି। ତେଣୁ ସରକାରଙ୍କ ତରଫରୁ ଦିଆଯାଉଥିବା ସ୍ଲୋଗାନରେ କନ୍ୟାଭ୍ରୂଣ ରକ୍ଷା କରିବା କ'ଣ ଧର୍ଷଣ ପାଇଁ ? ଏହାହିଁ ସମସ୍ତଙ୍କ ପାଇଁ ଆଜିର ପ୍ରଶ୍ନବାଚୀ।



**ମାନସ ରଞ୍ଜନ ମହାପାତ୍ର**
*ପୂର୍ବତନ ଅଧ୍ୟକ୍ଷ, ଓଡ଼ିଶା ବାର କାଉନସିଲ୍*

କୁନ୍ଦୁଲି ଗଣଦୁଷ୍କର୍ମ ମାମଲାରେ ପ୍ରଥମ ଦୋଷୀ ସେହିମାନେ ଯେ ନିରୀହ ନାବାଳିକା ଜଣଙ୍କ ଉପରେ ଅମାନବୀୟ ଅତ୍ୟାଚାର କରିଥିଲେ। **ଦ୍ୱିତୀୟରେ,** ଫରେନ୍‌ସିକ ଲ୍ୟାବ୍ ରିପୋର୍ଟରେ ଅନିୟମିତତା ହେଉ, ତଦନ୍ତ ପ୍ରକ୍ରିୟାରେ ନିରପେକ୍ଷତାର ସନ୍ଦେହ, ଶାସନ ବ୍ୟବସ୍ଥାରେ ସ୍ଥାଣୁତା ଇତ୍ୟାଦି ହେଉ, କେବଳ ଏହି ଘଟଣା ନୁହେଁ ଅନେକ ଘଟଣାରେ ଏହିଭଳି ଆରୋପ ପ୍ରତ୍ୟାରୋପ, ଆଲୋଚନା ସମାଲୋଚନା ହୁଏ। କିନ୍ତୁ ଏଥିରୁ ସମସ୍ୟା ସମାଧାନର ସୂତ୍ର କେବେ ମଧ୍ୟ ବାହାରିନାହିଁ। ଏଭଳି ଦୁର୍ଭାଗ୍ୟଜନକ ଘଟଣା ବାରମ୍ବାର ଘଟୁଛି ଓ ସମୟକ୍ରମେ ପୀଡିତାମାନେ ଅସହାୟତାର ବୋଝ ତଳେ ନୀରବ ହୋଇଯାଉଛନ୍ତି। ସମ୍ବେଦନଶୀଳ ଶାସନ ବ୍ୟବସ୍ଥା ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରିବା, ଘଟଣାଟି ଲୋକଲୋଚନକୁ ଆଣିବା ପାଇଁ ଗଣମାଧ୍ୟମ ସକ୍ରିୟ ହେବା ଏବଂ ଦୋଷୀକୁ ଦୃଷ୍ଟାନ୍ତମୂଳକ ଦଣ୍ଡଦେବା ଏସବୁ ନିତାନ୍ତ ଆବଶ୍ୟକ। କିନ୍ତୁ ଅପରାଧର ମାତ୍ରା ଏଥିରେ କମିଯାଏନି। ଆଧୁନିକ ସୁରକ୍ଷା ବ୍ୟବସ୍ଥା, ସିସିଟିଭି କ୍ୟାମେରା ଲୁଟ୍‌ତରାଜ, ହତ୍ୟା ଇତ୍ୟାଦିକୁ ବନ୍ଦ କରିପାରୁଛି କି ? ପ୍ରକୃତରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଆମେମାନେ ସମସ୍ତେ ଦୋଷୀ ଯେଉଁମାନେ ବର୍ଷବର୍ଷ ଧରି କ୍ଷମତା, ଅର୍ଥ, ପ୍ରତିଷ୍ଠା ମୋହରେ ଧାଇଁ ନିଜର, ପରିବାର ସଦସ୍ୟଙ୍କର ବା ଆମ ଚିହ୍ନାଜଣା ଲୋକମାନଙ୍କର ଚରିତ୍ର ଗଠନ ଅଥବା ସୁଧାର ନିମନ୍ତେ ଧ୍ୟାନ ଦେଇନାହୁଁ। ନୈତିକ ଚରିତ୍ରର ଦ୍ରୁତ ଅବକ୍ଷୟ ହେତୁ ଶୈଶବ ଯେତେବେଳେ ପ୍ରାପ୍ତ ବୟସ୍କର ରୂପ ନେଉଛି, ମଣିଷଟି ସାଧାରଣ ଜୀବନରେ କୌଣସି ନା କୌଣସି ଅପରାଧ କରି ବସୁଛି। ଯଦି ସେ ଶାସନ ବ୍ୟବସ୍ଥାରେ କେଉଁଠି ଅବସ୍ଥାପିତ ଅଛି ସେଠାରେ ଏଭଳି ସମ୍ବେଦନଶୀଳ ମାମଲାରେ ସଠିକ୍ ଭୂମିକା ମଧ୍ୟ ନିଭାଇ ପାରୁନାହିଁ। **ତୃତୀୟରେ,** ଶାସନ ବ୍ୟବସ୍ଥାରେ ଥିବା ତ୍ରୁଟିବିଚ୍ୟୁତି ବିରୋଧରେ ପ୍ରତିବାଦ ଆବଶ୍ୟକ। କିନ୍ତୁ ଏଥିରେ ମୂଳ ସମସ୍ୟା ଲୋପ ପାଇବ ନାହିଁ। ଅପରାଧି ଅପରାଧର ବୋଝରେ ଭାରାକ୍ରାନ୍ତ ହେବା କଥା। ଅଥଚ ଅନ୍ୟର ଭୁଲ୍ ପାଇଁ ନିର୍ଦ୍ଦୋଷ ପୀଡିତା ନିଜର ବହୁମୂଲ୍ୟ ଜୀବନ ହାରିବା ପଛରେ ଦୋଷୀ ଆମେମାନେ। ଆମେ ମା'ବାପା ମାନେ, ପଡୋଶୀ, ବନ୍ଧୁବାନ୍ଧବ, ସମ୍ପର୍କୀୟ, ଶିକ୍ଷକ ସମାଜ, ସମାଜସେବୀମାନେ। କାରଣ, ପ୍ରତିକୂଳ ପରିସ୍ଥିତିରେ ମନୋବଳ ଦୃଢ଼ ରଖି ସମସ୍ୟାକୁ ସାହସର ସହିତ ମୁକାବିଲା କରିବା, ଏହା ଆମେ ନିଜକୁ ତଥା ଅନ୍ୟମାନଙ୍କୁ ଶିଖାଇ ପାରିନାହୁଁ। ଯେ ପର୍ଯ୍ୟନ୍ତ ବ୍ୟକ୍ତିର ବାଲ୍ୟାବସ୍ଥାରୁ ବଳିଷ୍ଠ ଚରିତ୍ର ଗଠନ ନିମନ୍ତେ ତା'ର ପରିବାର, ଶିକ୍ଷା ବ୍ୟବସ୍ଥା, ସାମାଜିକ ଅନୁଷ୍ଠାନ ଇତ୍ୟାଦିଙ୍କ ପକ୍ଷରୁ ପ୍ରାଣମୂର୍ଚ୍ଛା, ନିଷ୍ପାପର ଉଦ୍ୟମ କରାଯାଇନାହିଁ, ଏହି ସମସ୍ୟା ବଢ଼ିବ ପଛେ, କମିବ ନାହିଁ।



**ଗାୟତ୍ରୀ ଦାଶ**
ଭୁବନେଶ୍ୱର

କୁନ୍ଦୁଲି ଦୁଷ୍କର୍ମ ଏକ ସମ୍ବେଦନଶୀଳ ଘଟଣା। କୁନ୍ଦୁଲି ପୀଡିତାର କଥା ଭାବିଲେ ଆମ ନିଜକୁ ଲଜ୍ଜା ଲାଗୁଛି ଯେ ଆମେ ଶାନ୍ତ ଓଡ଼ିଶାର ଝିଅ ବୋଲି। ଏହି ଘଟଣାର ସିବିଆଇ ତଦନ୍ତ ଯେତେଶୀଘ୍ର ହେବ କରିବା କଥା। ଆଉ ଯିଏ ପ୍ରକୃତରେ ଦୋଷୀ ତାକୁ ଉଚିତ୍ ଦଣ୍ଡ ଦେବା କଥା। ତା' ପରିବାରକୁ ଓ ତାକୁ ନ୍ୟାୟ ଦେବା କଥା। ରାଜ୍ୟ ସରକାର ଦୋଷୀକୁ ନ ଘୋଡାଇ ଠିକ୍ ତଦନ୍ତ କରି ବାହାର କରିବା ଉଚିତ୍। ଓଡ଼ିଶାର ନାତୁନିଙ୍କୁ ଠିକ୍ ସୁରକ୍ଷା ଦେବା କଥା। ଯେଉଁଥିରେ କି ଆମ ଓଡ଼ିଶାର ଝିଅ, ବୋହୂ, ମା, ଭଉଣୀ ସୁରକ୍ଷିତ ବୋଲି ଭାବିବେ। ମୋ ମତରେ ଠିକ୍‌ରେ ତଦନ୍ତ କରି ଦୋଷୀକୁ ବାହାର କରନ୍ତୁ। ଯେମିତି ଆଉ ଗୋଟେ ସସ୍ମିତା ପରି ଜୀବନ ନ ହାରୁ। ଓଡ଼ିଶା ସରକାର ସେଥିପାଇଁ ଧ୍ୟାନ ଦେବା କଥା।



**ସଂଯୁକ୍ତା ଶତପଥୀ**
*ଜିଲ୍ଲା ସମ୍ପାଦିକା*
*ବିଜେପି, ବରଗଡ଼*

ଗଣଦୁଷ୍କର୍ମ ଭଳି ଜଘନ୍ୟ କାଣ୍ଡ ସମାଜ ପାଇଁ ଅତ୍ୟନ୍ତ ଲଜ୍ଜାଜନକ। ଏଭଳି ଘଟଣା ଘଟାଉଥିବା ଅଭିଯୁକ୍ତମାନଙ୍କୁ କଠୋରରୁ କଠୋର ଦଣ୍ଡର ଆବଶ୍ୟକତା ଥିଲା ବେଳେ କୁନ୍ଦୁଲି ଗଣଦୁଷ୍କର୍ମ ଘଟଣାରେ ପୋଲିସ ଅଭିଯୁକ୍ତକୁ ନ ଧରିବା ଏବଂ ତଦନ୍ତରେ ଶିଥିଳତା ଦେଖାଇବା ଫଳରେ ଏହା ଭିନ୍ନମୋଡ ନେଇଛି। ଯେକୌଣସି ଦୃଷ୍ଟିକୋଣରୁ ବିଚାର କଲେ ଏହା ନିରପେକ୍ଷତା ନୁହେଁ ଏବଂ ବ୍ୟବସ୍ଥା ପ୍ରତି ଏକ ଚ୍ୟାଲେଞ୍ଜ। ପୀଡିତାଙ୍କ ଅଭିଯୋଗ ଓ ପ୍ରାଥମିକ ଡାକ୍ତରୀ ମାଇନା ରିପୋର୍ଟରେ ସନ୍ଦେହ ପ୍ରକାଶ ପାଇବାର କାରଣ କ'ଣ ? ଏହା ନିଃସନ୍ଦେହ ଯେ, ଏହି ଘଟଣାରେ ରାଜନୈତିକ ହସ୍ତକ୍ଷେପ ସ୍ପଷ୍ଟ ବାରି ହୋଇପଡୁଛି। ଅନ୍ୟ ଛୋଟ ଅପରାଧିକ ମାମଲା ଭଳି ଏହା ଏକ ସହଜ ଘଟଣା ନୁହେଁ। ଯେହେତୁ ପୀଡିତା ଜଣେ ନାବାଳିକା ଏବଂ ଆଦିବାସୀ ଛାତ୍ରୀ ତାଙ୍କ କ୍ଷେତ୍ରରେ ସରକାର ଯଥେଷ୍ଟ ସତର୍କତାର ସହିତ ନିରପେକ୍ଷ ଭାବେ ଏହାର ତଦନ୍ତ କରାଇ ସତ୍ୟତା ଲୋକଲୋଚନକୁ ଆଣିବା ଦରକାର।



**ଅଶୋକ କୁମାର ପାତ୍ର**
*ବରିଷ୍ଠ ଆଇନଜୀବୀ*
ଭୁବନେଶ୍ୱର

ବାଡ ଯଦି ଫସଲ ଖାଇଲା ତେବେ କହିବା କାହାକୁ ? ଜଣେ ନିରୀହ ଆଦିବାସୀ ଝିଅ କ'ଣ ପାଇଁ ନିଜ ଉପରେ ଗଣଦୁଷ୍କର୍ମ ଭଳି କଳଙ୍କ ଲଗାଇବ। ସରକାର ଏଭଳି ଏକ ସଙ୍ଗୀନ ପ୍ରସଙ୍ଗରେ ନିଜର ଭାବମୂର୍ତ୍ତି ବଞ୍ଚାଇବାକୁ ଯାଇ ଘଟଣା ଉପରେରେ ଘଣ୍ଟ ଘୋଡାଇବାକୁ ଯେଉଁଭଳି ଉଦ୍ୟମ କଲେ ତାହା ନିନ୍ଦନୀୟ। ଫରେନସିକ୍ ରିପୋର୍ଟକୁ ଏପଟ ସେପଟ କରି ସେଥିରେ ମିଥ୍ୟା ତଥ୍ୟ ଯୋଡିବା କେତେଦୂର ଗ୍ରହଣୀୟ ? ଏହି ଘଟଣାକୁ ନେଇ ଆଗାମୀ ଦିନରେ ସାଧାରଣ ଜନତା ସରକାରଙ୍କ ଘଣ୍ଟ ବଜାଇବା ସୁନିଶ୍ଚିତ। ତେବେ ସରକାର ଲୋକଙ୍କୁ ଯେଉଁଭଳି ଫମ୍ପା ଭାବମୂର୍ତ୍ତି ଓ ମିଛ ଆଦର୍ଶ ବାହାନାରେ ବୋକା ବନାଉଛନ୍ତି ତାହା ଆଉ ବେଶୀଦିନ ନୁହେଁ। କୁନ୍ଦୁଲି ଘଟଣା ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। ଜଣେ ଆଦିବାସୀ ସ୍କୁଲ ଛାତ୍ରୀ ପ୍ରତି ଏଭଳି ଅନ୍ୟାୟ ଭାବ ପ୍ରକାଶ କରିବା ଦ୍ୱାରା ସମଗ୍ର ନାରୀ ଜାତି ନିନ୍ଦିତ ହୋଇଛି। ତେଣୁ ରାଜ୍ୟ ସରକାରଙ୍କର ସତ୍‌ସାହସ ଅଛି ତ ପ୍ରକୃତ ଦୋଷୀକୁ ଖୋଜି ଉପଯୁକ୍ତ ଦଣ୍ଡ ଦେଇ ଆତ୍ମହତ୍ୟା କରିଥିବା କୁନ୍ଦୁଲି ପୀଡିତାଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ। ନଚେତ୍ କୁନ୍ଦୁଲି ନିଆଁ ସରକାରଙ୍କ ପାଇଁ ବିପର୍ଯ୍ୟୟର କାରଣ ପାଲଟିପାରେ।



**ଇଂ. ମାନସ କୁମାର ମହାନ୍ତି**
*ବିଜେପି ନେତା, ପାଟକୁରା*

ମୁଁ ନିଜେ ଦୋଷୀ। ମୋର ଗୋଟେ ଭଉଣୀଠାରୁ ମୁଁ ନିଜେ ବଞ୍ଚିବାର ହକ୍ ଛଡାଇନେଲି। ଆଉ ଆପଣମାନେ ବି ଦୋଷୀ। ଆମ ସମାଜର ମା' ଆଉ ଭଉଣୀମାନେ ସୁରକ୍ଷିତ ନୁହଁନ୍ତି। ଯେଉଁଦିନ ଆମେ ସମସ୍ତେ ସ୍ୱୀକାର କରିବା କି ଏଥିପାଇଁ ଆମେ ସବୁ ଦୋଷୀ ବୋଲି ସେଦିନ ଏଭଳି ନିର୍ମମ କାଣ୍ଡ ଆଉ ହେବନି। ଆପଣମାନଙ୍କୁ ଆଉ ମୋ ନିଜକୁ ବି ଗୋଟେ ପ୍ରଶ୍ନ। ସରକାର, ବିରୋଧୀ, କେନ୍ଦ୍ର କେହି କିଛି କରିଲେନି... କିନ୍ତୁ ଆମେ ସବୁ କ'ଣ କରିପାରିଲେ ?



**ଆଶିଷ କୁମାର ରାଉତ**
ଭଦ୍ରକ

କୁନ୍ଦୁଲି ଗଣଦୁଷ୍କର୍ମ ଘଟଣା ସମ୍ପର୍କରେ ସଂକ୍ଷେପରେ ଏତିକି କହିବି ଯେ, ବର୍ତ୍ତମାନର ସ୍ୱାର୍ଥ ସର୍ବସ୍ୱ ଦୁନିଆରେ ସମସ୍ତେ ନିଜ ନିଜର ସ୍ୱାର୍ଥକୁ ହିଁ ଗୁରୁତ୍ୱ ଦେଉଛନ୍ତି। ତେଣୁ ଏପରି ଘଟଣାରେ ପ୍ରକୃତ ଦୋଷୀ କିଏ ବୋଲି ଯଦି ଖୋଜିବାକୁ ଯିବା ତେବେ ଏତିକି କହିପାରିବା ଯେ, ଏଥିପାଇଁ ଆମ ସମାଜ, ବିଧିବ୍ୟବସ୍ଥା ଏବଂ ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ନିୟୋଜିତ ଥିବା ପ୍ରତିବଦ୍ଧ ସମ୍ପନ୍ନ ପୋଲିସ କର୍ମକର୍ତ୍ତା, ରାଜନୈତିକ ଦଳ ତଥା ଗଣତନ୍ତ୍ର ପାଇଁ କାର୍ଯ୍ୟ କରୁଥିବା ମିଡିଆବାଲା ସମସ୍ତେ ଦୋଷୀ।



**ଉପାଳୀ ଦାଶ**
*ଦିବ୍ୟଜୀବନ ସଂସ୍କୃତି ସଂଘ*
*ଅହମ୍ମଦାବାଦ*

କୁନ୍ଦୁଲି ଦୁଷ୍କର୍ମ ଏକ ସମ୍ବେଦନଶୀଳ ଘଟଣା। ମୁଁ କୌଣସି ଦଳ ପକ୍ଷରୁ ମତାମତ ରଖୁନାହିଁ। ମତାମତଟି ମୋର ସମ୍ପୂର୍ଣ୍ଣ ନିଜସ୍ୱ। ମୋ ମତରେ ଏହି ଦୁଷ୍କର୍ମ ଘଟଣାଟି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ ଏବଂ ପରୋକ୍ଷରେ ହେଉ ବା ପ୍ରତ୍ୟେକ୍ଷରେ ଆମର ସମାଜ ଓ ଆମର ମାନସିକତା ଦାୟୀ। ଯେତେବେଳେ ପୀଡିତାର ବୟାନ ଏସ୍‌ଓଜି ଯବାନଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କଲା ସେତେବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିଜ ନିଜକୁ ବଞ୍ଚାଇବାରେ ଲାଗିପଡିଲେ। ସଠିକ୍ ଭାବରେ ତଦନ୍ତ କରିଲେ ନାହିଁ। ଏଥିରେ ଡାକ୍ତର, ପୋଲିସ ଓ ପ୍ରଶାସନର କାର୍ଯ୍ୟକଳାପ ମଧ୍ୟ ସନ୍ଦେହ ଘେରରେ ରହିଛି। କେନ୍ଦ୍ର ସରକାର ଚାହିଁଥିଲେ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇ ପାରିଥାନ୍ତେ, କିନ୍ତୁ କଲେ ନାହିଁ। ଆଉ ରାଜ୍ୟ ସରକାରଙ୍କ କଥା କ'ଣ କହିବି 'ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ'। ଏମାନଙ୍କ ଦ୍ୱାରା ମାନସିକ ଯନ୍ତ୍ରଣାର ଶିକାର ହୋଇ ଶେଷରେ ପୀଡିତାଟି ଆତ୍ମହତ୍ୟା କରିଲା। ଆତ୍ମହତ୍ୟା ପରେ ରାଜନୈତିକ ଉଷ୍ମତା ଆହୁରି ବଢ଼ିଗଲା। ବିଭିନ୍ନ ପ୍ରକାର ବୟାନବାଜି ଓ କାଦୁଅ ଫିଙ୍ଗା ଫିଙ୍ଗି ଚାଲିଲା। ଏପଟେ ଆମ ସାମ୍ବାଦିକ ଭାଇମାନେ ବିଭିନ୍ନ ପ୍ରକାରର ପୋଷ୍ଟ କରି ପ୍ରଶ୍ନ ଆଳରେ ମୃତ ପୀଡିତାର ଚରିତ୍ର ସଂହାର କରିଲେ ଅର୍ଥାତ୍ ମୃତ ପୀଡିତାଟି ଦୈନିକ ଧର୍ଷିତ ହେଲା। ଭାଇମାନେ ପ୍ରକୃତରେ ଯଦି ପୀଡିତାକୁ ନ୍ୟାୟ ଦେବାକୁ ଚାହୁଁଥିଲେ ଦଳଗତ ନିର୍ବିଶେଷରେ ସମସ୍ତେ ଏକ ହୋଇ କିପରି ସୁଚାରୁରୂପେ ତଦନ୍ତ ହେବ ଓ ଦୋଷୀକୁ ଧରାଯାଇ ଦଣ୍ଡିତ କରାଯିବ ତାର ବ୍ୟବସ୍ଥା କରିବା ଆବଶ୍ୟକ।



**ଅସିତ କୁମାର ଘୋଷାଲ**
ଭୁବନେଶ୍ୱର

No doubt the victim of Kunduli Gang rape case could not get Justice and at last She was constraint to commit suicide because of She could not get Justice till her last breath.So in this context my opinion is the State Govt is solely responsible for this incident as because the Police Administration didn't investigate the matter rather the victim was pressurized from all corner to withdraw the case,inspite of her demand n request to identify the Culprits of the date of occurance those who were in Police uniform, But the Administration of Odissa did not pay any heed. Atlast in a help less condition She committed suicide. so the Odissa Administration is responsible for her death n CBI should Investigate the matter n real Culprits should be arrested and severe punishment should be given to them.



**Bijay Kumar Singh**
*Advocate*

ମୋ ମତରେ କୁନ୍ଦୁଲି ଭଳି ଘଟଣା ପାଇଁ ପ୍ରଶାସନ, ସରକାରୀ ଦଳ, ବିରୋଧୀ ଦଳ, ସମ୍ବିଧାନ ସହିତ ଆମ ସମାଜ ବି ସମ ପରିମାଣରେ ଦାୟୀ। ପ୍ରଶାସନ ଏଇଥିପାଇଁ ଦାୟୀ ଯେ ସେମାନେ ପୀଡିତାର ଅଭିଯୋଗ ସହଜରେ ଗ୍ରହଣ କରନ୍ତିନାହିଁ। ସରକାରୀ ଦଳ ଭାବନ୍ତି ମାନିଗଲେ ସେମାନେ କାଳେ ସବୁ ଦୋଷ ମୁଣ୍ଡେଇବେ। ତାଙ୍କ ସରକାର ବିଫଳ ବୋଲି ପ୍ରମାଣିତ ହୋଇଯିବ। ବିରୋଧୀ ଦଳ ଦୋଷୀକୁ ଛାଡ଼ି ସରକାରୀ ଦଳକୁ ଏମିତି ଘାଇଲା କରନ୍ତି ସତେ ଯେମିତି ମୁଖ୍ୟମନ୍ତ୍ରୀ କି ସରକାରୀ ଦଳର ନେତା ହିଁ ନିଜେ ସବୁ କରିଛନ୍ତି। ତା' ଦ୍ୱାରା ଅସଲ ଆସାମୀ ଖସିଯାଏ। ବିରୋଧୀ ଦଳ ଖାଲି କୁଶପୁତ୍ତଳିକା ଦାହର ନାଟକ କରନ୍ତି। ଆମ ସମ୍ବିଧାନ ବା ନ୍ୟାୟିକ ବ୍ୟବସ୍ଥା ମେଡିକାଲ ଟେଷ୍ଟ, ଜେରା ଓ ଦୋଷୀ ଚିହ୍ନଟ ନାଁରେ ପୀଡିତା ଓ ତା'ର ପରିବାରକୁ କମ୍ ହଇରାଣ କରନ୍ତି ନାହିଁ। ଅବଶ୍ୟ ଏସବୁ ନ ହେଲେ ପୁରୁଷମାନେ ମିଛରେ ଫସି ଯିବାର ସମ୍ଭାବନା ଅଧିକ ଥାଏ। ଶେଷରେ ଗୋଟିଏ କଥା ପୀଡିତା ଆତ୍ମହତ୍ୟା କରିବା ଭଳି ଉଦାହରଣ ପ୍ରାୟ କମ୍ ଦେଖିବାକୁ ମିଳେ। ସେ ବହୁତ ଆଶା ମନରେ ରଖି ପୁଣି ଫେରିଆସେ ଆମ ସମାଜକୁ। ହେଲେ ଆମ ସମାଜ ତାକୁ ସହାନୁଭୂତି ଦେଖେଇବା ବଦଳରେ ଏମିତି ବ୍ୟବହାର କରେ ସତେ ଯେମିତି ଯାହାସବୁ ଘଟିଗଲା ସେ ସବୁଥିରେ ତା' ସମ୍ମତି ଥିଲା।

**ପ୍ରତିକାର :** ମଦ ଦୋକାନ ଖୋଲିଲା ଭଳି ବେଶ୍ୟାଳୟ ଫୁଲାଏ ଖୋଲିଦେଲେ, ସରକାରଙ୍କ ରୋଜଗାର ହେବା ସଙ୍ଗେ ସଙ୍ଗେ ଝିଅ ବୋହୂଙ୍କ ଇଜ୍ଜତ ସୁରକ୍ଷିତ ରୁହନ୍ତା। ମଦ ଦ୍ୱାରା ପରିବାର ଉଜୁଡିଯାଏ ହେଲେ ବେଶ୍ୟାଳୟ ଖୋଲିଲେ ସେମିତି କିଛି ଉଜୁଡି ଯିବାର ନାହିଁ। ଦୋଷୀକୁ କଠୋର ଦଣ୍ଡର ବ୍ୟବସ୍ଥା କରାଗଲେ ହୁଏତ ଦୁଷ୍କର୍ମ ସହ ହତ୍ୟାର ସମ୍ଭାବନା ଅଧିକ ହେଇପାରେ। ଆମେ ବି ତ ପ୍ରାୟ ପାଶ୍ଚାତ୍ୟ ସଭ୍ୟତାକୁ ଆପଣେଇ ସାରିଲୁଣି। ସବୁଆଡେ ବେଶ୍ୟାଳୟ ଖୋଲିବାରେ ଅସୁବିଧା କେଉଁଠି ! ଏହି କୁନ୍ଦୁଲି ଘଟଣାରେ ଏବେ ଆଉ ନ୍ୟାୟ ମିଳିବାର କୌଣସି ଆଶା ଦେଖାଯାଉନାହିଁ। ସମ୍ପୂର୍ଣ୍ଣ ଘଟଣାଟି ପୁରା ଗୋଳିଆ ମିଶା ହେଇଗଲାଣି।



**ଶିବାଶୀଷ ମହାପାତ୍ର**
*ଆଡ୍‌ଭୋକେଟ୍, ଓଡ଼ିଶା ହାଇକୋର୍ଟ*

For the above incident alleged cuprits are DCPO who filed FIR , IIC patangi police station, lady Inquiry officer , SP - Koraput. ADG-Hrpc, Police DG , DM-Koraput , and Doctor treating her in patangi hospital and Koraput Medical college . Also member's of CWC , State Crime branch also Govt councillor



**Sanjukata Panigrahi**
*Social Activist*

ଏହି ଘଟଣାର ପାରିପାର୍ଶ୍ୱିକ ଅବସ୍ଥାକୁ ବିଚାର କଲେ ନିରୀହ ଝିଅଟିର ଓ ତା'ର ପରିବାରକୁ ଶତପ୍ରତିଶତ ନ୍ୟାୟ ମିଳିବା ଦରକାର। ନିଶ୍ଚିତ ଭାବରେ କାର୍ଯ୍ୟରତ ସରକାର ସମସ୍ତ ଦାୟିତ୍ୱ ନିରପେକ୍ଷ ଭାବରେ ଗ୍ରହଣ କରି ଦୋଷୀକୁ ଦଣ୍ଡ ପ୍ରଦାନ କଲେ ସେ ଝିଅଟିକୁ ନ୍ୟାୟ ମିଳିପାରିବ। ନ୍ୟାୟିକ ବ୍ୟବସ୍ଥାର ସମ୍ମାନ କରି ତଦନ୍ତ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ କିଏ ଦୋଷୀ କହିବା ଠିକ୍ ହେବନାହିଁ।



**ଅକ୍ଷୟ ଦାଶ**
*ଆଡ୍‌ଭୋକେଟ୍*
ଭୁବନେଶ୍ୱର

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**